# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ଅଗଷ୍ଟ ୨/୨୦୨୧ (୧୨ ପୃଷ୍ଠା) | Balasore, Monday, August 2/2021 | ★★★★

୪୭ଶ ଭାଗ ୨୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଜାକବ୍ସ ଜିତିଲେ ୧୦୦ମିଟର ରେସ୍**


ଇଟାଲୀର ମାର୍ସେଲ ଜାକବ୍ସ ଅଲିମ୍ପିକ ପୁରୁଷ ୧୦୦ମିଟର ରେସ୍ ଜିତିଛନ୍ତି।

୧୧

୧୦

**ଦୀପିକା ଗର୍ଭବତୀ ଥିବା ଚର୍ଚ୍ଚା**

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ସ୍ୱାମୀ ରଣବୀର ସିଂଙ୍କ ସହ ଏକ ହସ୍ପିଟାଲ ବାହାରେ ନଜର ଆସିବା ପରେ ସେ ଗର୍ଭବତୀ ଥିବା ଚର୍ଚ୍ଚା ହେଉଛି।



# ସିନ୍ଧୁଙ୍କୁ ବ୍ରୋଞ୍ଜ, ହକିରୁ ଆଶା



ପି.ଭି. ସିନ୍ଧୁ

**ଟୋକିଓ ଅଲିମ୍ପିକ୍ସରୁ ରବିବାର ଭାରତ ପାଇଁ ଆସିଛି ଭଲ ଖବର । ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଥିବାବେଳେ ଦୀର୍ଘ ୪୯ ବର୍ଷ ବ୍ୟବଧାନରେ ଭାରତୀୟ ପୁରୁଷ ହକି ଦଳ ସେମିଫାଇନାଲରେ ପ୍ରବେଶ କରିଛି ।**

ଟୋକିଓ, ୧।୮(ପି.ଟି)

ଟୋକିଓ ଅଲିମ୍ପିକ୍ସରେ ପଦକ ଜିତି ଆଉଜଣେ ମହିଳା ଭାରତକୁ ଗର୍ବିତ କରିଛନ୍ତି । ପୂର୍ବରୁ ଭାରୋତ୍ତୋଳନ ଇଭେଣ୍ଟରେ ମୀରାବାଈ ଚାନୁ ରୌପ୍ୟ ପଦକ ପାଇଥିବାବେଳେ ରବିବାର ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ। ମହିଳା ବକ୍ସିଂରେ ଲଭଲିନା ବୋର୍ଗୋହେନ୍

**ଦୁଇ ଅଲିମ୍ପିକ୍ସରେ ପଦକ ଜିତିବାରେ ପ୍ରଥମ ମହିଳା**

ସେମିଫାଇନାଲରେ ପ୍ରବେଶ କରି ଦେଶ ପାଇଁ ପଦକ ନିଶ୍ଚିତ କରିଛନ୍ତି। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ସିନ୍ଧୁ ମହିଳା ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ବ୍ରୋଞ୍ଜ ପଦକ ମୁକାବିଲାରେ ବିଶ୍ୱର ୯ ନମ୍ବର ଖେଳାଳି ଚାଇନାର ହେ ବିଙ୍ଗ୍ ଜିଆଓଙ୍କୁ ୨୧-୧୩, ୨୧-୧୫ ପଏଣ୍ଟରେ ପରାସ୍ତ କରିଛନ୍ତି। ୨୦୧୬ ରିଓ ଡି ଜେନିରୋ ଅଲିମ୍ପିକ୍ସରେ ସିନ୍ଧୁ ରୌପ୍ୟ ପଦକ ହାସଲ କରିଥିଲେ। ଭାରତର ପ୍ରଥମ ମହିଳା ଖେଳାଳିଭାବେ ସିନ୍ଧୁ ୨ଟି ଅଲିମ୍ପିକ୍ସରେ ପଦକ ଜିତିଛନ୍ତି। ଗତ ୫ ବର୍ଷ ମଧ୍ୟରେ ସିନ୍ଧୁ ଖେଳିଥିବା ସମସ୍ତ ବଡ଼ ଟୁର୍ନାମେଣ୍ଟରେ ସଫଳ ହୋଇଛନ୍ତି। ଏହା ମଧ୍ୟରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସ, ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ଫାଇନାଲ୍ସ ଆଦି ମେଗା ଇଭେଣ୍ଟ ସାମିଲ। ଭାରତୀୟ ପୁରୁଷ ଆଥଲେଟ୍‌ଭାବେ କେବଳ ରେସ୍‌ଲର ସୁଶୀଲ କୁମାର ୨ଟି ଅଲିମ୍ପିକ୍ସରେ ପଦକ ଜିତିଥିଲେ। ସେ ୨୦୦୮ ବେଜିଂ ଅଲିମ୍ପିକ୍ସରେ ବ୍ରୋଞ୍ଜ ଏବଂ ୨୦୧୨ ଲଣ୍ଡନରେ ରୌପ୍ୟ ପଦକ ହାସଲ କରିଥିଲେ।

ଗତ ୧୫ ଥର ଦୁଇ ଖେଳାଳିଙ୍କ ମଧ୍ୟରେ ହୋଇଥିବା ମୁକାବିଲାରେ ସିନ୍ଧୁ ୯ ଥର ଜିଆଓଙ୍କଠାରୁ ପରାଜିତ ହୋଇଥିଲେ। ମାତ୍ର ଏଥର ମାନସିକ ଦୃଢ଼ତା ଦେଖାଇ ସେ ଟୋକିଓରୁ ଭାରତ ଅତିକମ୍‌ରେ ୩ ପଦକ ପାଇବା ସ୍ପଷ୍ଟ କରିଛନ୍ତି। ସେମିଫାଇନାଲରେ ବିଶ୍ୱର ନମ୍ବର ୱାନ ଖେଳାଳି ତାଇ ଜୁ ୟିଙ୍ଗଙ୍କଠାରୁ ପରାଜୟକୁ ଭୁଲି ସେ ଦେଶପାଇଁ ଗୌରବ ଆଣିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଏହା ପୂର୍ବରୁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଅନ୍ୟତମ ଭାରତୀୟ ମହିଳା ତାରକା ସାଇନା ନେହ୍ୱାଲ ମହିଳା ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୧୯୯୫ ଜୁଲାଇ ୫ରେ ☞ପୃଷ୍ଠା-୪

## ୪୯ ବର୍ଷ ପରେ ସେମିରେ ଭାରତ

ଟୋକିଓ, ୧।୮(ପି.ଟି.)

ଅତୀତର ହକି ଗୌରବ ଏବେ ଫେରିଆସିବା ଭଳି ମନେହେଉଛି। ଅଲିମ୍ପିକ୍ସରେ ରେକର୍ଡ ୮ଟି ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତ ଦୀର୍ଘ ୪୯ ବର୍ଷ ପରେ ସେମିଫାଇନାଲରେ ପ୍ରବେଶ କରିଛି। ମନପ୍ରୀତ୍ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ହକି ଦଳ ଏଥିସହ ଇତିହାସ ସୃଷ୍ଟି କରିଛି। ଟୋକିଓ ଅଲିମ୍ପିକ୍ସରେ ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଭାରତ ୩-୧ ଗୋଲରେ ଗ୍ରେଟ୍ ବ୍ରିଟେନକୁ ହରାଇ ପାଖାପାଖି ୫ ଦଶନ୍ଧି ପରେ ପୁରୁଣା ସଫଳତାକୁ ଦୋହରାଇଛି। ଭାରତ ତରଫରୁ ଦିଲପ୍ରୀତ୍ ସିଂ ୭ମ, ଗୁର୍‌ଜନ୍ତ ସିଂ ୧୬ତମ ଓ ହାର୍ଦ୍ଦିକ ସିଂ ୫୭ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅନ୍ୟପଟେ ବ୍ରିଟେନ ତରଫରୁ ୪୫ତମ ମିନିଟ୍‌ରେ ସାମ୍ ୱାର୍ଡ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଏବେ ସେମିଫାଇନାଲରେ ଭାରତ ଅଗଷ୍ଟ ୩ ମଙ୍ଗଳବାର ବେଲଜିୟମକୁ ଭେଟିବ। ବେଲଜିୟମ ରବିବାର ଅନ୍ୟଏକ କ୍ୱାର୍ଟର ଫାଇନାଲରେ ସ୍ପେନକୁ ୩-୧ ଗୋଲରେ ହରାଇ ସେମିକୁ ଉଠିଛି। ସେହିପରି ଅନ୍ୟଏକ ସେମିଫାଇନାଲରେ ଅଷ୍ଟ୍ରେଲିଆ ଓ ଜର୍ମାନୀ ପରସ୍ପରକୁ ଭେଟିବା ନିଶ୍ଚିତ ହୋଇଛି।

୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତ ସ୍ୱର୍ଣ୍ଣ ପଦକ ଜିତିଥିଲା। ତେବେ ଅଲିମ୍ପିକ୍ସର ଏହି ସଂସ୍କରଣରେ ସେମିଫାଇନାଲ

**ଅଲିମ୍ପିକ୍ସ ହକି**

ମ୍ୟାଚ୍ ଆୟୋଜିତ ହୋଇ ନ ଥିଲା। ହକି ଇଭେଣ୍ଟରେ ସେତେବେଳେ ମାତ୍ର ୬ଟି ଦଳ ଅଂଶଗ୍ରହଣ କରିଥିଲେ। ଶେଷଥର ପାଇଁ ଭାରତ ୧୯୭୨ ମ୍ୟୁନିକ ଅଲିମ୍ପିକ୍ସରେ ସେମିଫାଇନାଲରେ ପ୍ରବେଶ କରିଥିଲା। ତେବେ ସେମିରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନଠାରୁ ୦-୨ରେ ପରାସ୍ତ ହୋଇଥିଲା। ମେଜର ଧ୍ୟାନ ଚାନ୍ଦ ଓ ବଲବୀର ସିଂ ସିନିୟରଙ୍କ ଭଳି ମହାନ୍ ଖେଳାଳି ଯେଉଁ ଦେଶ ପାଇଁ ☞ପୃଷ୍ଠା-୪

## ୨% ତଳକୁ ଖସିଲା ସଂକ୍ରମଣ ହାର

- ରାଜ୍ୟରୁ ଆଉ ୧୪୩୭ ପଜିଟିଭ୍ ଚିହ୍ନଟ, ୬୪ ମୃତ

ଭୁବନେଶ୍ୱର, ୧।୮(ବ୍ୟୁରୋ)



ଦୀର୍ଘଦିନ ପରେ ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ହାର ୨% ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ୭୪,୭୩୫ ନମୁନା ପରୀକ୍ଷା ହୋଇଥିବାବେଳେ ସେଥିମଧ୍ୟରୁ ୧,୪୩୭ ରିପୋର୍ଟ ପଜିଟିଭ୍ ଆସିଛି। ସଂକ୍ରମଣ ହାର ୧.୯୨% ରହିଛି। କେବଳ ପୁରୀ ଜିଲାରେ ସଂକ୍ରମଣ ହାର ୫% ଉପରେ ରହିଛି। ଏଠାରେ ସଂକ୍ରମଣ ହାର ୫.୬% ଥିବାବେଳେ କଟକ ୩.୯%, ଖୋର୍ଦ୍ଧା ୩.୬%, ଜଗତ୍‌ସିଂହପୁର ଓ ବାଲେଶ୍ୱର ୨.୬%, କେନ୍ଦ୍ରାପଡ଼ା ଓ ଯାଜପୁର ୨% ରହିଛି। ବାକିସବୁ ଜିଲାରେ ଦୈନିକ ସଂକ୍ରମଣ ହାର ଏହାତଳେ ରହିଥିବାବେଳେ ଦ୍ୱିତୀୟ ଲହର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜାତିର ଭୂମିକା ନାହିଁ**

## ଖୋଲିପାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ

ଭୁବନେଶ୍ୱର, ୧।୮(ବ୍ୟୁରୋ)

କରୋନା ସଂକ୍ରମଣ କମିବା ପରେ ଅନ୍‌ଲକ୍ ପ୍ରକ୍ରିୟା ଜାରି ରହିଛି। ରାଜ୍ୟ ସରକାରଙ୍କ ଅଗଷ୍ଟ ଗାଇଡ୍‌ଲାଇନ୍‌ରେ ଶିକ୍ଷାନୁଷ୍ଠାନ ଖୋଲିବା ସଂକ୍ରାନ୍ତରେ ସମ୍ପୃକ୍ତ ବିଭାଗଗୁଡ଼ିକ ନିଷ୍ପତ୍ତି ନେଇପାରିବେ ବୋଲି କୁହାଯାଇଛି। ପୂର୍ବରୁ ଦଶମ, ଦ୍ୱାଦଶ ପାଠପଢ଼ା ଆରମ୍ଭ ହୋଇଥିବାବେଳେ ଆସନ୍ତା ୧୬ରୁ ନବମ ଶ୍ରେଣୀ ଖୋଲିବାକୁ ଯାଉଛି। ଏପରିସ୍ଥଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଖୋଲିବାକୁ ନେଇ ଉତ୍କଣ୍ଠା ଓ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରାଥମିକ ସ୍କୁଲ୍ ଖୋଲୁ ବୋଲି ପ୍ରଥମେ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ବିଭିନ୍ନ ରାଜ୍ୟକୁ ପରାମର୍ଶ ଦେଇଥିଲା। ଏବେ ଓଡ଼ିଶା ସରକାରଙ୍କ ନୂଆ ଗାଇଡ୍‌ଲାଇନ୍‌ରୁ ମଧ୍ୟ ଏଥିପାଇଁ ସବୁଜ ସଙ୍କେତ ମିଳୁଛି। ତେବେ ସରକାର ପ୍ରାଥମିକ ସ୍କୁଲ କେବେ ଖୋଲିବେ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମଧ୍ୟ ବିଚାରବିମର୍ଶ ଆରମ୍ଭ କରିଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ଓସ୍କା ପକ୍ଷରୁ କୁହାଯାଇଛି

**ତର୍ଜମା ପରେ ନିଷ୍ପତ୍ତି: ମନ୍ତ୍ରୀ**

- ଭିତ୍ତିଭୂମି ନାହିଁ, ପର୍ଯ୍ୟାୟକ୍ରମେ ଖୋଲୁ : ଓସ୍କା
- ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଲା ଅଭିଭାବକ ମହାସଂଘ

ଯେ, ଭିତ୍ତିଭୂମି ନ ଥିବାରୁ ପର୍ଯ୍ୟାୟକ୍ରମେ ସ୍କୁଲ ଖୋଲୁ। ନଚେତ୍ କୋଭିଡ୍ ଗାଇଡ୍‌ଲାଇନ୍ ଉଲ୍ଲଂଘନ ହେବ। ଗୋଟିଏ ସମୟରେ ସ୍କୁଲ ଖୋଲିଲେ ଶ୍ରେଣୀ କକ୍ଷର ଅଭାବ ହେବ। ସାମାଜିକ ଦୂରତା ରକ୍ଷା କରି ଯେଉଁ ଶିକ୍ଷାଦାନ କରାଯାଉଛି, ସେଥିରେ ନିଶ୍ଚିତ ଭାବେ ବ୍ୟାଘାତ ହେବ। ତେଣୁ ପ୍ରଥମ ପର୍ଯ୍ୟାୟରେ ଷଷ୍ଠରୁ ନବମ ପର୍ଯ୍ୟନ୍ତ ଖୋଲାଯାଉ ବୋଲି ଓସ୍କା ସମ୍ପାଦକ ପ୍ରକାଶ ମହାନ୍ତି କହିଛନ୍ତି। ଓଡ଼ିଶା ଅଭିଭାବକ ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଛନ୍ତି, କରୋନା ସ୍ଥିତିରେ ସୁଧାର ଆସିଛି। କିନ୍ତୁ ଏକାଥରକେ ସବୁ ଶ୍ରେଣୀ ଖୋଲିବା ଉଚିତ ନୁହେଁ। ନବମ ଓ ଏକାଦଶ ☞ପୃଷ୍ଠା-୪

## ଉପଗ୍ରହରୁ ସୀମା ନିର୍ଦ୍ଧାରଣ

ନୂଆଦିଲ୍ଲୀ, ୧।୮

**ଆସାମ-ମିଜୋରାମ ସଂଘର୍ଷ**



ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଲାଗିରହିଥିବା ସୀମା ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ଉପଗ୍ରହର ସହାୟତା ନେବାକୁ ଯାଉଛନ୍ତି। ସାଟେଲାଇଟ୍ ଇମେଜିଂ ଜରିଆରେ ଏହି ସବୁ ରାଜ୍ୟର ସୀମା ନିର୍ଦ୍ଧାରଣ କରାଯିବ। ଜୁଲାଇ ୨୬ରେ ଆସାମ ଓ ମିଜୋରାମ ମଧ୍ୟରେ ସୀମା ସଂଘର୍ଷରେ ଆସାମର ୬ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିବା ପରେ ଏହି ଆନ୍ତଃରାଜ୍ୟ ସୀମା ବିବାଦର ସମାଧାନ ଲାଗି ଏପରି ନିଷ୍ପତ୍ତି ନିଆଯାଇଥିବା ସରକାରୀ ସୂତ୍ରରୁ ପ୍ରକାଶ।

ମହାକାଶ ବିଭାଗ(ଡିଓଏସ୍) ଏବଂ ଉତ୍ତର ପୂର୍ବ ପରିଷଦ (ଏନ୍‌ଇସି)ର ମିଳିତ ଆନୁକୂଲ୍ୟରେ ନର୍ଥ ଇଷ୍ଟର୍ନ ସ୍ପେସ୍ ଆପ୍ଲିକେଶନ ସେଣ୍ଟର(ଏନ୍‌ଇଏସ୍‌ଏସି)କୁ ସୀମା ନିର୍ଦ୍ଧାରଣ ଦାୟିତ୍ୱ ନ୍ୟସ୍ତ କରାଯାଇଛି। କିଛି ମାସ ପୂର୍ବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସାଟେଲାଇଟ୍ ଇମେଜିଂ ଜରିଆରେ ସୀମା ନିର୍ଦ୍ଧାରଣ ପାଇଁ ଯୋଜନା କରିଥିଲେ। ଆନ୍ତଃରାଜ୍ୟ ସୀମା ଓ ଉତ୍ତର-ପୂର୍ବାଞ୍ଚଳର ଜଙ୍ଗଲ ମ୍ୟାପିଂ ପାଇଁ ଏନ୍‌ଇଏସ୍‌ଏସିକୁ ଏହି ଦାୟିତ୍ୱ ପ୍ରଦାନ ପାଇଁ ଶାହା ପ୍ରସ୍ତାବ ଦେଇଥିଲେ। ଏହାଦ୍ୱାରା ବୈଜ୍ଞାନିକ ପଦ୍ଧତିରେ ରାଜ୍ୟଗୁଡ଼ିକର ସୀମା ନିର୍ଦ୍ଧାରଣ ହୋଇପାରିବ ବୋଲି ଶାହା କହିଥିଲେ। ଏପରି କରାଗଲେ ☞ପୃଷ୍ଠା-୪

### ଏନ୍‌ଇଏସ୍‌ଏସିର ଉଦ୍ଦେଶ୍ୟ

ନର୍ଥ ଇଷ୍ଟର୍ନ ସ୍ପେସ୍ ଆପ୍ଲିକେଶନ ସେଣ୍ଟର(ଏନ୍‌ଇଏସ୍‌ଏସି) ଉତ୍ତର ପୂର୍ବାଞ୍ଚଳରେ ଏକ ଉନ୍ନତ ମହାକାଶ କାରିଗରୀ ସହାୟତା ପ୍ରଦାନ କରି ବିକାଶମୂଳକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଏକ ଅପରେଶନାଲ ରିମୋଟ୍ ସେନ୍ସିଂ ଏବଂ ଭୌଗୋଳିକ ସୂଚନା ବ୍ୟବସ୍ଥା ସହଯୋଗରେ ପ୍ରାକୃତିକ ସମ୍ବଳ ସମ୍ପର୍କରେ ତଥ୍ୟ ଯୋଗାଇ ବିକାଶମୂଳକ କାର୍ଯ୍ୟରେ ସହଯୋଗ କରିବା। ଏହାସହ ସମ୍ପୃକ୍ତ ଅଞ୍ଚଳରେ ପ୍ରାକୃତିକ ଉତ୍ସ ଓ ଭିତ୍ତିଭୂମି ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରିବା ହେଉଛି ଏନ୍‌ଇଏସ୍‌ଏସିର ଲକ୍ଷ୍ୟ। ଏହା ପାଖରେ ଥିବା ଉପଗ୍ରହ ☞ପୃଷ୍ଠା-୪




ଧରିତ୍ରୀ
DHARITRI
ସୋମବାର, ୨ ଅଗଷ୍ଟ, ୨୦୨୧



ଜାତିସଂଘ ସୁରକ୍ଷା ପରିଷଦରେ ଅଧ୍ୟକ୍ଷତା କରିବାରେ ନରେନ୍ଦ୍ର ମୋଦି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ। ୭୫ ବର୍ଷରେ ପ୍ରଥମ ଥର ପାଇଁ ଭାରତ ୧୫ ଜଣିଆ ୟୁଏନ୍‌ଏସ୍‌ସିରେ ନେତୃତ୍ୱ ନେଇଛି। ସମ୍ମୁଖରେ ରହି ମୋର୍ଚ୍ଚା ସମ୍ଭାଳିବାରେ ଉତ୍ସାହ ଥିବା ଏହା ଦର୍ଶାଉଛି।

-ସଇଦ୍ ଆକବରୁଦ୍ଦିନ, ଜାତିସଂଘରେ ଭାରତର ପୂର୍ବତନ ରାଷ୍ଟ୍ରଦୂତ



# ଡନ୍ ରେଡ୍ସ: କ୍ଷମା ମାଗିଲେ ଆର୍ଡର୍ନ



ଅକ୍‌ଲାଣ୍ଡରେ ଆୟୋଜିତ ଏକ ଉତ୍ସବରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡର୍ନଙ୍କୁ ଉପଢ଼ୌକନରେ ଢଙ୍କାଯାଉଛି। ଏହି ଅବସରରେ ସେ 'ଡନ୍ ରେଡ୍ସ' ପାଇଁ ଆନୁଷ୍ଠାନିକ ଭାବେ କ୍ଷମା ମାଗିଛନ୍ତି।

ଅକ୍‌ଲାଣ୍ଡ, ୧।୮

୧୯୭୦ ଦଶକର ମଧ୍ୟଭାଗରେ ପାସିଫିକ୍ ଆଇଲାଣ୍ଡର୍ସ ବା ପ୍ରଶାନ୍ତ ଦ୍ୱୀପପୁଞ୍ଜ ଅଧିବାସୀ 'ପାସିଫିକିଆ'ଙ୍କ ଉପରେ ନ୍ୟୁଜିଲାଣ୍ଡ ପକ୍ଷରୁ ଭୋର ସମୟରେ ଚଢ଼ାଉ (ଡନ୍ ରେଡ୍ସ) କରାଯାଇଥିଲା। ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡର୍ନ ଶେଷରେ ରବିବାର ଆନୁଷ୍ଠାନିକ ଭାବେ ଏହି ବର୍ବର କାର୍ଯ୍ୟାନୁଷ୍ଠାନ ପାଇଁ କ୍ଷମା ମାଗିଛନ୍ତି।

ସମୋଆ, ଟୋଙ୍ଗା, ଫିଜି ସମେତ ପ୍ରଶାନ୍ତ ଦ୍ୱୀପପୁଞ୍ଜର ବହୁସଂଖ୍ୟକ ଅଧିବାସୀ ନ୍ୟୁଜିଲାଣ୍ଡର କଳକାରଖାନା, ଚାଷଜମି ଓ ଅନ୍ୟ କ୍ଷେତ୍ରଗୁଡ଼ିକରେ କାମ କରୁଥିଲେ। ଏଥିପାଇଁ ସେମାନଙ୍କୁ ଅସ୍ଥାୟୀ ଭିଜା ମିଳୁଥିଲା। ତେବେ ପ୍ରବାସୀମାନେ ଭିଜା ଅବଧି ଶେଷ ହେବା ପରେ ମଧ୍ୟ ନ୍ୟୁଜିଲାଣ୍ଡରେ ରହୁଥିଲେ। ନ୍ୟୁଜିଲାଣ୍ଡବାସୀ ଏହାକୁ ବିରୋଧ କରିଥିଲେ। ପାସିଫିକିଆମାନେ ସେମାନଙ୍କ ରୋଜଗାର ଛଡ଼ାଇନେଇଥିବା ସେମାନେ ଅଭିଯୋଗ ଆଣିଥିଲେ। ଫଳରେ ବେଆଇନ ଭାବେ ରହୁଥିବା ପ୍ରବାସୀଙ୍କୁ ଚିହ୍ନଟ କରି ନିଜ ନିଜ ମୂଳ ଦେଶକୁ ପ୍ରତ୍ୟର୍ପଣ କରାଯାଇଥିଲା। ବ୍ରିଟିଶ୍, ଅଷ୍ଟ୍ରେଲୀୟ ଓ ଦକ୍ଷିଣ ଆଫ୍ରିକୀୟଙ୍କ ତୁଳନାରେ ପାସିଫିକିଆ ଅଧିବାସୀଙ୍କ ସଂଖ୍ୟା ଅଧିକ ଥିଲା। ନ୍ୟୁଜିଲାଣ୍ଡ ସରକାରଙ୍କ ପକ୍ଷରୁ ନିଜ ନାଗରିକମାନଙ୍କୁ ପରାମର୍ଶ ଦିଆଯାଇଥିଲା ଯେ, ସେମାନେ ନିଜ ପରିଚୟପତ୍ର ସାଙ୍ଗରେ ନେଇଯାଆନ୍ତୁ। ଫଳରେ ସେମାନେ ଭିଜା ଅବଧି ଶେଷ ପରେ ରହୁଥିବା ପ୍ରବାସୀ ନୁହନ୍ତି ବୋଲି ଯାଞ୍ଚ ବେଳେ ସୁନିଶ୍ଚିତ ହୋଇପାରିବ। ସେତେବେଳେ ରାସ୍ତା, ସ୍କୁଲ ଓ ଚର୍ଚ୍ଚରେ ଲୋକଙ୍କୁ ହଠାତ୍ ଅଟକାଇ ପରିଚୟପତ୍ର ଦେଖାଇବାକୁ କୁହାଯାଉଥିଲା। ଭୋର ସମୟରେ ଚଢ଼ାଉ କରାଯାଉଥିବାରୁ ଏହା 'ଡନ୍ ରେଡ୍ସ' ନାମରେ କୁଖ୍ୟାତ।

## ୧୯୭୪-୧୯୮୦

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନ୍ୟୁଜିଲାଣ୍ଡର ଅର୍ଥନୀତି ଦ୍ରୁତଗତିରେ ଆଗେଇ ଚାଲିଥିଲା। ଏଥିପାଇଁ ଦେଶରେ ବହୁ ସଂଖ୍ୟକ ଶ୍ରମିକ ଆବଶ୍ୟକ ପଡ଼ିଥିଲା। ଫଳରେ ପ୍ରଶାନ୍ତ ଦ୍ୱୀପ ସମୂହର ପ୍ରବାସୀଙ୍କୁ ନ୍ୟୁଜିଲାଣ୍ଡ ସ୍ୱାଗତ କରିଥିଲା। ୧୯୭୦ ଦଶକ ପ୍ରାରମ୍ଭରେ ପୁଣି ଆର୍ଥିକ ସଙ୍କଟ ସୃଷ୍ଟି ହେବାରୁ ଦେଶରେ ବେକରି ସଂଖ୍ୟା ବଢ଼ିବାରେ ଲାଗିଲା। ରାଜନେତା ଓ ଗଣମାଧ୍ୟମ ପକ୍ଷରୁ ପ୍ରବାସୀଙ୍କ ଉପରେ ଆକ୍ରମଣ କରାଯାଇଥିଲା। ୧୯୭୪ରେ ଆରମ୍ଭ ହୋଇଥିବା ଏହି ଚଢ଼ାଉ ୧୯୮୦ ପର୍ଯ୍ୟନ୍ତ ଚାଲିଥିଲା। ପରେ ଧର୍ମଗୁରୁ, ନେତା ଓ ସିଭିଲ ସୋସାଇଟି ପକ୍ଷରୁ ଏହାକୁ ବିରୋଧ କରାଯିବାରୁ ଚଢ଼ାଉ ବନ୍ଦ କରାଯାଇଥିଲା। ନ୍ୟୁଜିଲାଣ୍ଡ ସରକାରଙ୍କ ତଥ୍ୟାନୁସାରେ ୧୯୭୬ ବେଳକୁ ଦେଶରେ ୫୦,୦୦୦ରୁ ଅଧିକ ପାସିଫିକ୍ ଆଇଲାଣ୍ଡର୍ସ ଥିଲେ। ବର୍ତ୍ତମାନ ନ୍ୟୁଜିଲାଣ୍ଡର ପାସିଫିକ୍ ପିପୁଲ୍ସ ମନ୍ତ୍ରୀ ଥିବା ଅପିଟୋ ୱିଲିୟମ୍ ସିଓ ମଧ୍ୟ ଏହି ଅପରେଶନର ଶିକାର ହୋଇଥିଲେ।



ଡନ୍ ରେଡ୍ସ ବର୍ବରତାର ଏତେ ବର୍ଷ ପରେ ନ୍ୟୁଜିଲାଣ୍ଡ ସରକାରଙ୍କ ଏହି ପ୍ରୟାସ ପ୍ରଶଂସନୀୟ। ଏହା ଆମ ସମୁଦାୟ ପାଇଁ ଏକ ନୂଆ ସକାଳ ସଦୃଶ।

-ମେଲେ ସୁଇ'ଇଲିକୁଟାପୁ, ଟୋଙ୍ଗା ରାଜକୁମାରୀ

କ୍ଷମା ମାଗିବା ପାଇଁ ଅକ୍‌ଲାଣ୍ଡ ଟାଉନ୍‌ହଲରେ ରବିବାର ଏକ ଶୋକାକୁଳ ପରିବେଶରେ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ନିଆଯାଇଥିବା ଉପରୋକ୍ତ କାର୍ଯ୍ୟାନୁଷ୍ଠାନରେ ପ୍ରଭାବିତ ପରିବାରମାନେ, ପାସିଫିକ୍ ଆଇଲାଣ୍ଡର ବିଶିଷ୍ଟ ବ୍ୟକ୍ତି ଓ ସରକାରୀ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡର୍ନ ସେମାନଙ୍କୁ ସମ୍ବୋଧିତ କରି କହିଥିଲେ, ଡନ୍ ରେଡ୍ସ ପାଇଁ ସେ ସଫା ମନ ଓ ଖୋଲା ହୃଦୟରେ କ୍ଷମା ମାଗୁଛନ୍ତି। ପ୍ରଶାନ୍ତ କ୍ଷେତ୍ରୀୟ ସମୁଦାୟର ଲୋକେ ଆଜି ମଧ୍ୟ ନ୍ୟୁଜିଲାଣ୍ଡରେ ପୀଡ଼ିତ। ସେମାନେ ପୂର୍ବର କ୍ଷତକୁ ଏବେ ବି ସ୍ମରଣ କରୁଛନ୍ତି। ସେମାନଙ୍କୁ କ୍ଷମା ମାଗିବା ସହ ଏହି ପ୍ରକରଣରେ ଏବେ ପୂର୍ଣ୍ଣଚ୍ଛେଦ ପଡ଼ିବ ବୋଲି ଆଶାବାଦୀ।



ଜେସିଣ୍ଡା ଆର୍ଡର୍ନ

## ସଂକ୍ଷେପରେ

### ୟୁଏନ୍‌ଏସ୍‌ସି ଅଧ୍ୟକ୍ଷ ଦାୟିତ୍ୱରେ ଭାରତ

ନୂଆଦିଲ୍ଲୀ, ୧।୮: ଜାତିସଂଘ ସୁରକ୍ଷା ପରିଷଦ(ୟୁଏନ୍‌ଏସ୍‌ସି)ର ଅଧ୍ୟକ୍ଷ ଭାବେ ଭାରତ ରବିବାର ଦାୟିତ୍ୱ ଗ୍ରହଣ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ନେତୃତ୍ୱ ନେବେ। ଅଗଷ୍ଟ ମାସ ପାଇଁ ଭାରତ ଏହି ପଦବୀରେ ରହି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି କାର୍ଯ୍ୟକାରୀ କରାଇବ। ବିଶେଷକରି ଶାନ୍ତିରକ୍ଷା, ସାମୁଦ୍ରିକ ସୁରକ୍ଷା, ଆତଙ୍କବାଦ ବିରୋଧୀ ଲଢ଼େଇକୁ ତ୍ୱରାନ୍ୱିତ କରିବା ଦିଗରେ ପଦକ୍ଷେପ ନେବ। ଭାରତ ଅଗଷ୍ଟ ୧୫ରେ ଏହାର ୭୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ସୁରକ୍ଷା ପରିଷଦର ନେତୃତ୍ୱ ନେବା ସମ୍ମାନର କଥା ବୋଲି ଜାତିସଂଘରେ ଭାରତର ରାଷ୍ଟ୍ରଦୂତ ଟି. ଏସ୍. ତିରୁମୂର୍ତ୍ତି କହିଛନ୍ତି। ଭାରତ ଗତ ଜାନୁୟାରୀ ୧ରୁ ଦୁଇ ବର୍ଷ ପାଇଁ ୟୁଏନ୍‌ଏସ୍‌ସିର ଅସ୍ଥାୟୀ ସଦସ୍ୟ ରହିଛି। ସ୍ଥାୟୀ ସଦସ୍ୟ ଆମେରିକା, ଚାଇନା, ରୁଷିଆ, ବ୍ରିଟେନ ଏବଂ ଫ୍ରାନ୍ସ ନିକଟରେ ଭିଟୋ ପାୱାର ରହିଛି। ଅର୍ଥାତ ଯଦି କୌଣସି ୪ ସଦସ୍ୟ ଏକ ପ୍ରସ୍ତାବ ପାରିତ କରିବାକୁ ଚାହୁଁଛନ୍ତି କିନ୍ତୁ ଅନ୍ୟ ଏକ ରାଷ୍ଟ୍ର ତାହାର ଭିଟୋ ପାୱାର ବ୍ୟବହାର କରେ ତେବେ ଉକ୍ତ ପ୍ରସ୍ତାବ ପାସ୍ ହୋଇପାରିବ ନାହିଁ। ୟୁଏନ୍‌ଏସ୍‌ସି ଅଧ୍ୟକ୍ଷତା ପ୍ରତି ମାସରେ ବଦଳିଥାଏ। ଇଂଲିଶ ବର୍ଣ୍ଣମାଳା ଅନୁସାରେ ଫ୍ରାନ୍ସ ପରେ ଏବେ ଭାରତର ପାଳି ପଡ଼ିଛି।

### ଏସିଆରେ ବଢ଼ୁଛି ସଂକ୍ରମଣ

ଟୋକିଓ, ୧।୮: କୋଭିଡ୍-୧୯ର ଡେଲ୍ଟା ଭାରିଆଣ୍ଟ ଯୋଗୁ ଏସିଆ ମହାଦେଶରେ ପୁଣିଥରେ ସଂକ୍ରମଣ ବଢ଼ିବା ଆରମ୍ଭ କରିଛି। ଅଲିମ୍ପିକ୍ସ ଆୟୋଜନ କରୁଥିବା ଟୋକିଓ ସହର ସମେତ ମାଲେସିଆ ଏବଂ ଥାଇଲାଣ୍ଡରେ ଶନିବାର ସର୍ବାଧିକ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ସଂକ୍ରମଣ ରୋକିବାରେ ସକ୍ଷମ ହୋଇଥିବା କେତେକ ଦେଶରେ ଡେଲ୍ଟା ଭାରିଆଣ୍ଟ ଯୋଗୁ ପୁଣିଥରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ଆରମ୍ଭ ହୋଇଛି। ସେଥିପାଇଁ ଭିଏତ୍‌ନାମ ସୋମବାରଠାରୁ ପୁଣିଥରେ ବିଭିନ୍ନ ସହର ଓ ପ୍ରଦେଶରେ କଟକଣା କଡ଼ାକଡ଼ି କରିବାକୁ ନିଷ୍ପତ୍ତି ନେଇଛି। ଶନିବାର ଟୋକିଓରେ ୪,୦୫୮ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିପରି ମାଲେସିଆରେ ଗୋଟିଏ ଦିନରେ ସର୍ବାଧିକ ୧୭,୭୮୬ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଥାଇଲାଣ୍ଡରେ ଶନିବାର ୧୮,୯୧୨ ନୂଆ ସଂକ୍ରମିତଙ୍କୁ ମିଶାଇ ସେଠାରେ ମୋଟ ମାମଲା ସଂଖ୍ୟା ୫,୯୭,୨୮୭ରେ ପହଞ୍ଚିଛି। ଡେଲ୍ଟା ଭାରିଆଣ୍ଟ ଯୋଗୁ ସଂକ୍ରମଣ ୬୦ ପ୍ରତିଶତ ବଢ଼ିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।


### ଭାଜପାରେ ମଣିପୁରର ପୂର୍ବତନ କଂଗ୍ରେସ ସଭାପତି

ଗୁଆହାଟୀ, ୧।୮: ମଣିପୁରର ପୂର୍ବତନ କଂଗ୍ରେସ ସଭାପତି ଗୋବିନ୍ଦଦାସ୍ କୋନ୍ଥୌଜାମ୍ ଦଳ ଛାଡ଼ିବା ପରେ ନୂଆଦିଲ୍ଲୀ ଯାଇ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ମୁଖ୍ୟାଳୟରେ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ତାଙ୍କୁ ସ୍ୱାଗତ କରିଥିଲେ। ଆସନ୍ତା ବର୍ଷ ମଣିପୁର ବିଧାନସଭା ନିର୍ବାଚନ ଥିବାବେଳେ ବରିଷ୍ଠ କଂଗ୍ରେସ ନେତା ପଦ୍ମ ଧରିଛନ୍ତି। ୨୦୧୭ ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିଲେ ହେଁ ଭାଜପା ସେଠାରେ ସରକାର ଗଢ଼ିଥିଲା। ଆଗାମୀ ନିର୍ବାଚନରେ କୋନ୍ଥୌଜାମଙ୍କୁ କଂଗ୍ରେସ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବା ସମ୍ଭାବନା ଥିଲା। ଗତବର୍ଷ ଡିସେମ୍ବରରେ ତାଙ୍କୁ ଦଳର ରାଜ୍ୟ ସଭାପତି କରାଯାଇଥିଲା।



ଗୋବିନ୍ଦଦାସ୍ କୋନ୍ଥୌଜାମ୍

## ୫ରେ ପେଗାସସ୍ ଶୁଣାଣି




ନୂଆଦିଲ୍ଲୀ, ୧।୮

ଇସ୍ରାଏଲର ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ସ୍ପାଏୱେର ପେଗାସସ୍ ଦ୍ୱାରା ନେତା, ଖବରଦାତା, ବିଚାରବିଭାଗୀୟ କାର୍ଯ୍ୟକର୍ତ୍ତା ପ୍ରମୁଖଙ୍କ ଉପରେ ଗୁପ୍ତଚରଗିରି ଘଟଣାର ସ୍ୱତନ୍ତ୍ର ତଦନ୍ତ ପାଇଁ ସୁପ୍ରିମକୋର୍ଟରେ ଆଗତ ପିଟିଶନର ଶୁଣାଣି ଆସନ୍ତା ଗୁରୁବାର ହେବ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍. ଭି. ରମାନାଙ୍କ ନେତୃତ୍ୱରେ ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରିବେ। ବରିଷ୍ଠ ସାମ୍ବାଦିକ ଏନ୍. ରାମ ଏବଂ ଶଶୀ କୁମାର, ସିପିଏମ୍ ଏମ୍‌ପି ଜନ୍ ବ୍ରିଟାସ୍, ଆଡ୍‌ଭୋକେଟ୍ ଏମ୍.ଏଲ୍. ଶର୍ମା ଏ ବାବଦରେ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଖଲ କରିଥିଲେ। ଗୁପ୍ତଚରଗିରି ପାଇଁ ପେଗାସସ୍‌କୁ ଲାଇସେନ୍ସ ମିଳିଥିଲା କି ନା, ଏହାକୁ କିପରି ବ୍ୟବହାର କରାଯାଇଥିଲା ତାହା ସାମ୍ନାକୁ ଆଣିବା ପାଇଁ ତଦନ୍ତ କରାଯିବାକୁ ଏଥିରେ ଦାବି କରାଯାଇଥିଲା। ପେଗାସସ୍ ଦ୍ୱାରା ଭାରତରେ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ମୋବାଇଲ ନମ୍ବରରେ ଗୋଇନ୍ଦାଗିରି କରାଯାଇଥିବା 'ଦି ୱେର' ନ୍ୟୁଜ୍ ୱେବ୍‌ସାଇଟ୍ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ପୂର୍ବରୁ ପ୍ରକାଶ କରିଥିଲା। ସେଥିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର, ଦୁଇ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ନିର୍ବାଚନ କମିଶନରଙ୍କ ସମେତ ୪୦ ସାମ୍ବାଦିକଙ୍କ ମୋବାଇଲ ନମ୍ବର ରହିଥିବା ରିପୋର୍ଟରେ ପ୍ରକାଶ ପାଇଥିଲା। କେନ୍ଦ୍ରର ଭାଜପା ସରକାର ଏହା ଉପରେ ଆଲୋଚନା କରିବାକୁ ଦାବି କରି ବିରୋଧୀ ପାର୍ଲାମେଣ୍ଟରେ ହଟ୍ଟଗୋଳ ଜାରି ରଖିଥିବାରୁ ଗୃହ ସ୍ୱାଭାବିକ ଭାବେ ଚାଲିପାରୁନାହିଁ।

## ଗିଲ୍‌ଗିଟ୍-ବଲ୍ଟିସ୍ତାନକୁ ମିଳିବ ଅସ୍ଥାୟୀ ପ୍ରଦେଶ ମାନ୍ୟତା

ଇସ୍‌ଲାମାବାଦ, ୧।୮(ପି.ଟି.)

ଗିଲ୍‌ଗିଟ୍-ବଲ୍ଟିସ୍ତାନକୁ ଅସ୍ଥାୟୀ ଭାବେ ପ୍ରାଦେଶିକ ମାନ୍ୟତା ପ୍ରଦାନ ଲାଗି ପାକିସ୍ତାନ କର୍ତ୍ତୃପକ୍ଷ ଆଇନ ଆଣୁଥିବା ଏକ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ସମ୍ପୂର୍ଣ୍ଣ ଆଇନଗତ ଓ ଅପରିବର୍ତ୍ତିତ ପରିଗ୍ରହଣ ଅନୁଯାୟୀ ଜମ୍ମୁ-କଶ୍ମୀର, ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ସମେତ ଗିଲ୍‌ଗିଟ୍ ଏବଂ ବଲ୍ଟିସ୍ତାନ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ନୂଆଦିଲ୍ଲୀ ପାକିସ୍ତାନକୁ ସ୍ପଷ୍ଟ ଭାବେ ଜଣାଇଦେଇଛି। ବେଆଇନ ଏବଂ ବଳପୂର୍ବକ ଦଖଲ କରାଯାଇଥିବା ଅଞ୍ଚଳ ଉପରେ ପାକ୍ ସରକାର କିମ୍ବା ଏହାର ନ୍ୟାୟପାଳିକାର କୌଣସି ଅଧିକାର ନାହିଁ ବୋଲି ଭାରତ କହିଆସିଛି।

ପାକିସ୍ତାନ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଆଣିଥିବା ପ୍ରସ୍ତାବିତ ଆଇନ ଅନୁଯାୟୀ ଗିଲ୍‌ଗିଟ୍-ବଲ୍ଟିସ୍ତାନର ସୁପ୍ରିମ୍ ଆପିଲେଟ କୋର୍ଟକୁ ଉଚ୍ଛେଦ କରାଯିବା ସହ ଉକ୍ତ ଅଞ୍ଚଳର ନିର୍ବାଚନ କମିଶନକୁ ପାକିସ୍ତାନର ନିର୍ବାଚନ କମିଶନଙ୍କ ସହ ମିଶାଇ ଦିଆଯାଇପାରେ। ଏହି ୨୬ତମ ସମ୍ବିଧାନ ସଂଶୋଧନ ବିଲ୍‌ର ଚିଠା ପ୍ରସ୍ତୁତ କରାଯାଇ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ପାଖକୁ ପଠାଯାଇଥିବା ଆଇନ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡ଼ିଛି। ଆଇନ ପ୍ରସ୍ତୁତ କରିବାକୁ ଇମ୍ରାନ ଗତ ମାସରେ ଆଇନମନ୍ତ୍ରୀ ବାରିଷ୍ଟର ଫାରୋଗ ନସୀମଙ୍କୁ କହିଥିଲେ। ପ୍ରସ୍ତାବିତ ସମ୍ବିଧାନ ସଂଶୋଧନ ସମ୍ପର୍କରେ ଗିଲ୍‌ଗିଟ୍-ବଲ୍ଟିସ୍ତାନ ଏବଂ ପାକ୍ ଅଧିକୃତ କଶ୍ମୀର ସରକାରଙ୍କ ପରାମର୍ଶ ନିଆଯାଇଥିଲା।

### ଆଇନ ଆଣୁଛି ପାକ୍



## ଜମ୍ମୁ-କଶ୍ମୀର, ଲଦାଖ ଯିବ ସଂସଦୀୟ କମିଟି

ନୂଆଦିଲ୍ଲୀ, ୧।୮

ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ସଂସଦୀୟ ଷ୍ଟାଣ୍ଡିଂ କମିଟି ଅଗଷ୍ଟ ୧୭ରୁ ୨୧ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀର ଏବଂ ଲଦାଖ ଗସ୍ତରେ ଯିବ। ଦୁଇ କେନ୍ଦ୍ରଶାସିତ ଅଞ୍ଚଳର ଶାସନ, ବିକାଶ ଏବଂ ଜନସାଧାରଣଙ୍କ କଲ୍ୟାଣ ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇପାରିବ, ସେନେଇ କମିଟି ଅନୁଧ୍ୟାନ କରିବ। ରାଜ୍ୟ ସଭାରେ ବିରୋଧୀ ଦଳ ଉପନେତା ତଥା କଂଗ୍ରେସ ଏମ୍‌ପି ଆନନ୍ଦ ଶର୍ମାଙ୍କ ନେତୃତ୍ୱରେ ଉକ୍ତ କମିଟି ୧୬ରେ ଲଦାଖରେ ପହଞ୍ଚି ସେଠାରେ ୧୭ ଓ ୧୮ ଦୁଇଦିନ ରହିବ। ୧୯ରୁ ୨୧ କମିଟି ଜମ୍ମୁ-କଶ୍ମୀରରେ ବିତାଇବ। ଜୁନ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ-କଶ୍ମୀରର ପ୍ରମୁଖ ଦଳଗୁଡ଼ିକର ନେତାଙ୍କୁ ଭେଟି ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାରେ ସହଯୋଗ କରିବାକୁ କହିବା ସହ ବିଧାନସଭା ନିର୍ବାଚନ ଲାଗି ପ୍ରତିଶ୍ରୁତି ଦେଇଥିଲେ।

## ବାସହରା ହେବେ ୩୬ ଲକ୍ଷ ଆମେରିକୀୟ




ୱାଶିଂଟନ, ୧।୮

ଆମେରିକାରେ ଘରଭଡ଼ା ନେଇ ରହୁଥିବା ପ୍ରାୟ ୩୬ ଲକ୍ଷ ଲୋକ ଏଣିକି ବାସହରା ହୋଇପାରନ୍ତି। କାରଣ ଭଡ଼ାଘରୁ ବାହାର କରିଦେବା ଉପରେ ଲାଗିଥିବା ଦେଶବ୍ୟାପୀ ବ୍ୟାନ୍ ସମୟସୀମା ରବିବାର ପୂରିଯାଇଛି। ସେପଟେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ରାଜନୈତିକ କାଦୁଅଫିଙ୍ଗା ଯୋଗୁ ଏହି ସମୟସୀମାକୁ ବଢ଼ାଯାଇପାରିନାହିଁ। ହ୍ୱାଇଟ୍ ହାଉସ ଏହା ଉପରେ କିଛି କରିପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ନିକଟରେ ରାୟ ଦେଇଥିଲେ। ରାଷ୍ଟ୍ରପତି ଜୋ ବାଇଡେନ୍ ଉକ୍ତ ୧୧ ମାସିଆ ମୋରାଟୋରିୟମକୁ ବଢ଼ାଇବା ପାଇଁ ଚଳିତ ସପ୍ତାହରେ କଂଗ୍ରେସକୁ ଅନୁରୋଧ କରିଥିଲେ। ଅକ୍ଟୋବର ମଧ୍ୟଭାଗ ପର୍ଯ୍ୟନ୍ତ ଏଭିକ୍ସନ ବ୍ୟାନ୍ ବଢ଼ାଇବା ପାଇଁ ଡେମୋକ୍ରାଟ ପକ୍ଷରୁ ଉଦ୍ୟମ ହେଉଥିବାବେଳେ ରିପବ୍ଲିକାନ ସଦସ୍ୟମାନେ ଏଥିରେ ପ୍ରତିବନ୍ଧକ ସାଜିଛନ୍ତି। ଗ୍ରୀଷ୍ମାବକାଶ ଯୋଗୁ ଶୁକ୍ରବାରଠାରୁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ ମୁଲତବୀ ରହିଥିବାରୁ ଉକ୍ତ କଟକଣା ଅବଧି ବଢ଼ାଯାଇପାରିନାହିଁ। ଫଳରେ ଭଡ଼ାଟିଆଙ୍କ ପାଇଁ ପର୍ଯ୍ୟାପ୍ତ ସରକାରୀ ପାଣ୍ଠି ରହିଥିଲେ ମଧ୍ୟ ତାହା ଖର୍ଚ୍ଚ ହୋଇପାରୁନାହିଁ। ଏହାର ପ୍ରତିବାଦରେ ଅନେକ ବାମପନ୍ଥୀ ଡେମୋକ୍ରାଟ କ୍ୟାପିଟୋଲ ବାହାରେ ସାରା ରାତି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଆମେ ରାତି ସାରା କ୍ୟାପିଟୋଲ ବାହାରେ ଶୋଇ ରିପବ୍ଲିକାନ ସଦସ୍ୟମାନଙ୍କୁ ଗୃହକୁ ଆସି ସେମାନଙ୍କ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଉଛୁ ବୋଲି କଂଗ୍ରେସ ସଦସ୍ୟା କୋରି ବୁଶ୍ ଟୁଇଟ୍ କରିଛନ୍ତି।

### କ୍ୟାପିଟୋଲରେ ରାତି ସାରା ବିକ୍ଷୋଭ କଲେ ଡେମୋକ୍ରାଟ୍

## ବିମାନରେ ଏକାକୀ ବିଶ୍ୱ ଭ୍ରମଣ

ଲଣ୍ଡନ, ୧।୮

ନିଜେ ବିମାନ ଉଡ଼ାଇ ସମଗ୍ର ବିଶ୍ୱ ବୁଲିବାରେ ବିରଳ ରେକର୍ଡ କରିବାକୁ ଯାଉଛନ୍ତି ବେଲ୍‌ଜିୟମ-ବ୍ରିଟିଶ ନାଗରିକ ଜାରା ରଦରଫୋର୍ଡ। ୧୯ ବର୍ଷୀୟା ଜାରା ଆସନ୍ତା ୧୧ ତାରିଖରେ ବିଶ୍ୱର ଦ୍ରୁତତମ ମାଇକ୍ରୋଲାଇଟ୍ ତଥା ତାଙ୍କ ଶାର୍କ ଅଲ୍‌ଟ୍ରାଲାଇଟ୍ ବିମାନରେ ୫୧,୦୦୦ କି.ମି. ଯାତ୍ରାରେ ବାହାରିବେ। ଏହା ସମ୍ପୂର୍ଣ୍ଣ ହେବା ପରେ ଏକ ମାଇକ୍ରୋଲାଇଟ୍ ଚଳାଇ ଏକାକୀ ବିଶ୍ୱ ବୁଲିବାରେ ସେ ସର୍ବକନିଷ୍ଠ ମହିଳା ହେବେ। ପୂର୍ବରୁ ଏହି ରେକର୍ଡ ଶାୟେସ୍ତା ୱାଇଜ୍‌ଙ୍କ ନାଁରେ ରହିଛି। ୩୦ ବର୍ଷ ବୟସରେ ଶାୟେସ୍ତା ବିଶ୍ୱ ଭ୍ରମଣ କରିଥିଲେ। ସାଇନ୍ସ, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ମାଥମେଟିକ୍ସ (ଏସ୍‌ଟିଇଏମ୍)ରେ ମହିଳାଙ୍କ ନିମନ୍ତେ ଏହା ମାର୍ଗ ପ୍ରଶସ୍ତ କରିବ। ଅନ୍ୟମାନଙ୍କୁ ସେ ଅନୁପ୍ରାଣିତ କରିବେ ବୋଲି ଜାରା ଆଶା କରିଛନ୍ତି। ଜାରା କହିଛନ୍ତି, ପୁରୁଷ ଓ ମହିଳାଙ୍କ ବିମାନ ଚଳାଚଳରେ ପାର୍ଥକ୍ୟ ରହିଥିବା ସଭିଏ କୁହନ୍ତି। କିନ୍ତୁ ଏପରି କରି ସେ ଏହି ତାରତମ୍ୟକୁ ହ୍ରାସ କରିବାକୁ ଚେଷ୍ଟା କରିଛନ୍ତି। ଜାରାଙ୍କ ମା' ବିଟ୍ରିସ୍ ଡି ସ୍ମେଟ୍ ଏବଂ ବାପା ସାମ୍ ରଦରଫୋର୍ଡ ମଧ୍ୟ ପ୍ରଫେସନାଲ ପାଇଲଟ୍।

### ରେକର୍ଡ କରିବେ ଜାରା



## ୨୫୪ ତାଲିବାନ ଆତଙ୍କବାଦୀ ନିହତ

### ଆଫଗାନ ବାୟୁସେନାର ଏୟାରଷ୍ଟ୍ରାଇକ୍

କାବୁଲ, ୧।୮

ତାଲିବାନ ଆତଙ୍କବାଦୀ ରହିଥିବା ବିଭିନ୍ନ ସହର ଉପରେ ଆଫଗାନିସ୍ତାନ ବାୟୁସେନା ପକ୍ଷରୁ ଆକାଶମାର୍ଗରୁ ବୋମାମାଡ଼ କରାଯାଇଛି। କାନ୍ଦାହାର ପ୍ରଦେଶର ଝେରାଇ ଜିଲାରେ ହୋଇଥିବା ଆକ୍ରମଣରେ ଅନେକ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି। ଗତ ୨୪ ଘଣ୍ଟା ମଧ୍ୟରେ ୨୫୪ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହେବା ସହ ପ୍ରାୟ ୧୦୦ ଜଣ ଆହତ ହୋଇଛନ୍ତି। ଏୟାରଷ୍ଟ୍ରାଇକ୍‌ରେ ବହୁ ତାଲିବାନ ଆଡ୍ଡା ଧ୍ୱଂସ ହୋଇଥିବାର ଭିଡିଓ ସରକାରଙ୍କ ପକ୍ଷରୁ ଜାରି କରାଯାଇଛି।

ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ତାଲିବାନ ଆତଙ୍କବାଦୀମାନେ ବିଭିନ୍ନ ଅଞ୍ଚଳକୁ ଦଖଲ କରିବାରେ ଲାଗିଛନ୍ତି। ପ୍ରମୁଖ ସୀମାନ୍ତ ଅଞ୍ଚଳ ଏବଂ ଅନେକ ଗ୍ରାମାଞ୍ଚଳକୁ ନିଜ କବ୍‌ଜାକୁ ନେବା ପରେ ପ୍ରାଦେଶିକ ରାଜଧାନୀଗୁଡ଼ିକୁ ନିୟନ୍ତ୍ରଣକୁ ନେବା ଲାଗି ତାଲିବାନ ଉଦ୍ୟମ ଚଳାଇଛି। ଶନିବାର ରାତିରେ ସେମାନେ କାନ୍ଦାହାର ବିମାନବନ୍ଦର ଉପରେ ୩ଟି ରକେଟ ମାଡ଼ କରିଥିଲେ। ରକେଟ ମାଡ଼ରେ ବିମାନବନ୍ଦର ରନ୍‌ୱେ କ୍ଷତିଗ୍ରସ୍ତ ହୋଇଥିବାରୁ ବିମାନ ଚଳାଚଳ ବନ୍ଦ ରହିଛି। କାନ୍ଦାହାର ଆଫଗାନିସ୍ତାନର ଦ୍ୱିତୀୟ ବୃହତ ସହର ଏବଂ ଆତଙ୍କବାଦୀଙ୍କ ପୂର୍ବତନ ଆଡ୍ଡାସ୍ଥଳ। ତାଲିବାନ ହେଲମଣ୍ଡ ପ୍ରଦେଶର ଲଶ୍କର ଗାହ ସମେତ ଅନ୍ୟୂନ ୨ଟି ପ୍ରାଦେଶିକ ରାଜଧାନୀ କବ୍‌ଜା କରିବାକୁ ଚାହୁଁଥିବାବେଳେ ସୈନ୍ୟବାହିନୀକୁ ଲଜିଷ୍ଟିକାଲ ସପୋର୍ଟ ଯୋଗାଉଥିବା କାନ୍ଦାହାର ବିମାନବନ୍ଦରକୁ ଧ୍ୱଂସ କରିଦେବାକୁ ଯୋଜନା କରିଥିଲା।

ଗତ ୨୪ ଘଣ୍ଟା ମଧ୍ୟରେ ବାୟୁସେନା ପକ୍ଷରୁ ଗଜନୀ, କାନ୍ଦାହାର, ହେରାତ୍, ଫାରାହ, ଜୋଓଜାନ, ବଲ୍‌ଖ, ସାମାଙ୍ଗାନ, ହେଲମଣ୍ଡ, ତଖର, କୁନ୍ଦୁଜ୍, ବାଗ୍‌ଲାନ, କାବୁଲ ଏବଂ କପିସା ପ୍ରଦେଶରେ ବିମାନରୁ ଆକ୍ରମଣ କରାଯାଇଥିଲା। ଆଫଗାନ ସେନାର ଏୟାରଷ୍ଟ୍ରାଇକ୍ ବେଳେ ଲଶ୍କର ଗାହରେ ଥିବା ଏକ ଘରୋଇ ହସ୍ପିଟାଲ କ୍ଷତିଗ୍ରସ୍ତ ହେବା ସହ ଜଣେ ପ୍ରାଣ ହରାଇଛନ୍ତି। ଆତଙ୍କବାଦୀମାନେ ସେଠାରେ ଚିକିତ୍ସିତ ହେଉଥିବା ବିଶ୍ୱାସ କରି ବାୟୁସେନା ହସ୍ପିଟାଲକୁ ଟାର୍ଗେଟ କରିଥିଲା ବୋଲି ଏହାର ମାଲିକ ଅଭିଯୋଗ କରିଛନ୍ତି।



### କାନ୍ଦାହାର ବିମାନବନ୍ଦରରେ ରକେଟ୍ ମାଡ଼

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୮୮,୪୬,୩୪୦ | ୪୨,୩୮,୧୪୫ | ୧୭,୯୫,୦୬,୦୫୬ |
| ଭାରତ | ୩,୧୬,୯୩,୬୨୫ | ୪,୨୪,୭୭୭ | ୩,୦୮,୪୬,୫୦୯ |
| ଓଡ଼ିଶା | ୯,୭୮,୭୦୫ | ୫୯୭୭(+୫୩) | ୯,୫୮,୭୦୧ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଝୁଲିରହିଛି ୮ ରେଳ ପ୍ରକଳ୍ପ

## ୨୦% ଜମି ଅଧିଗ୍ରହଣ ପାଇଁ ଅର୍ଥ ରହିଛି

ହର୍ଷବର୍ଦ୍ଧନ ବେହେରା
ଯାଜପୁର ଅଫିସ, ୧।୮

ଜମି ଅଧିଗ୍ରହଣ ପ୍ରକ୍ରିୟାରେ ଲାଖିରହିଛି ଓଡ଼ିଶାରେ ୮ଟି ନୂତନ, ଦୋହରୀକରଣ ଓ ସମ୍ପ୍ରସାରଣ ରେଳ ପ୍ରକଳ୍ପ। ଏହି ପ୍ରକଳ୍ପଗୁଡିକ ପାଇଁ ୪୬୨୬.୩୦ ହେକ୍ଟର ଘରୋଇ, ସରକାରୀ ଏବଂ ଜଙ୍ଗଲ ଜମି ଚିହ୍ନଟ ହୋଇଥିଲାବେଳେ ସେଥିରୁ ୨୫୩୮.୨୮ ହେକ୍ଟର ଜମି ଅକ୍ତିଆର ହୋଇଛି। ବାକି ୨୦୮୮.୦୨ ହେକ୍ଟର ଜମିରୁ ମାତ୍ର ୪୧୦.୬୫ ହେକ୍ଟର ଜମି (୨୦ ପ୍ରତିଶତ) ନିମନ୍ତେ ୫୦୭ କୋଟି ଟଙ୍କା ମହଜୁଦ ରହିଛି। ରାଜ୍ୟ ସରକାରଙ୍କ ଦ୍ୱାରା ଯଥା ସମୟରେ ନିର୍ଦ୍ଧାରିତ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହୋଇପାରୁ ନ ଥିବାରୁ ଅଧିକ ପାଣ୍ଠି ମିଳୁପାରୁନାହିଁ। ଫଳରେ ବାଂଶପାଣି-ଟମକା-ଯଖପୁରା ଦୋହରୀକରଣ ପ୍ରକଳ୍ପ, ସମ୍ବଲପୁର-ତାଳଚେର, ଜରପଡ଼ା-ବୁଢ଼ାପଙ୍କ, ବୁଢ଼ାପଙ୍କ-ସାଲେଗାଁଓ, ଭଦ୍ରକ-ନିର୍ଗୁଣ୍ଡି, ସମ୍ବଲପୁର-ଟିଟିଲାଗଡ଼, ଖୋର୍ଦ୍ଧାରୋଡ୍-ବଲାଙ୍ଗୀର, ତାଳଚେର-ବିମଳାଗଡ଼ ପ୍ରକଳ୍ପର ଅଗ୍ରଗତି ଅତି ନୈରାଶ୍ୟଜନକ ରହିଛି। ଏଥିରୁ ଦୀର୍ଘ ୨୫ ବର୍ଷ ହେଲା ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳ ପ୍ରକଳ୍ପ ଲୋକଙ୍କ ଅପେକ୍ଷାରେ ରହିଛି।

ଏହି ମର୍ମରେ ମୁଖ୍ୟମନ୍ତ୍ରୀଙ୍କୁ ଗତ ଜୁନ୍ ୪ରେ ତତ୍କାଳୀନ ରେଳମନ୍ତ୍ରୀ ପୀୟୁଷ ଗୋଏଲ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଆବଣ୍ଟିତ ପାଣ୍ଠିର ବିନିଯୋଗ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ଏହି କ୍ରମରେ ଭୁବନେଶ୍ୱର ଇଷ୍ଟକୋଷ୍ଟ ରେଳୱେର ଜେନେରାଲ ମ୍ୟାନେଜରଙ୍କୁ ୨୬।୭।୨୦୨୧ରେ ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗ ସ୍ୱତନ୍ତ୍ର ସଚିବ ମନୋଜ କୁମାର ମିଶ୍ର ପ୍ରକଳ୍ପୱାରି ବାକି ପଡ଼ିଥିବା ପାଣ୍ଠି ଏବଂ ଜମି ଅଧିଗ୍ରହଣର ସ୍ଥିତି ରିପୋର୍ଟ ଦାଖଲ କରିବାକୁ ଚିଠି କରିଛନ୍ତି। ବିଭିନ୍ନ ସମୟରେ ପ୍ରକଳ୍ପଗୁଡିକର ସମୀକ୍ଷା କରାଯାଉଥିଲେ ହେଁ ଜଙ୍ଗଲ ଜମି ବିବାଦର ସ୍ଥାୟୀ ସମାଧାନ ଏବଂ ଆବଶ୍ୟକ ପାଣ୍ଠିର ଅଭାବ ଯୋଗୁ ଲୋକଙ୍କ ରେଳ ପ୍ରକଳ୍ପ ସ୍ୱପ୍ନ ଅଧୁରା ରହିଥିବା ମତପ୍ରକାଶ ପାଇଛି।

**୧-ବାଂଶପାଣି-ଟମକା-ଯଖପୁରା ଦୋହରୀକରଣ**

ଯାଜପୁର ଜିଲା ଦେଇ ଯାଇଥିବା ଏହି ରେଳଲାଇନର ଦୋହରୀକରଣ ପାଇଁ ୧୪୮.୩୮ ହେକ୍ଟର ଘରୋଇ, ସରକାରୀ ଓ ଜଙ୍ଗଲ ଜମି ଅଧିଗ୍ରହଣ କରିବାକୁ ଚିହ୍ନଟ ହୋଇଥିଲା। ଗତ ଏପ୍ରିଲ ସୁଦ୍ଧା ରିପୋର୍ଟ ଅନୁସାରେ ଆଦୌ ଜମି ଅଧିଗ୍ରହଣ ହୋଇପାରିନାହିଁ। ଏଥିପାଇଁ ୨୦.୮୯ ହେକ୍ଟର ଜମି ଅଧିଗ୍ରହଣ କରିବାକୁ ୧୮.୦୭ କୋଟି ଟଙ୍କା ପ୍ରଦାନ କରାଯାଇଥିଲେ ହେଁ ତାହା ରାଜ୍ୟ ସରକାରଙ୍କ ପାଖରେ ପଡ଼ିରହିଛି। ଫଳରେ ଏହି ପ୍ରକଳ୍ପର ବିକାଶ କେବଳ ପରିକଳ୍ପନାରେ ସୀମିତ ରହିଛି।

**୨-ସମ୍ବଲପୁର-ତାଳଚେର ଦୋହରୀକରଣ**

ଏହି ପ୍ରକଳ୍ପ ପାଇଁ ୭୮.୮୬ ହେକ୍ଟର ଜମି ଚିହ୍ନଟ ହୋଇଥିଲା। ସେଥିରୁ ମାତ୍ର ୩୦.୧୯ ହେକ୍ଟର ଜମି ଅଧିଗ୍ରହଣ ହୋଇଥିବାବେଳେ ୪୮.୬୬ ହେକ୍ଟର ଘରୋଇ, ସରକାରୀ ଓ ଜଙ୍ଗଲ ଜମି ଅଧିଗ୍ରହଣ ହୋଇ ପାରିନାହିଁ। ସେଥିରୁ ୩୯.୮୯ ହେକ୍ଟର ଜମି ଅଧିଗ୍ରହଣ ପାଇଁ ୩୪.୫୦ କୋଟି ଟଙ୍କା ମହଜୁଦ ରହିଛି।

**୩- ଜରପଡ଼ା-ବୁଢ଼ାପଙ୍କ ରେଳ ପ୍ରକଳ୍ପ**

ଏହି ରେଳ ରୁଟ୍‌ର ତୃତୀୟ ଓ ଚତୁର୍ଥ ଲାଇନ୍ ପ୍ରକଳ୍ପ ପାଇଁ ୧୧୯.୫୨ ହେକ୍ଟର ଜମି ଚିହ୍ନଟ ହୋଇଛି। କିନ୍ତୁ ଆଦୌ ଜମି ଅଧିଗ୍ରହଣ କରାଯାଇପାରିନାହିଁ। ସେଥିମଧ୍ୟରୁ ମାତ୍ର ୨୦.୪୫ ହେକ୍ଟର ଜମିକୁ ଅଧିଗ୍ରହଣ ପାଇଁ ୧୭.୬୯ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପାଖରେ ପଡ଼ିରହିଛି।

**୪-ବୁଢ଼ାପଙ୍କ-ସାଲେଗାଁଓ ରେଳ ପ୍ରକଳ୍ପ**

ଏହି ରେଳ ରୁଟ୍‌ର ତୃତୀୟ ଓ ଚତୁର୍ଥ ଲାଇନ୍ ପ୍ରକଳ୍ପ ପାଇଁ ୧୦୫.୭୧ ହେକ୍ଟର ଜମି ଚିହ୍ନଟ ହୋଇଛି। ସେଥିରୁ ମାତ୍ର ୯.୮୯ ହେକ୍ଟର ଜମି ଅକ୍ତିଆର କରାଯାଇଛି। ଅବଶିଷ୍ଟ ୯୫.୮୨ ହେକ୍ଟର ଜମି ମଧ୍ୟରୁ ୨୪.୫୮ ହେକ୍ଟର ଜମି ପାଇଁ ୬୪.୭୩ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ମିଳିଛି।

**୫-ଭଦ୍ରକ-ନିର୍ଗୁଣ୍ଡି ରେଳ ପ୍ରକଳ୍ପ**

୮୦ କି.ମି. ବିଶିଷ୍ଟ ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ ପାଇଁ ୩୦.୨୧ ହେକ୍ଟର ଜମି ଚିହ୍ନଟ ହୋଇଥିବାବେଳେ ସେଥିରୁ ମାତ୍ର ୨.୭୮ ହେକ୍ଟର ଜମି ଅକ୍ତିଆର କରାଯାଇଛି। ବାକି ୨୭.୪୨ ହେକ୍ଟର ଜମି ମଧ୍ୟରୁ ୧୬.୧୭ ହେକ୍ଟର ଜମି ପାଇଁ ୯.୨୨ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି।

**୬-ସମ୍ବଲପୁର-ଟିଟିଲାଗଡ଼ ଦୋହରୀକରଣ ପ୍ରକଳ୍ପ**

୧୮୨ କି.ମି. ବିଶିଷ୍ଟ ଏହି ଦୋହରୀକରଣ ରେଳ ପ୍ରକଳ୍ପ ପାଇଁ ୫୮.୮୫ ହେକ୍ଟର ଜମି ଚିହ୍ନଟ ହୋଇଥିବାବେଳେ ସେଥିରୁ ୩୯.୬୦ ହେକ୍ଟର ଜମି ଅଧିଗ୍ରହଣ ହୋଇଛି। ବାକି ୧୯.୨୬ ହେକ୍ଟର ଜମି ପାଇଁ ୫୧.୧୭ କୋଟି ଟଙ୍କା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି।

**୭-ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ବ୍ରଡ୍ ଗେଜ୍ ରେଳ ଲିଙ୍କ୍ ପ୍ରକଳ୍ପ**

୧୯୯୪-୯୫ ଆର୍ଥିକ ବର୍ଷରେ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ନୂତନ ବ୍ରଡ୍ ଗେଜ୍ ରେଳ ଲିଙ୍କ୍ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିଲା। ଏଥିପାଇଁ ୩୨୪୪.୫୫ ହେକ୍ଟର ଜମି ଚିହ୍ନଟ ହୋଇଥିଲା। ସେଥିରୁ ମାତ୍ର ୧୯୭୬.୩୮ ହେକ୍ଟର ଜମି ଅଧିଗ୍ରହଣ ହୋଇଛି। ବାକି ୧୨୬୮.୧୭ ହେକ୍ଟର ଜମିରୁ ମାତ୍ର ୧୪.୧୧ ହେକ୍ଟର ଜମି ଅଧିଗ୍ରହଣ ଲାଗି ୬୫.୧୮ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପାଖରେ ମହଜୁଦ ରହିଛି।

**୮-ତାଳଚେର-ବିମଳାଗଡ ନୂତନ ବ୍ରଡ୍ ଗେଜ୍ ରେଳ ଲିଙ୍କ୍ ପ୍ରକଳ୍ପ**

ଏହି ପ୍ରକଳ୍ପ ନିମନ୍ତେ ୮୪୦.୨୩ ହେକ୍ଟର ଜମି ଚିହ୍ନଟ ହୋଇଥିଲାବେଳେ ୪୭୯.୪୪ ହେକ୍ଟର ଜମି ଅଧିଗ୍ରହଣ ହୋଇଛି। ବାକି ୩୬୦.୭୯ ହେକ୍ଟର ଜମିରୁ ୨୫୫.୩୦ ହେକ୍ଟର ଜମି ଅଧିଗ୍ରହଣ ପାଇଁ ୨୪୬.୯୨ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପାଖରେ ଅଛି।

**ସଂକ୍ଷେପରେ**

## ଓଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୧।୮(ବ୍ୟୁରୋ):** ରାଜ୍ୟ ସରକାର ରବିବାର ଓଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଢେଙ୍କାନାଳ ଡିଆର୍‌ଡିଏର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ନରୋତ୍ତମ ବେହେରାଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ପାଇଛନ୍ତି। ମହିଳା ଓ ସଶକ୍ତିକରଣ ବିଭାଗ ଅତିରିକ୍ତ ସଚିବ ରଶ୍ମି ରଞ୍ଜନ ନାଏକଙ୍କୁ ଜଳ ସମ୍ପଦ ବିଭାଗ ଅତିରିକ୍ତ ସଚିବ ଭାବେ ଦାୟିତ୍ୱ ମିଳିଛି। ସେହିପରି ଉଚ୍ଚଶିକ୍ଷା ବିଭାଗ ଯୁଗ୍ମ ସଚିବ ଏବଂ ମୋ ସ୍କୁଲର ଓଏସ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ଶାନ୍ତନୁ କୁମାର ମହାନ୍ତିଙ୍କୁ ପର୍ଯ୍ୟଟନ ବିଭାଗ ଯୁଗ୍ମ ସଚିବ ଭାବେ ନିଯୁକ୍ତ କରାଯାଇଛି। ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମନ୍ଦିତା ପ୍ରଧାନଙ୍କୁ ଜିଲାର ପ୍ରକଳ୍ପ ପିଡି, ଡିଆର୍‌ଡିଏ ନିଯୁକ୍ତ ହୋଇଛନ୍ତି। ଓଡିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଉପଦେଷ୍ଟାଙ୍କ ଓଏସ୍‌ଡି ଥିବା ଅମୀୟ କୁମାର ରାଉତଙ୍କୁ ମୋ କେଲଜର ଓଏସ୍‌ଡି ବାବେ ନିଯୁକ୍ତି ମିଳିଛି।

## ୫ ମାସରେ ୫୦ ଚାରା ଦେବ କଦଳୀ ଗଛ

**ଭୁବନେଶ୍ୱର, ୧।୮(ବ୍ୟୁରୋ):** ଗୋଟିଏ ମା' କଦଳୀ ଗଛ ୪/୫ ମାସ ଭିତରେ ୪୦ରୁ ୫୦ ଚାରା ଦେବ। ଏହି ଉନ୍ନତ କିସମର କଦଳୀ ଗଛକୁ ଚାଷୀମାନେ ନିଜ ବାରିରେ ଲଗାଇ ଭଲ ରୋଜଗାର କରିପାରିବେ। ଏନେଇ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଏକ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କୁଳପତି ପ୍ରବନ କୁମାର ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟରେ ଥିବା ୩୧ କୃଷି ବିଜ୍ଞାନ କେନ୍ଦ୍ରର ପ୍ରାୟ ୫୦ଜଣ ବୈଜ୍ଞାନିକ ଭର୍ଚୁଆଲରେ ଯୋଗଦେଇ କଦଳୀର ମାକ୍ରୋପ୍ରୋପାଗେଶନ ସମ୍ବନ୍ଧରେ ତାଲିମ ନେଇଥିଲେ। ଅଖିଳ ଭାରତୀୟ ସଂଯୋଜିତ ଫଳ ଗବେଷଣା ପ୍ରକଳ୍ପର ବୈଜ୍ଞାନିକ ଡା. ସୌଦାମିନୀ ସ୍ୱାଇଁ ଯୋଗଦେଇ କଦଳୀର ଏହି ବୃହତ୍ ବଂଶବିସ୍ତାର (ସ୍ୱଳ୍ପ ଖର୍ଚ୍ଚ ଓ କୃଷକଙ୍କୁ ସୁହାଇଲା ଭଳି) ପଦ୍ଧତି କିପରି କ୍ଷେତ୍ରୀୟ ସ୍ତରରେ ପ୍ରୟୋଗ କରାଯାଇପାରିବ, ତାହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବାରିପଟ ଗଛଛାଇ ତଳେ ଏହି ଉନ୍ନତ କିସମର ସୁସ୍ଥ ମା'ଗଛରୁ କିପରି ଚାଷୀମାନେ ବହୁଳ ଉପକୃତ ହୋଇପାରିବେ ବୋଲି ଓୟୁଏଟି ଗବେଷଣା ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ପ୍ରଫେସର ପ୍ରସନ୍ନଜିତ ମିଶ୍ର ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଫଳ ଗବେଷଣା ପ୍ରକଳ୍ପ ରୋଗ ବିଭାଗର ବୈଜ୍ଞାନିକ ବିପିନ କୁମାର ପ୍ରଧାନ ତାଲିମରେ ସହଯୋଗ କରିଥିଲେ।

## ଜୁଲାଇରେ ୧.୧୬ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ

ନୂଆଦିଲ୍ଲୀ, ୧।୮

କରୋନା ମହାମାରୀ ଯୋଗୁ କ୍ଷତିଗ୍ରସ୍ତ ବଜାର ଧୀରେ ଧୀରେ ସୁଧାର ପଥକୁ ଫେରୁଛି। ଫଳରେ ଟିକସ ସଂଗ୍ରହରେ ଉନ୍ନତି ଦେଖାଯାଇଛି। ଚଳିତ ବର୍ଷ ଜୁଲାଇରେ କେନ୍ଦ୍ର ସରକାର ୧.୧୬ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଆଦାୟ କରିବାକୁ ସକ୍ଷମ ହୋଇଛନ୍ତି। ପରୋକ୍ଷ ଟିକସ ଆଦାୟ ୩ ମାସର ସର୍ବୋଚ୍ଚ ସ୍ତର ଛୁଇଁଥିବା ଜଣାପଡ଼ିଛି। ଦେଶର ବିଭିନ୍ନ ପ୍ରାନ୍ତରେ କରୋନା କଟକଣା କୋହଳ ହେଉଥିବାରୁ ଆର୍ଥିକ କାର୍ଯ୍ୟକଳାପ ତ୍ୱରାନ୍ୱିତ ହେଉଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ରବିବାର ଜାରି ଏକ ରିପୋର୍ଟରେ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଜୁନ୍‌ରେ ୯୨,୮୯୪ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ପ୍ରାୟ ୮ ମାସ ଲଗାତର ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ଟପୁଥିବା ବେଳେ ଜୁନ୍‌ରେ ଏହା ବ୍ୟତିକ୍ରମ ଦେଖାଯାଇଥିଲା। କରୋନା ନିୟନ୍ତ୍ରଣ ପାଇଁ ଆଞ୍ଚଳିକ ସ୍ତରରେ ଲାଗୁ ହୋଇଥିବା ଲକ୍‌ଡାଉନର ପ୍ରଭାବ ଟିକସ ଆଦାୟ ଉପରେ ପଡ଼ିଥିଲା।

ଗତବର୍ଷ ସମାନ ସମୟ ତୁଳନାରେ ଆଦାୟ ୩୩% ବଢ଼ିଥିବା ନଜରକୁ ଆସିଛି। ସେହିଭଳି ଚଳିତବର୍ଷ ଏପ୍ରିଲରେ ୧.୪୧ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହୋଇଥିଲା। ଜୁଲାଇରେ ଇ-ୱେ ବିଲ୍ ଜେନେରେଶନ ୧.୮ ନିୟୁତ ରହିଛି ; ଯାହା ମେ ମାସରେ ୧.୨ ନିୟୁତ ରହିଥିଲା। ସୂଚନା ମୁତାବକ, ସାମଗ୍ରୀ ଆମଦାନୀ ବାବଦ ଟିକସ ୩୬% ବଢ଼ିଛି। ଏହା ବାଦ୍ ମହାରାଷ୍ଟ୍ରରେ ୫୧%, ତାମିଲନାଡୁରେ ୩୬%, ଝାଡଖଣ୍ଡ ଏବଂ ଓଡ଼ିଶାରେ ଆଦାୟ ୫୪% ବଢ଼ିଛି। ମୋଟ ଟିକସ ମଧ୍ୟରେ ୨୨,୧୯୭ କୋଟି ଟଙ୍କାର କେନ୍ଦ୍ରୀୟ ଜିଏସ୍‌ଟି(ସିଜିଏସ୍‌ଟି), ୨୮,୫୪୧ କୋଟି ଟଙ୍କାର ରାଜ୍ୟ ଜିଏସ୍‌ଟି, କ୍ଷତିପୂରଣ ସେସ୍ ବାବଦ ୭୭୯୦ କୋଟି ଟଙ୍କା ଆଦାୟ ହୋଇଥିବା ଅର୍ଥ ମନ୍ତ୍ରଣାଳୟ ରିପୋର୍ଟରୁ ସାମ୍ନାକୁ ଆସିଛି।



ଟୋକିଓ ଅଲିମ୍ପିକ୍ସରେ ରବିବାର ଭାରତ-ଗ୍ରେଟ୍ ବ୍ରିଟେନ୍ ପୁରୁଷ ହକି କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିଭିରେ ଉପଭୋଗ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

## ଭାରତୀୟ ହକି ଦଳକୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା


ଭୁବନେଶ୍ୱର, ୧।୮(ସ୍ପୋର୍ଟ୍ସ ବ୍ୟୁରୋ)

ଭାରତୀୟ ପୁରୁଷ ହକି ଦଳ ବହୁ ବର୍ଷ ପରେ ଅଲିମ୍ପିକ୍ସ ସେମିଫାଇନାଲରେ ପ୍ରବେଶ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। କ୍ୱାର୍ଟରଫାଇନାଲରେ ଗ୍ରେଟ୍ ବ୍ରିଟେନ ଦଳ ବିପକ୍ଷରେ ଜାତୀୟ ଦଳର ବିଜୟରେ ସେ ଖୁସି ବ୍ୟକ୍ତ କରିଛନ୍ତି। ଅଲିମ୍ପିକ ସେମିଫାଇନାଲ ଓ ଫାଇନାଲରେ ଦଳର ବିଜୟ ପାଇଁ ସେ ଶୁଭକାମନା କରିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶା ସରକାର ୨୦୧୮ରୁ ୫ ବର୍ଷ ପାଇଁ ଭାରତର ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ହୋଇଛନ୍ତି। ଏକ ଜାତୀୟ ଦଳକୁ ପ୍ରମୋଟ କରିବାରେ ସମଗ୍ର ଦେଶରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ।

# ଦିନକରେ ତରଳିଛି ୨୨ ଗିଗାଟନ୍ ବରଫ

ବ୍ରସେଲ୍ସ, ୧।୮

**ବିପର୍ଯ୍ୟୟକୁ ଡାକୁଛି ଗ୍ରୀନ୍‌ଲାଣ୍ଡ ଗ୍ଲେସିୟର**



ଶିଳ୍ପ ବିପ୍ଳବ ପରଠାରୁ ପୃଥିବୀର ତାପମାତ୍ରାରେ କ୍ରମାଗତ ବୃଦ୍ଧି ଚିନ୍ତାର ବିଷୟ ପାଲଟିଛି। ଦୁନିଆର ଅନେକ ସ୍ଥାନରେ ଏହାର ଭୟଙ୍କର ପରିଣତି ଦେଖିବାକୁ ମିଳୁଛି। ଭୀଷଣ ଗରମ, ବନ୍ୟା, ବାତ୍ୟା, ଭୂସ୍ଖଳନ ଭଳି ପ୍ରାକୃତିକ ବିପର୍ଯ୍ୟୟର ମାତ୍ରା ବଢ଼ିବାରେ ଲାଗିଥିବାବେଳେ ଏବେ ଗ୍ରୀନଲାଣ୍ଡ ଗ୍ଲେସିୟର ବ୍ୟାପକ ଭାବେ ତରଳିବା ସମସ୍ତଙ୍କ ପାଇଁ ସତର୍କ ଘଣ୍ଟି ବଜାଇଛି। କ୍ରମାଗତ ଭାବେ ଏଠାରେ ବରଫ ତରଳୁଥିବାବେଳେ ଚଳିତ ସପ୍ତାହରେ ଏହାର ମାତ୍ରା ବ୍ୟାପକ ଭାବେ ବୃଦ୍ଧି ପାଇଛି। କେବଳ ବୁଧବାର ଏଠାରେ ପ୍ରାୟ ୨୨ ଗିଗାଟନ୍ (୧ ଗିଗାଟନ୍= ୧ ବିଲିୟନ ମେଟ୍ରିକ ଟନ୍) ବରଫ ତରଳି ସମୁଦ୍ରରେ ମିଶିଛି। ଏତେମାତ୍ରାରେ ବରଫ ଆମେରିକା ରାଜ୍ୟ ଫ୍ଲୋରିଡାକୁ ୨ ଇଞ୍ଚ ପର୍ଯ୍ୟନ୍ତ ପାଣିରେ ବୁଡ଼ାଇବାକୁ ଯଥେଷ୍ଟ ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି।

ବରଫ ଚାଦର ଉପରେ ଅଧ୍ୟୟନ କରୁଥିବା ଡାନିଶ ସରକାରୀ ଗବେଷକ ଏ ସଂକ୍ରାନ୍ତରେ ଏକ ରିପୋର୍ଟ 'ପୋଲାର ପୋର୍ଟାଲ' ୱେବସାଇଟ୍‌ରେ ପ୍ରକାଶ କରିଛନ୍ତି। ରିପୋର୍ଟ ମୁତାବକ, ଚଳିତ ସପ୍ତାହରେ ଗ୍ରୀନଲାଣ୍ଡ ଗ୍ଲେସିୟର ତରଳିବା ଘଟଣା ୧୯୫୦ ମସିହା ପରଠାରୁ ତୃତୀୟ ବଡ଼ ଧରଣର ପ୍ରାକୃତିକ କ୍ଷତି। ଏହା ପୂର୍ବରୁ ୨୦୧୨ ଓ ୨୦୧୯ରେ ବ୍ୟାପକ ଭାବେ ବରଫ ତରଳିଥିଲା। ୨୦୧୯ରେ ଅପେକ୍ଷାକୃତ ଅଧିକ ମାତ୍ରାରେ ଗ୍ଲେସିୟର ତରଳି ସମୁଦ୍ରରେ ମିଶିଥିଲା। ଏବେ ତରଳିଥିବା ବରଫ ଯୋଗୁ ସମୁଦ୍ରରେ ୧୨ ଗିଗାଟନ୍ ଜଳ ହୋଇ ମିଶିଥିବା ବେଲଜିୟମସ୍ଥିତ ଲିଜ୍ ୟୁନିଭର୍ସିଟିର ଜଳବାୟୁ ବୈଜ୍ଞାନିକ ଜାଭିୟର ଫେଟ୍‌ୱିସ୍ କହିଛନ୍ତି। ବାକି ୧୦ ଗିଗାଟନ୍ ବାଷ୍ପ ହୋଇ ବାୟୁମଣ୍ଡଳରେ ମିଶିଥିବା ସେ ପ୍ରକାଶ କରିଛନ୍ତି। ଗବେଷକଙ୍କ ମତରେ ଗରମ ବାୟୁ ପ୍ରବାହ ଯୋଗୁ ଏପରି ଘଟିଛି। ଉତ୍ତର ଗ୍ରୀନ୍‌ଲାଣ୍ଡର ତାପମାତ୍ରା ୨୦ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ରହୁଛି, ଯାହାକି ଗ୍ରୀଷ୍ମଋତୁଠାରୁ ଦୁଇଗୁଣ ଅଧିକ। ଗୁରୁବାର ସେଠାରେ ୨୩.୪ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରା ରେକର୍ଡ କରାଯାଇଛି। ଏଥିଯୋଗୁ ଗ୍ରୀନଲାଣ୍ଡରେ ଆହୁରି ବରଫ ତରଳିବା ଆଶଙ୍କା ରହିଛି।


**KHADI & VILLAGE INDUSTRIES COMMISSION**
Ministry of Micro, Small & Medium Enterprises, Govt. of India
STATE OFFICE, ODISHA
J/16, Bhimpur, Gandamunda, Khandagiri, Bhubaneswar-751030

**ଆପଣ କୌଣସି ସୂକ୍ଷ୍ମ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଅର୍ଥ ରାଶିର ଆବଶ୍ୟକ କରୁଛନ୍ତି କି?**
ଯଦି ହଁ, ତେବେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ଯୋଜନାରେ ଆବେଦନ କରି ବ୍ୟାଙ୍କ ଲୋନ ସହିତ ୩୫% ପର୍ଯ୍ୟନ୍ତ ସବ୍‌ସିଡିର ଲାଭ ଉଠାନ୍ତୁ।

**PMEGP ଯୋଜନାର ପ୍ରମୁଖ ନିୟମାବଳୀ**
୧) ଆବେଦନକାରୀଙ୍କ ବୟସ ସୀମା ୧୮ ବର୍ଷରୁ ଉର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ।
୨) ସ୍ୱୟଂ ସହାୟକ ଗୋଷ୍ଠୀ (SHG), ପଞ୍ଜୀକୃତ ସୋସାଇଟି, ଉତ୍ପାଦନ ସମବାୟ ସମିତି ଏବଂ ଟ୍ରଷ୍ଟ ଇତ୍ୟାଦି ମଧ୍ୟ ଆବେଦନ କରିପାରିବେ।
୩) ଆବେଦନକାରୀଙ୍କର ଶିକ୍ଷାଗତ ଯୋଗ୍ୟତା ଯଦି ଅଷ୍ଟମ ଶ୍ରେଣୀଠାରୁ କମ୍ ହୋଇଥିବ, ଉତ୍ପାଦନଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୧୦.୦୦ ଲକ୍ଷ ଏବଂ ସେବାଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୫.୦୦ ଲକ୍ଷ ପର୍ଯ୍ୟନ୍ତ ପ୍ରକଳ୍ପ ରାଶି ହୋଇଥିବା ଆବଶ୍ୟକ। ଆବେଦନକାରୀଙ୍କର ଶିକ୍ଷାଗତ ଯୋଗ୍ୟତା ଯଦି ୮ମରୁ ଶ୍ରେଣୀରୁ ଅଧିକ ହୋଇଥିବ, ଉତ୍ପାଦନଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୨୫.୦୦ ଲକ୍ଷ ଏବଂ ସେବାଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୧୦.୦୦ଲକ୍ଷ ପର୍ଯ୍ୟନ୍ତ ପ୍ରକଳ୍ପ ରାଶି ହୋଇଥିବା ଆବଶ୍ୟକ।
୪) ଗ୍ରାମାଞ୍ଚଳ ପାଇଁ ପ୍ରକଳ୍ପ ରାଶିର ୩୫% ଏବଂ ସହରାଞ୍ଚଳ ପାଇଁ ୨୫% ସର୍ବାଧିକ ସବ୍‌ସିଡି ଉପଲବ୍ଧ।
୫) ଏହି ଯୋଜନା ଅଧୀନରେ ଗୋଟିଏ ପରିବାରରୁ କେବଳ ଜଣେ ବ୍ୟକ୍ତି ଆର୍ଥିକ ସହାୟତା ପାଇଁ ଯୋଗ୍ୟ ବିବେଚିତ ହେବେ।
୬) କାର୍ଯ୍ୟରତ ଉଦ୍ୟୋଗ କିମ୍ବା ଅନ୍ୟ କୌଣସି କେନ୍ଦ୍ର/ରାଜ୍ୟ ସବ୍‌ସିଡି ଯୋଜନା ଅଧୀନରେ ସବ୍‌ସିଡି/ମାର୍ଜିନ୍ ରାଶିର ଲାଭ ନେଇସାରିଥିବା ଆବେଦନକାରୀମାନେ ଯୋଗ୍ୟ ହେବେ ନାହିଁ।
୭) ଆବେଦନକାରୀଙ୍କ ଆଧାର କାର୍ଡ (Aadhar Card) ଥିବା ଆବଶ୍ୟକ।

**କିପରି ଆବେଦନ କରିବେ :**
ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି)ର ନିୟମାବଳୀ ଅନୁଯାୟୀ ଯୋଗ୍ୟ ଆବେଦନକାରୀ www.kviconline.gov.in/pmegpeportal ରେ registration କରି online ମାଧ୍ୟମରେ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଖଦୀ ଗ୍ରାମୋଦ୍ୟୋଗ ବୋର୍ଡ, କଏର୍ ବୋର୍ଡ କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ରକୁ ଆବେଦନ କରିପାରିବେ। କୌଣସି ପ୍ରକାର offline ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ। ଅଧିକ ବିବରଣୀ ପାଇଁ ନିକଟସ୍ଥ ବ୍ଲକ୍‌ରେ ନିଯୁକ୍ତ ଶିଳ୍ପ ବିକାଶ ଅଧିକାରୀ (IPO) କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ର (DIC)ର ଜେନେରାଲ ମ୍ୟାନେଜରଙ୍କୁ ଯୋଗାଯୋଗ କରିପାରିବେ କିମ୍ବା ନିମ୍ନଲିଖିତ ୱେବ୍‌ସାଇଟ୍‌କୁ visit କରିପାରିବେ।
- https://www.udyami.org.in/about-pmegp
- https://www.kviconline.gov.in/pmegpeportal/jsp/SchemeFaqApplicant.html

ସା./- ନିର୍ଦ୍ଦେଶକ


## ଓଡ଼ିଶା ସୀମା ସମସ୍ୟା ତଥ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ନାହିଁ

**ନିନ୍ଦା କଲା ଉତ୍କଳ ସମ୍ମିଳନୀ**

ଭୁବନେଶ୍ୱର, ୧।୮ (ବ୍ୟୁରୋ)

ଓଡ଼ିଶାର ସୀମା ସମସ୍ୟା ସମ୍ପର୍କିତ ତଥ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ନାହିଁ। ଏହା ଏକ ନିନ୍ଦନୀୟ ପ୍ରସଙ୍ଗ ବୋଲି ଉତ୍କଳ ସମ୍ମିଳନୀ କହିଛି। ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଦିଲୀପ ଦାଶଶର୍ମା କହିଛନ୍ତି, ନିକଟରେ ଲୋକ ସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ହରିୟାଣା-ହିମାଚଳ ପ୍ରଦେଶ, ଲଦାଖ-ହିମାଚଳ ପ୍ରଦେଶ, ମହାରାଷ୍ଟ୍ର-କର୍ଣ୍ଣାଟକ, ଆସାମ-ଅରୁଣାଚଳ ପ୍ରଦେଶ, ଆସାମ-ନାଗାଲାଣ୍ଡ, ଆସାମ-ମେଘାଳୟ ଓ ଆସାମ-ମିଜୋରାମ ମଧ୍ୟରେ ସୀମା ବିବାଦ ଥିବା ନେଇ ସୂଚନା ଦେଇଥିଲେ। ତେବେ ଦୀର୍ଘବର୍ଷ ଧରି ଓଡ଼ିଶା-ଆନ୍ଧ୍ର ପ୍ରଦେଶ, ଓଡ଼ିଶା-ପଶ୍ଚିମବଙ୍ଗ ଓ ଓଡ଼ିଶା-ଛତିଶଗଡ ମଧ୍ୟରେ ସୀମା ବିବାଦ ଲାଗି ରହିଥିଲେ ମଧ୍ୟ ଏହା ତାଙ୍କ ଉତ୍ତରରେ ସ୍ଥାନ ପାଇନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଓଡ଼ିଶା ସୀମା ବିବାଦ ତଥ୍ୟ ନ ଥିବା ଏଥିରୁ ସ୍ପଷ୍ଟ ହେଉଛି। ଉତ୍କଳ ସମ୍ମିଳନୀ ଏହାକୁ ବିରୋଧ କରିବା ସହିତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏହି ପ୍ରସଙ୍ଗକୁ ତାଲିକାଭୁକ୍ତ କରି ସମାଧାନ ପାଇଁ ଚେଷ୍ଟା କରନ୍ତୁ ବୋଲି ଦାବି କରାଯାଇଛି। ଏଥିସହ ରାଜ୍ୟଗୁଡ଼ିକ ଭିତରେ ଥିବା ସୀମା ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର 'ସୀମା ସୁରକ୍ଷା ପରିଷଦ' ଗଠନ କରନ୍ତୁ ବୋଲି ଦାଶଶର୍ମା ଦାବି କରିଛନ୍ତି।


ଧରିତ୍ରୀ | GUPTA DISTRIBUTORS
ଅତୁଟ ବନ୍ଧନ...
Rakhi message contest
In association with PANDA TRAVEL MART
WIN BIG
Loaded with 50 Attractive Prizes
15 Gold Coins to be won
Cut the Coupon & Send it to :- Dharitri, B-15, Industrial Estate, Rasulgarh, Bhubaneswar-751010
or
Click the photo of the filled message & send it to : - Whatsapp 78944 47155 rakhimessagecontest@dharitri.com

ଆମର ପ୍ରିୟ ପାଠିକା/ପାଠକ । 'ରାକ୍ଷୀ ପୂର୍ଣ୍ଣିମା' ଅବସରରେ ଧରିତ୍ରୀ ପକ୍ଷରୁ ଆୟୋଜିତ ହେଉଛି ଏକ ସ୍ୱତନ୍ତ୍ର ବାର୍ତ୍ତା 'ପ୍ରତିଯୋଗିତା' । ସୃଜନଶୀଳ ତଥା ଭାବନାତ୍ମକ ଏବଂ ଚାତୁର୍ଯ୍ୟ ଥିବା ବାର୍ତ୍ତାକୁ ପୁରସ୍କାର ଲାଗି ଅଗ୍ରାଧିକାର ମିଳିବ । ଆପଣଙ୍କ ବାର୍ତ୍ତା ୪୦ଟି ଶବ୍ଦ ଭିତରେ ସୀମିତ ରହିବା ଆବଶ୍ୟକ । ନିଜ ନାମ, ଯୋଗାଯୋଗ ଠିକଣା ଓ ମୋବାଇଲ୍ ନମ୍ବର ସ୍ପଷ୍ଟ ହସ୍ତାକ୍ଷରରେ ଉଲ୍ଲେଖ ରହିବା ଜରୁରୀ । ବାର୍ତ୍ତା ପହଞ୍ଚିବାର ଶେଷ ତାରିଖ ୨୦ ଅଗଷ୍ଟ ୨୦୨୧ । ବିଜେତାଙ୍କ ନାମ ଧରିତ୍ରୀରେ ପ୍ରକାଶ ପାଇବ ।

MESSAGE COUPON
ବାର୍ତ୍ତା :
.........................................................................
.........................................................................
.........................................................................
.........................................................................
.........................................................................
.........................................................................
.........................................................................
.........................................................................
ନାମ......................................., ବୟସ..........
ଠିକଣା..................................................
...........................ମୋବାଇଲ୍...........................

"BASIC T & Cs" :
The Dharitri Management reserves the right to decide on the qualification and basis for winning messeges.
*T & C Apply

**ଆଜିର ମନ୍ତବ୍ୟ**

ଭାରତ ସର୍ବଦା ଆଧୁନିକୀକରଣର ସ୍ୱର, ଆଲୋଚନାର ସମର୍ଥକ ଓ ଅନ୍ତର୍ଜାତୀୟ ଆଇନର ପ୍ରସ୍ତାବକ ହୋଇ ରହିବ।
-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ପିହୁ
ପରିବାରବର୍ଗ


ସ୍ୱୀକୃତି
ପରିବାରବର୍ଗ


ପ୍ରିୟାଂଶି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଣା କୁ କାଣୀ**
**ଭଲା ଭିଆଇଛି ଚକରପାଣି।**
ଦାମ୍ପତ୍ୟ ଯୋଡ଼ି ହିଁ ଈଶ୍ୱରଙ୍କ ସର୍ଜନା। କୁହାଯାଏ, ବିବାହ ସ୍ୱର୍ଗରେ ହୋଇଥାଏ। ଅର୍ଥାତ କିଏ କାହାର ହେବ ତାହା ସ୍ଥିର ହୋଇଥାଏ ଢେର ଆଗରୁ। ନିର୍ଦ୍ଦିଷ୍ଟ ପୁରୁଷ ପାଇଁ ନାରୀ ଈଶ୍ୱର ସୃଷ୍ଟି କରିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଳିକା ରଷିର ମୁଣ୍ଡରେ ଜଟ**
**ଛିଣ୍ଡାଇ ପକାଏ ରଟ ରାଟ।**
କିଛି ବ୍ୟକ୍ତି ଅଛନ୍ତି, ଯାହାଙ୍କର ସାମାନ୍ୟ ଅଭିଜ୍ଞତା ଥାଉ କି ନ ଥାଉ ସେମାନେ କିନ୍ତୁ ଅଯଥାରେ ପାହାଡ଼ ତୋଡ ଭଳି କଥା କହି ଅନ୍ୟକୁ ପ୍ରଭାବିତ କରିଚାଲନ୍ତି। ସତେ ଯେମିତି ସବୁ କଥା ବା ବିଷୟରେ ତାଙ୍କର ବେଶି ଅଭିଜ୍ଞତା ଅଛି ଓ ସବୁ ଜାଣିଛନ୍ତି। ନିଜର ପ୍ରକୃତ ଜ୍ଞାନ ଅପେକ୍ଷା ବେଶି ବାହାଦୁରି ଦେଖେଇ ହେଉଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

# ହୋମ୍ ଆଇସୋଲେଶନରେ ୭୭.୨୪% ଆକ୍ରାନ୍ତ

**ଭୁବନେଶ୍ୱର, ୧୮(ବ୍ୟୁରୋ):** ରାଜ୍ୟରେ ଏବେ ୭୭.୨୪% କରୋନା ଆକ୍ରାନ୍ତ ହୋମ୍ ଆଇସୋଲେଶନରେ ରହିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମିଳିଥିବା ସୂଚନାନୁସାରେ, ଜୁଲାଇ ୩୧ ସୁଦ୍ଧା ରାଜ୍ୟରେ ସକ୍ରିୟ ଥିବା ୧୪,୪୮୫ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ୧୧,୧୮୮ଜଣ ହୋମ୍ ଆଇସୋଲେଶନରେ ରହିଛନ୍ତି। ଜେନେରାଲ ବେଡ୍‌ରେ ୧,୦୧୩ଜଣ ଥିବାବେଳେ ଆଇସିୟୁ/ଏଚ୍‌ଡିୟୁରେ ୧,୦୮୧, ଭେଣ୍ଟିଲେଟରରେ ୨୭୭, ସିସିସିରେ ୧,୨୦୩, ଡିଏମ୍‌ସି/ସିଟିଏମ୍‌ସିରେ ୧୫୯ ଓ ଘରୋଇ ଆଇସୋଲେଶନରେ ୩୪ଜଣ ରହିଛନ୍ତି। ସେପଟେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି, ସମ୍ଭାବ୍ୟ ତୃତୀୟ ଲହର ପାଇଁ ରାଜ୍ୟ ସରକାର ଘରକୁ ଘର ବୁଲି ସର୍ଭେଲାନ୍ସ କରିବା ଉଚିତ୍।

# ସଙ୍ଗଠନ ସଜାଡ଼ିବାକୁ ୱାର୍ଡ ବୁଲିବ ଭାଜପା

## ଏନ୍ଏସି, ପୌର ନିର୍ବାଚନ ନେଇ ରାଜ୍ୟପାଳଙ୍କୁ ଭେଟିବ ଦଳ

**ଭୁବନେଶ୍ୱର, ୧୮(ବ୍ୟୁରୋ)**

ନିର୍ବାଚନ ହୋଇ ନ ଥିବାରୁ ୩ବର୍ଷ ହେଲା ଏନ୍ଏସି, ପୌରାଞ୍ଚଳରେ ଜନପ୍ରତିନିଧି ନାହାନ୍ତି। ସମସ୍ତ କାର୍ଯ୍ୟ ସରକାରୀ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଛି। ପ୍ରଶାସନିକ ଦାୟିତ୍ୱରେ ଥିବା ଅଧିକାରୀମାନେ କେନ୍ଦ୍ର ସରକାରଙ୍କ ଅନୁଦାନ ଅର୍ଥ ହରିଲୁଟ୍ କରୁଛନ୍ତି। ସହରାଞ୍ଚଳରେ ଏକାଧିକ ସମସ୍ୟା ଥିଲେ ବି ସମାଧାନ ହୋଇପାରୁନାହିଁ ବୋଲି ଭାଜପା ଅଭିଯୋଗ କରିଛି। ଏ ନେଇ ଦଳ ଖୁବ୍‌ଶୀଘ୍ର ରାଜ୍ୟପାଳଙ୍କୁ ଭେଟି ଫେରାଦ ହେବ ବୋଲି ରବିବାର ଅନୁଷ୍ଠିତ ପୌରାଞ୍ଚଳ କମିଟି ବୈଠକରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଆଗାମୀ ଦିନରେ ପୌରାଞ୍ଚଳରେ ସଙ୍ଗଠନ ସୁଦୃଢ଼ କରିବାକୁ ୱାର୍ଡ ପରିକ୍ରମା ଆରମ୍ଭ ହେବ। ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଦୁର୍ନୀତି, ସଫେଇ କର୍ମଚାରୀଙ୍କୁ କରାଯାଉଥିବା ଅଣଦେଖା, ସରକାରୀ ବାବୁଙ୍କ ଅପାରଗତା ଆଦି ବିଷୟରେ ସଚେତନତା ସୃଷ୍ଟି କରାଯିବ ବୋଲି ସମୀର କହିଛନ୍ତି। ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନ କରିବା ଲାଗି ପ୍ରସ୍ତୁତ ହେଉଥିବାବେଳେ ପୌର ନିର୍ବାଚନ ବିଷୟରେ କାହିଁକି ମୁହଁ ଫିଟାଉନାହାନ୍ତି ବୋଲି ସେ ଏହି ଅବସରରେ ପ୍ରଶ୍ନ କରିଛନ୍ତି। ସେହିପରି ଗୋଟିଏ ଦିନରେ ରାଜ୍ୟର ସମସ୍ତ ପୌରସଂସ୍ଥାରେ ନିର୍ବାଚନ କରିବାକୁ ବରିଷ୍ଠ ନେତା କନକ ବର୍ଦ୍ଧନ ସିଂଦେଓ ଦାବି କରିଛନ୍ତି। ୱାର୍ଡକୁ ୱାର୍ଡ ବୁଲି ପଦଯାତ୍ରା କରି ଲୋକଙ୍କ ସହ ଯୋଡ଼ି ହେବାକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଦଳୀୟ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସିନ୍ଧୁଙ୍କୁ ବ୍ରୋଞ୍ଜ, ହକିରୁ ...

ହାଇଦ୍ରାବାଦରେ ଜନ୍ମଗ୍ରହଣ କରିଥିବା ସିନ୍ଧୁ ଅଲିମ୍ପିକ୍ସରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ବ୍ୟତୀତ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ, ୨୦୧୭ ଓ ୨୦୧୮ରେ ରୌପ୍ୟ, ୨୦୧୩ ଓ ୨୦୧୪ରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ସେ ୨୦୧୪ ଓ ୨୦୧୬ ଉବର କପ୍‌ରେ ବ୍ରୋଞ୍ଜ, ୨୦୧୮ ଏସିଆନ ଗେମ୍ସରେ ରୌପ୍ୟ, ୨୦୧୪ରେ ବ୍ରୋଞ୍ଜ, ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ, ମହିଳା ସିଙ୍ଗଲ୍ସରେ ରୌପ୍ୟ ଏବଂ ୨୦୧୪ରେ ବ୍ରୋଞ୍ଜ ପଦକ ପାଇଥିଲେ। କେବଳ ସେତିକି ନୁହେଁ ୨୦୧୪ ଏସିଆନ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ, ୨୦୧୬ ସାଉଥ୍ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଓ ୨୦୧୬ରେ ରୌପ୍ୟ ପଦକ ଅର୍ଜନ କରିଥିଲେ।

ବ୍ରୋଞ୍ଜ ପଦକ ବିଜୟ ପ୍ରକୃତରେ ମୋତେ ବହୁତ ଖୁସି ଦେଇଛି। କାରଣ ଏଥିପାଇଁ ମୁଁ ଦୀର୍ଘବର୍ଷ ଧରି କଠିନ ପରିଶ୍ରମ କରି ଆସିଥିଲି। ଫାଇନାଲରେ ପହଞ୍ଚି ନ ପାରିବାର ଦୁଃଖ ରହିଛି, ମାତ୍ର ଏହି ବ୍ରୋଞ୍ଜ ପଦକ ବିଜୟ ସହ ମୋର ଭାବପ୍ରବଣତା ଜଡ଼ିତ ବୋଲି ୨୬ ବର୍ଷୀୟା ସିନ୍ଧୁ ପ୍ରକାଶ କରିଛନ୍ତି। ବ୍ରୋଞ୍ଜ ବିଜୟିନୀ ସିନ୍ଧୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ସିନ୍ଧୁଙ୍କ ପ୍ରଦର୍ଶନରେ ଆମେ ସମସ୍ତେ ଆନନ୍ଦିତ। ଟୋକିଓରେ ବ୍ରୋଞ୍ଜ ବିଜୟ ପାଇଁ ତାଙ୍କୁ ଅଭିନନ୍ଦନ। ସେ ହେଉଛନ୍ତି ଭାରତର ଗର୍ବ ଏବଂ ଆମ ଶ୍ରେଷ୍ଠ ଅଲିମ୍ପିଆନଙ୍କ ମଧ୍ୟରୁ ଅନ୍ୟତମ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।

### ୪୯ ବର୍ଷ ପରେ...

ଖେଳି ଦଳକୁ ସଫଳତାର ଶୀର୍ଷରେ ପହଞ୍ଚାଇଥିଲେ ସେହି ଦେଶ ଅଲିମ୍ପିକ୍ସର ଗତ କେତୋଟି ସଂସ୍କରଣରେ ନିମ୍ନମାନର ପ୍ରଦର୍ଶନ କରିବା ନିହାତି ଦୁର୍ଭାଗ୍ୟଜନକ। କିନ୍ତୁ ଏଥର ଭାରତ ଏହି ବିଫଳତାକୁ ପଛରେ ପକାଇଛି।

ଚଳିତ ଅଲିମ୍ପିକ୍ସରେ ଭାରତ ୭-୧ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହେବା ପରେ ପଛକୁ ଫେରି ଚାହିଁନାହିଁ। ୫ଟି ମ୍ୟାଚ୍‌ରୁ ୪ଟିରେ ବିଜୟୀ ହୋଇ ଭାରତ ପୁଲ୍ ଏ'ର ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହି ବିଜୟ ସହ ଅଲିମ୍ପିକ୍ସରେ ବ୍ରିଟେନ ବିପକ୍ଷରେ ଭାରତର ବିଜୟ- ପରାଜୟ ରେକର୍ଡ ୫-୪ରେ ପହଞ୍ଚିଛି।

ମ୍ୟାଚ୍‌ରେ ବ୍ରିଟେନ ତୃତୀୟ ମିନିଟ୍‌ରେ ପେନାଲ୍ଟି କର୍ନର ସୁଯୋଗ ପାଇଥିଲା। ତେବେ ଏହାକୁ ପ୍ରତିହତ କରିଥିଲେ ଭାରତୀୟ ଡିଫେଣ୍ଡରମାନେ। ଏହାପରେ ସମୟକ୍ରମେ ଭାରତ ତା'ର ପ୍ରଦର୍ଶନରେ ଉନ୍ନତି ଆଣିଥିଲା। ସପ୍ତମ ମିନିଟ୍‌ରେ ଦିଲପ୍ରୀତ୍ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ଗ୍ରେଟ୍ ବ୍ରିଟେନ ଗୋଲକିପରଙ୍କୁ ଚକିତ କରି ସିମରନଜିତ ସିଂଙ୍କ ପାସ୍‌କୁ ଅତି ସୁନ୍ଦର ଭାବେ ଦିଲପ୍ରୀତ୍ ଗୋଲରେ ପରିଣତ କରିଥିଲେ। ବ୍ରିଟେନ ଡିଫେଣ୍ଡରଙ୍କଠାରୁ ସର୍କଲରେ ବଲ ଛଡ଼ାଇ ଆଣି ସିମରନଜିତ ସୁଯୋଗ ସୃଷ୍ଟି କରିଥିଲେ। ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେସ୍ ଉଚ୍ଚକୋଟୀର ପ୍ରଦର୍ଶନ କରି ବ୍ରିଟେନର ଏକାଧିକ ପ୍ରୟସାକୁ ପଣ୍ଡ କରିଥିଲେ। ଭାରତ ମଧ୍ୟ ଏକାଧିକ ସୁଯୋଗ ହାସଲ କରିଥିଲା। ଭାରତୀୟ ଡିଫେନ୍ସ ମଧ୍ୟ ତୃତୀୟ କ୍ୱାର୍ଟରର ଶେଷ ଆଡ଼କୁ ବ୍ରିଟେନ ଲଗାତର ୪ଟି ପେନାଲ୍ଟି କର୍ନର ପାଇଥିଲା। ୩ଟିରେ ବିଫଳ ହୋଇଥିଲେ ମଧ୍ୟ ଚତୁର୍ଥ ପେନାଲ୍ଟିକୁ ଗୋଲରେ ପରିଣତ କରିଥିଲେ ସାମ୍ ୱାର୍ଡ। ଅନ୍ତିମ କ୍ୱାର୍ଟରରେ ବ୍ରିଟେନ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ବ୍ରିଟେନ ୩ଟି ପେନାଲ୍ଟି କର୍ନର ପାଇଥିଲା। ତେବେ ଶ୍ରୀଜେସ ସବୁ ପ୍ରୟାସକୁ ପଣ୍ଡ କରିଥିଲେ। ୫୭ତମ ମିନିଟ୍‌ରେ ବ୍ରିଟେନ ଗୋଲକିପର ପେନେ ହାର୍ଦ୍ଦିକଙ୍କ ଶଟ୍‌କୁ ରୋକିଥିଲେ। ତେବେ ରିବାଉଣ୍ଡ କରି ହାର୍ଦ୍ଦିକ ଗୋଲ ଦେଇ ଭାରତର ଅଗ୍ରଣୀକୁ ବଢ଼ାଇଥିଲେ। ମ୍ୟାଚ୍ ଶେଷ ହେବାକୁ ଆଉ ୩ ମିନିଟ ବାକିଥିବା ବେଳେ ବ୍ରିଟେନ ଖେଳାଳିମାନେ ହାତ ଟେକିଦେଇଥିଲେ। ରେଫରି ଫାଇନାଲ ହୁଇସିଲ ମାରି ମ୍ୟାଚ୍ ଶେଷ ହେଲା ବୋଲି ଘୋଷଣା କରିବା ପରେ ଭାରତୀୟ ଖେଳାଳିମାନେ ଖୁସିରେ ଝୁମି ଉଠିଥିଲେ ଓ ପରସ୍ପରକୁ ଅଭିନନ୍ଦନ ଜଣାଇ କାନ୍ଦି ପକାଇଥିଲେ।

### ୨% ତଳକୁ ଖସିଲା ...

ଆରମ୍ଭରୁ ହଟ୍‌ସ୍ପଟ୍ ପାଲଟିଥିବା ନୂଆପଡ଼ାରେ ୦% ରହିଛି। ସେପଟେ ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୪୦୯ଜଣ ଥିବାବେଳେ କଟକରୁ ୧୯୦ ଓ ପୁରୀ ୧୪୬ଜଣ ରହିଛନ୍ତି। ବାକିସବୁ ଜିଲାରେ ସଂକ୍ରମିତ ସଂଖ୍ୟା ୧୦୦ ତଳକୁ ରହିଥିବାବେଳେ ନବରଙ୍ଗପୁର ଓ ବୌଦ୍ଧରେ ସର୍ବନିମ୍ନ ୨ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତ ସଂଖ୍ୟା ୯,୭୮,୭୦୫ରେ ପହଞ୍ଚିଛି। ଅପରପକ୍ଷେ ରାଜ୍ୟରେ ଆଉ ୬୪ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ଏମାନଙ୍କ ମୃତ୍ୟୁ କୌଣସି ନିର୍ଦ୍ଦିଷ୍ଟ ଦିନରେ ହୋଇନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା, କଟକ ଓ ଭଦ୍ରକରୁ ସର୍ବାଧିକ ୮ଜଣ ଲେଖାଏ ରହିଛନ୍ତି। ନୂଆ ୬୪ ମୃତକଙ୍କୁ ମିଶାଇଲେ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୫,୯୬୬କୁ ବୃଦ୍ଧି ପାଇଛି। ସେପଟେ ରବିବାର ଆଉ ୧,୭୭୩ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ଆରୋଗ୍ୟ ସଂଖ୍ୟା ୯,୫୮,୬୦୧ରେ ପହଞ୍ଚିଥିବାବେଳେ ୧୪,୦୮୫ ଜଣ ସକ୍ରିୟ ରୋଗୀ ରହିଛନ୍ତି।

### ଖୋଲିପାରେ ପ୍ରଥମରୁ ...

ପରେ ସପ୍ତମ ଓ ଅଷ୍ଟମ ଶ୍ରେଣୀ ଖୋଲାଯାଉ। ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ପର୍ଯ୍ୟାୟକ୍ରମେ ସ୍କୁଲ ଖୋଲିଲେ ସଂକ୍ରମଣ ଆଶଙ୍କା ରହିବ ନାହିଁ। ଏସବୁ ଭିତରେ ଅନ୍‌ଲାଇନ୍ ଶିକ୍ଷାରୁ ବଞ୍ଚିତ ପ୍ରାଥମିକ ଛାତ୍ରୀଛାତ୍ର ଶୀଘ୍ର ସ୍କୁଲ ଖୋଲିବାକୁ ଚାହିଁ ବସିଛନ୍ତି। ଦୁଇବର୍ଷ ହେବ ପାଠପଢ଼ା ବ୍ୟାହତ ହୋଇଛି। ଅନ୍‌ଲାଇନ୍‌ରେ ପାଠପଢ଼ା ଚାଲିଥିଲେ ମଧ୍ୟ ମାତ୍ର ୪୦% ପିଲାଙ୍କ ପାଖରେ ଏହା ପହଞ୍ଚିପାରିଥିବା ସରକାରୀ ତଥ୍ୟ କହୁଛି। ସ୍କୁଲ ଖୋଲିଲେ ପିଲାଙ୍କ ପାଠପଢ଼ାରେ ଉନ୍ନତି ହେବ ବୋଲି ଅଭିଭାବକମାନେ ଆଶା କରୁଛନ୍ତି। ଏସବୁ ଭିତରେ ପ୍ରାଥମିକ ସ୍କୁଲ୍ ଖୋଲିବା ନେଇ ଆଶା ଆଶଙ୍କାରେ ରହିଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ଅଭିଭାବକ ବେବିରାଣୀ ସାହୁ କହିଛନ୍ତି, ମୋର ଦୁଇ ଝିଅ। ସେମାନେ ଅନ୍‌ଲାଇନ୍‌ରେ ଶିକ୍ଷାର ସୁବିଧା ନେଇପାରୁଛନ୍ତି। କିନ୍ତୁ ସ୍କୁଲ ଖୋଲିଲେ ଅଫ୍‌ଲାଇନ ପାଠପଢ଼ା ଅଧିକ ଉପକୃତ ହେବ। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଶିକ୍ଷାନୁଷ୍ଠାନ ଖୋଲିବା ସମ୍ପର୍କରେ ବିଭାଗଗୁଡ଼ିକ ନିଷ୍ପତ୍ତି ନେଇପାରିବେ ବୋଲି ଏସ୍ଆର୍‌ସିଙ୍କ ଗାଇଡ୍‌ଲାଇନ୍ ଆସିଛି। ଏବେ ଏ ସମ୍ପର୍କରେ ବିସ୍ତୃତ ଭାବେ ବିଭାଗ ପକ୍ଷରୁ ତର୍ଜମା କରାଯିବ। ତା'ପରେ ଯାଇ ନିଷ୍ପତ୍ତି ନିଆଯିବ। ଦଶମ ଓ ଦ୍ୱାଦଶ ଶ୍ରେଣୀ ଖୋଲା ସରିଛି। ୧୬ ତାରିଖରୁ ନବମ ଶ୍ରେଣୀ ଖୋଲିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇସାରିଛି। ଏକାଦଶ ଶ୍ରେଣୀ ପାଇଁ ନାମଲେଖା ପ୍ରକ୍ରିୟା ଏ ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଆଉ ରହିଲା ପ୍ରଥମରୁ ଅଷ୍ଟମ। ଏ ସମ୍ପର୍କରେ ଏସ୍ଆର୍‌ସିଙ୍କର ଯାହା ପରାମର୍ଶ ବା ନିଷ୍ପତ୍ତି ରହିଛି, ତାକୁ ତର୍ଜମା କରି ବିଭାଗ ନିଷ୍ପତ୍ତି ନେବ। ପିଲାମାନେ କିନ୍ତୁ ସ୍କୁଲ ଯିବାକୁ ଆଗ୍ରହୀ ଅଛନ୍ତି। ସେଥିପାଇଁ ଏହାକୁ ଦୃଷ୍ଟିରେ ରଖି ଏସ୍ଆର୍‌ସି ଏମିତି ପରାମର୍ଶ ଦେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

### ଉପଗ୍ରହରୁ ସୀମା ...

ସୀମାକୁ ନେଇ ଆଉ କୌଣସି ଅସଙ୍ଗତି ରହିବ ନାହିଁ। ସାଟେଲାଇଟ୍ ମ୍ୟାପିଂ ଜରିଆରେ ନିର୍ଦ୍ଧାରିତ ସୀମାକୁ ସବୁ ରାଜ୍ୟ ମାନିବେ। ଫଳରେ ଉକ୍ତ ବିବାଦର ସ୍ଥାୟୀ ସମାଧାନ ହୋଇପାରିବ ଏବଂ ହିଂସାକୁ ରୋକାଯାଇପାରିବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ଆସାମ ଓ ମିଜୋରାମ ମଧ୍ୟରେ ଲାଗିରହିଥିବା ସୀମା ବିବାଦ ୧୫୦ ବର୍ଷ ପୁରୁଣା। ମିଜୋରାମ ସରକାର ୧୮୫୭ରେ ନିର୍ଦ୍ଧାରିତ ୫୦୯ ବର୍ଗ କି.ମି. ବିସ୍ତୃତ ଆଭ୍ୟନ୍ତରୀଣ ରେଖାକୁ ପ୍ରକୃତ ସୀମା ବୋଲି ମାନୁଥିବାବେଳେ ଆସାମ ୧୯୯୩ରେ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ନିର୍ଦ୍ଧାରିତ ସୀମାକୁ ଗ୍ରହଣ କରିଥାଏ। ୨୦୧୮ରେ ଆନ୍ତଃରାଜ୍ୟ ସୀମାକୁ ନେଇ ଦୁଇ ପଡ଼ୋଶୀ ମୁହାଁମୁହିଁ ହୋଇଥିଲେ। ଗତବର୍ଷ ଅଗଷ୍ଟରେ ଏହି ବିବାଦ ଉଗ୍ରରୂପ ଧାରଣ କରିଥିଲା। ସେହିପରି ୨୦୨୧ ଫେବୃୟାରୀରେ ମଧ୍ୟ ଏହାକୁ ନେଇ ଆସାମ ଓ ମିଜୋରାମ ମଧ୍ୟରେ ସଂଘର୍ଷ ଘଟିଥିଲା। ତେବେ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଫଳରେ ଏହାର ସାମୟିକ ସମାଧାନ ହୋଇଥିଲା। ସଦ୍ୟ ସଂଘର୍ଷର ସୂତ୍ରପାତ ଗତ ଜୁନ୍‌ରେ ଆସାମ ଓ ମେଘାଳୟ ମଧ୍ୟରେ ସୀମା ବିବାଦ ଲାଗିରହିଥିବାବେଳେ ହୋଇଥିଲା। ଜୁନ୍ ୫ରେ ମିଜୋରାମ-ଆସାମ ସୀମାନ୍ତ ୨ଟି ପରିତ୍ୟକ୍ତ ଘରେ କେତେଜଣ ଦୁର୍ବୃତ୍ତ ନିଆଁ ଲଗାଇଦେଇଥିଲେ। ଏହାକୁ ନେଇ ମାସେ ଧରି ଆନ୍ତଃ ରାଜ୍ୟ ସୀମା ଉତ୍ତେଜନା ବୃଦ୍ଧି ପାଇଥିଲା। ଜୁନ୍ ୩୦ରେ ମିଜୋରାମ ଅଭିଯୋଗ ଆଣିଥିଲା ଯେ, ଏହାର ସୀମାରେ ଥିବା କୋଲାସିବ ଅଞ୍ଚଳକୁ ଆସାମ ମାଡ଼ିବସିଛି। ତେବେ ଆସାମ ଏହାର ଜଙ୍ଗଲ ଜମିରେ ମିଜୋରାମ ପକ୍ଷରୁ ଗୁଆ ଓ କଦଳୀ ଗଛ ଲଗାଯାଇଥିବା ନେଇ ପାଲଟା ଅଭିଯୋଗ ଆଣିଥିଲା। ଆସାମର ହାଇଲାକଣ୍ଡି ସୀମାନ୍ତ ଜିଲାର ୧୦ କି.ମି. ଭିତରକୁ ମିଜୋରାମ ମାଡ଼ିଆସିଥିବା ଗୁଆହାଟୀ ପକ୍ଷରୁ କୁହାଯାଇଥିଲା। ଜୁଲାଇ ୧୦ରେ ମିଜୋରାମର କୋଲାସିବ ଅନ୍ତର୍ଗତ ବୁରାଚେପ୍‌ରେ ଆସାମ ଅଧିକାରୀମାନେ ଜବରଦଖଲ ଉଚ୍ଛେଦ ଅଭିଯାନ ଚଳାଇଥିଲେ। ଆସାମ ଏହାକୁ ନିଜ ଅଞ୍ଚଳ ବୋଲି ଦାବି କରିଥିଲା। ଫଳରେ ଆସାମର ସରକାରୀ ଟିମ୍ ଉପରେ ମିଜୋରାମ ପକ୍ଷରୁ ଗ୍ରେନେଡ୍ ମାଡ଼ ହୋଇଥିଲା। ଜୁଲାଇ ୨୫ରେ ମିଜୋରାମ ଚାଷୀଙ୍କ ୮ଟି କୁଡ଼ିଆରେ ଆସାମ ଅଧିବାସୀମାନେ ନିଆଁ ଲଗାଇଦେବାରୁ ଉତ୍ତେଜନା ବଢ଼ିଥିଲା। ଏହାର ପରଦିନ ଆସାମର ଏକ ପୋଲିସ ଟିମ୍ ମିଜୋରାମ ସୀମାକୁ ଯାଇଥିବାବେଳେ ମିଜୋ ପୋଲିସ ପକ୍ଷରୁ ଗୁଳି ଚଳାଯାଇଥିଲା। ଏଥିରେ ଆସାମ ପୋଲିସର ୫ କର୍ମଚାରୀଙ୍କ ସମେତ ୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଆକ୍ରମଣରେ ଅନ୍ୟ ୬୦ ଜଣ ଆହତ ହୋଇଥିଲେ।

### ଏନ୍ଇଏସ୍ଏସିର....

ଯୋଗାଯୋଗ ଆପ୍ଲିକେଶନ ସିଙ୍ଗଲ ୱିଣ୍ଡୋ ଡେଲିଭରି ଜରିଆରେ ସେବା ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା ଓ ବିକାଶମୂଳକ ଯୋଗାଯୋଗ ଆଦି କାର୍ଯ୍ୟରେ ଲାଗିଥାଏ। ଶିଲଂଭିତ୍ତିକ ଏହି ସଂସ୍ଥା ମହାକାଶ କାରିଗରିକୁ ଉତ୍ତର-ପୂର୍ବାଞ୍ଚଳରେ ଖାଦ୍ୟ ପରିଚାଳନା କ୍ଷେତ୍ରରେ ବ୍ୟବହାର କରିଆସୁଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରବି ବାଧକଗ୍ରହ ଶନିଙ୍କ ନକ୍ଷତ୍ରରେ ଥିବାରୁ କୌଣସି କାମ ପ୍ରତି ଉତ୍ସାହ ରହିବ ନାହିଁ। କର୍ମକ୍ଷେତ୍ରରେ ଆଶଙ୍କା କରୁଥିବା ଘଟଣା ସେମିତି କିଛି ହେବ ନାହିଁ। ଈର୍ଷା ପରାୟଣ ବ୍ୟକ୍ତିମାନେ କଟୁ ମନ୍ତବ୍ୟ ଦେବେ ସତ, କିନ୍ତୁ ପ୍ରଶାସନିକ କ୍ଷେତ୍ରରେ ଆପଣଙ୍କୁ ପୂର୍ଣ୍ଣସାହାଯ୍ୟ ଓ ସମର୍ଥନ ମିଳିପାରିବ। ସାମାଜିକ ସ୍ତରରେ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ।

**ବୃଷ** ଶନି ଦୃଷ୍ଟ ଚତୁର୍ଥାଧିପ ହେତୁ ଆଜି ଘର ସମ୍ପର୍କିତ କିଛି ବିଷୟକୁ ନେଇ ମାନସିକ ସ୍ଥିତି ଭଲ ରହି ନ ପାରେ। ଯାତ୍ରା, ନିର୍ମାଣ, ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସାମାଜିକ ସ୍ତରରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ସଭାସମିତି ଓ ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍ରୁ ପ୍ରଶଂସିତ ହେବେ।

**ମିଥୁନ** ଧନାଧିପ ଚନ୍ଦ୍ର ପାପଗ୍ରହଙ୍କ ମଧ୍ୟରେ ରହିଥିବାରୁ ଆର୍ଥିକ ଅନଟନ ଚିନ୍ତା ବଢ଼ାଇବ। ବୁଧଙ୍କ ସ୍ଥିତି ବିଶେଷ ଭଲ ରହିଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ଏକପ୍ରକାର ଭଲ ରହିବ। ମାତ୍ର ସ୍ୱକର୍ମକ୍ଷେତ୍ରରେ ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇଯିବ।

**କର୍କଟ** ସୁଖଭାବାଧିପତି ରବି ଅଷ୍ଟମାଧିପତି ଶନିଙ୍କ ପୂର୍ଣ୍ଣ ଦୃଷ୍ଟିରେ ରହିଥିବାରୁ କାର୍ଯ୍ୟବ୍ୟସ୍ତ ରହି ଖାଇବା ପିଇବାରେ ଅବହେଳା କରିବେ। ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ ସହନଶୀଳତା ଗୁଣରୁ ପ୍ରଶଂସିତ ହେବା ସହ କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନ୍‌ସନ ଦୂର ହେବ।

**ସିଂହ** ମଙ୍ଗଳଗ୍ରହ ନିଜ ରାଶିରେ ଅବସ୍ଥାନ କରୁଥିବାରୁ ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା କରିବାକୁ ପଡ଼ିପାରେ। ବହୁତ ଖର୍ଚ୍ଚାନ୍ତ ହେବାର ଥିଲେ ହେଁ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ। ଜଣେ ବନ୍ଧୁଙ୍କ ଆର୍ଥିକ ସହାୟତାରେ ଅଫିସ୍ କାମ ହାସଲ କରିନେବେ।

**କନ୍ୟା** ରାଶିର କେନ୍ଦ୍ରକୋଣରେ ବୁଧ ଓ ଶନିଜନିତ ବିଶେଷ ସୂତ୍ରରୁ ଅର୍ଥଲାଭ କରିବେ। ରକ୍ତସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ, ସୁଯୋଗ ପାଇ କାମ ହାସଲ କରିପାରିବେ। ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ମାତ୍ର ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** ନୀଚାରୋହି ଶୁକ୍ରଙ୍କ ପ୍ରଭାବରୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବ। କର୍ମକ୍ଷେତ୍ରରେ ଟେନ୍ସନ ଲାଗିରହିବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡିପାରନ୍ତି। ଜଣେ ବନ୍ଧୁଙ୍କ ପାଇଁ ମନ ଛଟପଟ ହେବ। କଳା, ସାହିତ୍ୟ, ରାଜନୀତି, ସାମ୍ବାଦିକତା ଆଇନ ଓ ଅଦାଲତ ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା** ମଙ୍ଗଳଙ୍କ ଦୁର୍ବଳତା ସାଙ୍ଗକୁ ସାଧାରଣ କଥାରେ ରାଗିଲେ ନିଜ ପାଇଁ ଅନିଷ୍ଟ ହୋଇପାରେ। କୌଣସି ମାଙ୍ଗଳିକ କାମରେ ବନ୍ଧୁଙ୍କ ସାହାଯ୍ୟକୁ ଅସ୍ୱୀକାର କରି ପରକ୍ଷଣରେ ନିନ୍ଦିତ ହୋଇପାରନ୍ତି। ସଂଗଠନ, ରାଜନୀତି, ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ଦୁର୍ବଳ ବୃହସ୍ପତିଜନିତ ପାରିବାରିକ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମକୁ ଅଣହେଳା କରିପାରିବେ ନାହିଁ। ମନ ଭଲ ନ ରହିଲେ ସୁଦ୍ଧା ବନ୍ଧୁଙ୍କ ଅନୁରୋଧ ରକ୍ଷା କରି ତାଙ୍କ ସହ ଯିବାକୁ ବାଧ୍ୟ ହେବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। କର୍ମକ୍ଷେତ୍ରରେ ଗଠନମୂଳକ ପ୍ରସ୍ତାବ ନେଇ ପ୍ରଶଂସିତ ହେବେ।

**ମକର** ଅବସ୍ଥାରେ ସାମାନ୍ୟ ପରିବର୍ତ୍ତନ ହେବା କାରଣରୁ ମାନସିକ ସ୍ଥିରତା ଅକ୍ଷୁଣ୍ଣ ରହିବ। ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଅଷ୍ଟମରେ ଶୁକ୍ର ଓ ମଙ୍ଗଳଜନିତ ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**କୁମ୍ଭ** ରାଶିପ୍ରତି ଶୁକ୍ର ଓ ମଙ୍ଗଳଙ୍କ ଦୃଷ୍ଟି ହେତୁ ପାରସ୍ପରିକ ସହମତି ମଧ୍ୟରେ ପରିବାରରେ ସୁଖ ଶାନ୍ତି ଫେରି ଆସିବ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କଠାରୁ ଯଥା ସମ୍ଭବ ଦୂରେଇ ରହିବା ଭଲ। ଅଯଥା ବିରକ୍ତ ନ ହୋଇ ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରନ୍ତୁ। ରୋଗ ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ମୁଣ୍ଡବ୍ୟଥାର କାରଣ ହୋଇପାରେ।

**ମୀନ** ତୃତୀୟରେ ରାହୁ ଏବଂ ରବି କୋଣଭାବରେ ଥିବାରୁ ଈର୍ଷାପରାୟଣ ପୂର୍ବକ ପଡୋଶୀଙ୍କ କଟୂକ୍ତି ମନରେ ଗଭୀର ରେଖାପାତ କରିପାରେ। ଆଜି ହଠାତ୍ ଆବଶ୍ୟକତା ପୂରଣ ସକାଶେ ଧାର କରିବାକୁ ପଡ଼ିବ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଜମିଜମା ବିବାଦ ଜଟିଳ ହେବ ଓ ସଫଳତା ହାସଲ କରିବେ।


# classifieds Everyday
0674-2580101, 2549302

**real estate**

**SALE**

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

ଭୁବନେଶ୍ୱର ପଟିଆ, ରଘୁନାଥପୁର, ନଖରାପାଖରେ 1, 2, 3BHK Simplex/Duplex ଅଛି। 8327785834, 9658122456. D-70868

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/-(outright). 9348232008, 9348817649. D-70869

ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166. D-70875

ଜଟଣୀ Railwaystation ହାଟ ବଜାରରେ (ଘରବାରି ସ୍ଥିତିବାନ, ପଟ୍ଟା) ଜାଗା ଉପରେ ୨ବଖରା ଆଜବେଷ୍ଟସ୍ ଘର ଥାଇ ତୁରନ୍ତ ବିକ୍ରିହେବ। Owner-9437011120. D-70881

30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422. D-70879

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact- 9443101191". D-21097**

1200sqft. land with 800sqft. House for sale at Back Side of Baragada Govt. School, Bhubaneswar. Contact: 9040686695. D-71810

ଭୁବନେଶ୍ୱର New Railwaystation ପାଖରେ 30ft.Road Yellowzone Plot Sq.ft. 520/-, M.-6371406921. D-69399

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Biggest commercial Hub (Grand Bazar)** ସମ୍ମୁଖ NH-16ରୁ ଅଳ୍ପଦୂରରେ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 9078699286. D-70880

**healthcare**

Newly open SPA Offer @799/-, positively health benefits, Jaydev Vihar. 7846814019. D-59997

New opening Saikrupa Panchakarma and Spa jointpain, fullbody massage, 8984068077. D-65919

**business**

ଘରେବସି Matter Forwarding କାମ କରି 12000-35000 ରୋଜଗାର କରନ୍ତୁ। 9667693638, 9667693639. D-59998

**AFFIDAVIT**

By virtue of affidavit - 53AA 137767 (23.07.2021) Sworn before Notary Public, Bhubaneswar, I do declare that my name has been changed from Sunanda Padhi to Sunanda Panda after my marriage to Sri Prafulla Chandra Panda. Henceforth I shall be known as Sunanda Panda for all purposes. Signed - Sunanda Panda. D-55920

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By affidavit I Jay Prakash Hindocha, S/o. Rajendra Kumar Hindocha, At- Cinema Road, Ward No- 12, Jawaharchouk, PO/ PS/Dist-Dhenkanal declare that my name is wrongly mentioned as Jai Prakash Hindocha in my passport No-K7178195. Jay Prakash Hindocha and Jai Prakash Hindocha are one and same person. D-70339

**କୃତୀ ଛାତ୍ର**



ସିଡିଏ ଡିଏଭି ପବ୍ଲିକ୍ ସ୍କୁଲର ଛାତ୍ର ପ୍ରଥମେଶ ପରାଗ ସି.ବି.ଏସ୍.ଇ. ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ୯୭.୪% ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ଏହି ସଫଳତା ପଛରେ ତାଙ୍କର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହଯୋଗ, ଗୁରୁଜନମାନଙ୍କ ଆଶୀର୍ବାଦ ତଥା ପିତା- ଡ. ଦୀପ୍ତିରଞ୍ଜନ ପାଣି, ମାତା- ଡ. ସସ୍ମିତା ଶତପଥୀଙ୍କ ପ୍ରେରଣା ରହିଛି। ସେ ଭବିଷ୍ୟତରେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବାକୁ ଲକ୍ଷ୍ୟ ରଖିଛନ୍ତି।
ଧ-୨୧୨୩୨


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସିବିଆଇ ତଦନ୍ତ ଦାବି ଦୋହରାଇଲେ ପରିବାର ଲୋକେ

## ଏସିଏଫ ସୌମ୍ୟରଞ୍ଜନଙ୍କ ମୃତ୍ୟୁକୁ ୨୦ଦିନ ବିତିଲା



**ଖଇରା, ୧।୮ (ଡି.ଏନ.ଏ.)**

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣା ଦିନକୁ ଦିନ ରହସ୍ୟମୟ ହେଉଛି। ମୃତ୍ୟୁର ୨୦ଦିନ ବିତିଯାଇଥିଲେ ମଧ୍ୟ ପାରଳାଖେମୁଣ୍ଡି ପୋଲିସ ତଦନ୍ତରେ ଶିଥିଳତା ଅବଲମ୍ବନ କରୁଥିବା ନେଇ ସୌମ୍ୟଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ରବିବାର ଗଣମାଧ୍ୟମ ଆଗରେ କହିଛନ୍ତି ଯେ, ପୋଲିସ ଉପରେ ତାଙ୍କର ଭରସା ରହୁନି। ଯଥେଷ୍ଟ ପ୍ରମାଣ ଦିଆଯିବା ସତ୍ତ୍ୱେ ଜଣକୁ ଜଣ କ୍ଲିନଚିଟ୍ ଦେବା ଘଟଣାରେ ପୋଲିସ ପ୍ରଶାସନ ଉପରୁ ଭରସା ତୁଟିବାରେ ଲାଗିଛି। ପୁଅ ସୌମ୍ୟଙ୍କ ମୃତ୍ୟୁ ପରେ ତାଙ୍କ କ୍ୱାର୍ଟର୍ସ ଚାବିକାଠି ଜଣେ ମାଜିଷ୍ଟ୍ରେଟଙ୍କ ନିକଟରେ ରହିବା ବଦଳରେ ଏତଲାରେ ଅଭିଯୁକ୍ତ ଥିବା ଡିଏଫ୍‌ଓଙ୍କ ନିକଟରେ ରହିଥିଲା। ଯେଉଁଥିପାଇଁ ବିଦ୍ୟାଭାରତୀଙ୍କୁ ସମସ୍ତ ପ୍ରମାଣ ନଷ୍ଟ କରିବାକୁ ସମୟ ଦିଆଗଲା। ଜଣେ ଲୋକର ୯୫ ପ୍ରତିଶତ ପୋଡ଼ିବା ପରେ ତା'ର ମୁଣ୍ଡ କେଶ ଓ ପାଦ କିପରି ପୋଡ଼ିଲା ନାହିଁ, ପାରଳାଖେମୁଣ୍ଡିରେ ଚିକିତ୍ସା କରୁଥିବା ଡାକ୍ତର ଓ କଟକ ବଡ଼ ମେଡିକାଲକୁ ରେଫର କରିଥିବା ଡାକ୍ତର କିପରି ଅଲଗା ହେଲେ, ପ୍ରଥମେ ବ୍ରହ୍ମପୁର ମେଡିକାଲ ଲେଖି ତାକୁ କାଟି ୫ଶହ କି.ମି. ଦୂର କଟକ କାହା ଇସାରାରେ ଲେଖାଗଲା, ୯୫ ପ୍ରତିଶତ ପୋଡ଼ିଥିବା ଲୋକକୁ ଚିକିତ୍ସା କରାଯିବା ବଦଳରେ ପରିବାର ଲୋକଙ୍କୁ କୌଣସି ସୂଚନା ନ ଦେଇ ସେମାନଙ୍କ ଅନୁପସ୍ଥିତିରେ ତରବରିଆ ଭାବେ ଜମାନବନ୍ଦୀ ନିଆଯିବା ପଛରେ ଉଦ୍ଦେଶ୍ୟ କ'ଣ ଥିଲା, ପୋଲିସର ଚାର୍ଜଶିଟ ପ୍ରଦାନରେ ବିଳମ୍ବ ନେଇ ପରିବାର ଲୋକେ ତଦନ୍ତ ଅଧିକାରୀଙ୍କଠାରୁ ସ୍ପଷ୍ଟୀକରଣ ଚାହିଁଛନ୍ତି। ଏହାର ସିବିଆଇ ତଦନ୍ତ ଲାଗି ପରିବାର ଲୋକେ ଦୋହରାଇଛନ୍ତି। ନ୍ୟାୟ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ। ଖୁବ୍‌ଶୀଘ୍ର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ଏଥିରେ ରାଜ୍ୟଠାରୁ ପାରଳାଖେମୁଣ୍ଡି ଥାନା ପର୍ଯ୍ୟନ୍ତ ସମ୍ପୃକ୍ତ ଥିବା ସମସ୍ତ ପଦାଧିକାରୀଙ୍କୁ ପକ୍ଷଭୁକ୍ତ କରାଯିବ ବୋଲି ସୌମ୍ୟଙ୍କ ବଡ଼ଭାଇ ରଞ୍ଜନ ମହାପାତ୍ର କହିଛନ୍ତି।

# ଶଶିକାନ୍ତ ନିଷ୍ଟ ଟପ୍ପର



ଅଧ୍ୟକ୍ଷ, ଅଧ୍ୟାପକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୧।୮**

ବାଲେଶ୍ୱର ସହରରେ ଅବସ୍ଥିତ +୨ ସହ ମେଡ଼ିକାଲ ଓ ଇଞ୍ଜିନିୟରିଂ କୋଚିଂ ଦେଉଥିବା ନିଷ୍ଟ +୨ କଳା ଓ ବିଜ୍ଞାନ ମହାବିଦ୍ୟାଳୟ ପୂର୍ବବର୍ଷ ପରି ତାର ସଫଳତା ଜାରି ରଖିଛି। ମହାବିଦ୍ୟାଳୟର ୩୭୮ ଛାତ୍ରୀଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୯ ଜଣ ୯୦% ରୁ ଅଧିକ ଏବଂ ୭୪ ଜଣ ୫୦୦ ମାର୍କରୁ ଅଧିକ ମାର୍କ ରଖିଛନ୍ତି। ୩୭୨ଜଣ ପିଲା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନୁଷ୍ଠାନ ତରଫରୁ ଛାତ୍ର ଶଶିକାନ୍ତ ପରିଡ଼ା ୫୮୮ ମାର୍କ ରଖି ଟପ୍ପର ହୋଇଛନ୍ତି। ରବିବାର ଅନୁଷ୍ଠାନ ଅଧ୍ୟକ୍ଷ ଆଦିକାନ୍ତ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଶଶିକାନ୍ତଙ୍କ ସମେତ ସତ୍ୟଜିତ ପ୍ରଧାନ ୫୬୯, ମୃତ୍ୟୁଞ୍ଜୟ ମହାନ୍ତି ୫୬୪, ସୌମ୍ୟରଞ୍ଜନ ନାୟକ ୫୬୨, ନିରଞ୍ଜନ ନାୟକ ୫୫୮, ଧୀରେନ୍ଦ୍ର କୁମାର ଦତ୍ତ ୫୫୬, ସ୍ମୃତିପ୍ରକାଶ ଧୁପାଲ ୫୫୪, ଶିବମ କୁମାର ବେହେରା ୫୫୨, ଦେବସ୍ମିତା ପାତ୍ର ୫୫୧, ଉପାସନା ସାହୁ ୫୫୦, ଜୟଶ୍ରୀ ପ୍ରଧାନ ୫୪୯, ଶମ୍ଭୁନାଥ ବେହେରା ୫୪୮, ରଶ୍ମୀରଞ୍ଜନ ପାଢ଼ୀ ୫୪୮, ଉଷଶ୍ରୀ ଜେନା ୫୪୮, ଶୁଭଶ୍ରୀ ସାହୁ ୫୪୭ , ନିରୁପମା ସାମଲ ୫୪୬, ନନୀଗୋପାଳ ସୁର ୫୪୫, ଦିପଶୀଖା ଦାସ ୫୪୫, ଦେବାଶିଷ ଦଣ୍ଡପାଟ ୫୪୨ ମାର୍କ ରଖିଛନ୍ତି। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଅଧ୍ୟାପକ ରୁଦ୍ରମଣି ସ୍ୱାଇଁ, ଅମୀୟ କୁମାର ପରିଡ଼ା, ସୌମ୍ୟକାନ୍ତ ଦଳେଇ, ଲକ୍ଷ୍ମୀକାନ୍ତ ପଣ୍ଡା, ସୁଚିସ୍ମିତା କର, ନିବାରଣ ଶତପଥୀ, ଆଦିତ୍ୟ ସାର, ରାଜଶ୍ରୀ ପଣ୍ଡା, ଲୋକରଞ୍ଜନ ମହାପାତ୍ର, ବିଭୁଦତ୍ତ ଗିରି, ଅବିନାଶ ସାର, ସଦାଶିବ ଜେନା, ଅଜିତ କୁମାର ସାହୁ, ମନୋଜ କୁମାର ପ୍ରଧାନ, ରତିକାନ୍ତ ରାଉଳ, ଲକ୍ଷ୍ମୀଧର ନାଥ, ଉତ୍ତମ କୁମାର ବେହେରା ଓ ଉମାକାନ୍ତ ଜେନା ପ୍ରମୁଖ ସହଯୋଗ କରିଥିଲେ।

# ବିଜେଡିରୁ ରଘୁରାମ ମାଛ ନିଲମ୍ବିତ

**କୋରାପୁଟ, ୧।୮ (ସ୍ୱ.ପ୍ର.)**

କୋରାପୁଟ ଜିଲା ବିଜେଡିରୁ ରଘୁରାମ ମାଛଙ୍କୁ ରବିବାର ନିଲମ୍ବିତ କରାଯାଇଛି। ସେ ଲମତାପୁଟ ବ୍ଲକରୁ ପ୍ରତିନିଧିତ୍ୱ କରୁଥିଲେ। ଦଳରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗରେ ତାଙ୍କ ଉପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ସେ ଲମତାପୁଟ ବ୍ଲକର ସାଙ୍ଗଠନିକ ଦାୟିତ୍ୱରେ ଥିଲେ।

# ୩ରେ ଖୋଲିବ ନନ୍ଦନକାନନ, ୫ରୁ ଭିତରକନିକା

**ବାରଙ୍ଗ, ୧।୮ (ଡି.ଏନ୍.ଏ.):** ପର୍ଯ୍ୟଟକମାନଙ୍କ ପାଇଁ ଖୁସିର ଖବର। ଦୀର୍ଘ ୩ମାସ ଧରି ବନ୍ଦ ରହିଥିବା ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଆସନ୍ତା ୩ ତାରିଖ(ମଙ୍ଗଳବାର)ରେ ଖୋଲିବ। ଏନେଇ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ତେବେ ପର୍ଯ୍ୟଟକମାନେ ସଫାରି, ବ୍ୟାଟେରୀଚାଳିତ ଗାଡିରେ ବୁଲିବା, ବୋଟିଂର ସୁବିଧା ଏବେ ପାଇପାରିବେ ନାହିଁ। ପଶୁପକ୍ଷୀଙ୍କ ସୁରକ୍ଷା ଦୃଷ୍ଟିରୁ ପର୍ଯ୍ୟଟକମାନେ ନନ୍ଦନକାନନରେ ବୁଲିବା ବେଳେ କୌଣସି ଏନ୍‌କ୍ଲୋଜରକୁ ଯେପରି ନ ଛୁଇଁବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଏଥିସହ ପ୍ରବେଶ ପଥରେ ଥର୍ମାଲ ସ୍କ୍ରିନିଂ, ସାମାଜିକ ଦୂରତ୍ୱ ଓ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ଥଣ୍ଡା, କାଶ ହେଉଥିବା ପର୍ଯ୍ୟଟକଙ୍କ ପ୍ରବେଶକୁ ବାରଣ କରାଯାଇଛି। ସୂଚନାଥାଉ କି, କରୋନାର ଦ୍ୱିତୀୟ ଲହର ପାଇଁ ମେ' ୧ରୁ ନନ୍ଦନକାନନକୁ ପର୍ଯ୍ୟଟକଙ୍କ ପ୍ରବେଶ ଉପରେ କଟକଣା କରାଯାଇଥିଲା। ରବିବାର ନିର୍ଦ୍ଦେଶକ ମହାପାତ୍ର ନନ୍ଦନକାନନ ପରିଦର୍ଶନରେ ଆସି ବିଭିନ୍ନ ସ୍ଥାନର ତର୍ଜମା କରିଛନ୍ତି। ବିଭିନ୍ନ ଦିଗକୁ ଚିନ୍ତା କରାଯାଇ ନନ୍ଦନକାନନ ଖୋଲିବାର ନିଷ୍ପତ୍ତି ନିଆଯାଇଛି। ଏହା ଦ୍ୱାରା ବ୍ୟବସାୟୀମାନେ ବି ରୋଜଗାରକ୍ଷମ ହୋଇପାରିବେ। ତେବେ ଘରୋଇକରଣରେ ଦିଆଯାଇଥିବା ବ୍ୟାଟେରିଚାଳିତ ଗାଡି, ପାର୍କିଂ, ସଫାରି, ବୋଟିଂର ସୁବିଧା ପର୍ଯ୍ୟଟକମାନେ ବିଳମ୍ବରେ ପାଇବେ। ନନ୍ଦନକାନନ ପରିସରରେ ଥିବା ପରିସ୍ରାଗାର ଓ ଶୌଚାଳୟକୁ ସଫା କରି କାର୍ଯ୍ୟକ୍ଷମ କରାଯିବାକୁ କୁହାଯାଇଛି ବୋଲି ନିର୍ଦ୍ଦେଶକ ମହାପାତ୍ର କହିଛନ୍ତି।




**ରାଜନଗର, ୧।୮ (ଡି.ଏନ.ଏ.):** ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତା ୫ ତାରିଖରୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲାଯିବ ବୋଲି ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ସୂଚନା ଦେଇଛନ୍ତି। କୁମ୍ଭୀର ପ୍ରଜନନ ଋତୁ ପାଇଁ ମେ' ପହିଲାରୁ ଜୁଲାଇ ୩୧ ପର୍ଯ୍ୟନ୍ତ ଭିତରକନିକା ବନ୍ଦ ରହିଥିଲା। ଏହି ସମୟ ମଧ୍ୟରେ ଏଠାରେ ବଉଳା କୁମ୍ଭୀର ବସା କରି ଅଣ୍ଡା ଦେଇଥାନ୍ତି। ମା' କୁମ୍ଭୀର ଏହି ସମୟରେ ଅଧିକ ହିଂସ୍ର ହୋଇପଡୁଥିବାରୁ ପର୍ଯ୍ୟଟକମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜାତୀୟ ଉଦ୍ୟାନକୁ ବନ୍ଦ ରଖାଯାଇଥାଏ। ଏହାଛଡ଼ା ଚଳିତବର୍ଷ କରୋନା କଟକଣା ପାଇଁ ମଧ୍ୟ ଭିତରକନିକା ବନ୍ଦ ରହିଥିଲା। ରାଜ୍ୟ ସରକାର ଅଗଷ୍ଟ ୧ରୁ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି।

# ଗ୍ରାହକଙ୍କ ବିଶ୍ୱାସ ଲୋକପ୍ରିୟ ବ୍ରାଣ୍ଡ କରିଛି

କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ କ୍ଷେତ୍ରରେ ଏଲ୍‌ଜି ଏକ ଲୋକପ୍ରିୟ ବ୍ରାଣ୍ଡ। ପ୍ରଡକ୍ଟରେ ଗୁଣବତ୍ତା, ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବହାର, ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ନୂତନ ପ୍ରଡକ୍ଟ ପ୍ରସ୍ତୁତି, କାରବାର ବୃଦ୍ଧି ପାଇଁ ଉଚିତ ଯୋଜନା ଏଲ୍‌ଜିକୁ ବିଶ୍ୱସନୀୟ ତଥା ଲୋକପ୍ରିୟ ବ୍ରାଣ୍ଡ ଭାବେ ଗଢ଼ି ତୋଳିଥିବା କହିଛନ୍ତି କମ୍ପାନୀର ଓଡ଼ିଶା ମାର୍କେଟିଂ ମୁଖ୍ୟ ସିଦ୍ଧାର୍ଥ ଦୀପଙ୍କର। ମହାମାରୀ ସମୟରେ ବଜାର ସ୍ଥିତି, କାରବାର, ଆଗାମୀ ଯୋଜନା, ପ୍ରଡକ୍ଟ ଚାହିଦା ଭଳି ବିଭିନ୍ନ ପ୍ରସଙ୍ଗରେ ତାଙ୍କ ସହ ଧରିତ୍ରୀର ଆଳାପ।

**ଧରିତ୍ରୀ ଆଳାପ**




ସିଦ୍ଧାର୍ଥ ଦୀପଙ୍କର

**ଏଲ୍‌ଜି ପାଇଁ ଓଡ଼ିଶା ବଜାର କିଭଳି ଗୁରୁତ୍ୱ ରଖୁଛି?**

ସାରା ଦେଶରେ ଆମର କାରବାର ବେଶ୍ ଭଲ ରହିଛି। ପ୍ରମୁଖ ବ୍ୟବସାୟ କ୍ଷେତ୍ର ମଧ୍ୟରେ ଓଡ଼ିଶା ବଜାର ଅନ୍ୟତମ। ଏଠାରେ ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ବ୍ୟବସାୟ ନେଟୱର୍କ ଦୃଢ଼ କରିଛୁ। ବିଭିନ୍ନ ପଦକ୍ଷେପ ଦ୍ୱାରା ବ୍ୟବସାୟକୁ ସର୍ବାଧିକ ଗୁରୁତ୍ୱ ଦେଉଛୁ। ଏକକ ନୀତି ଯୋଗୁ ଏଲ୍‌ଜି ଏକ ନମ୍ବର କଞ୍ଜ୍ୟୁମର ପ୍ରଡକ୍ଟ ଯୋଗାଣକାରୀ ହୋଇପାରିଛି। ଓଡ଼ିଶାରେ ଏକ ମିଶ୍ରିତ ବଜାର ରହିଛି। ୩୦% ଲୋକ ସହରାଞ୍ଚଳ ଏବଂ ୭୦% ଲୋକ ଗ୍ରାମାଞ୍ଚଳରେ ରହୁଛନ୍ତି। ବଜାର ସର୍ଭେ ଦ୍ୱାରା ଲୋକଙ୍କ ଚାହିଦା ଅନୁଧ୍ୟାନ କରୁଛୁ। ପ୍ରତି ଓଡ଼ିଆଙ୍କ ଘରେ ଏଲ୍‌ଜି ପ୍ରଡକ୍ଟ ପହଞ୍ଚି ପାରିଛି। ପ୍ରଡକ୍ଟରେ ସୁଲଭତା ଦେଉଛୁ, ଯାହା ଗ୍ରାହକ ଆଦୃତି ପ୍ରଦାନ କରିପାରିଛି।

**କୋଭିଡ୍‌କୁ କିଭଳି ସାମ୍ନା କରିଛନ୍ତି?**

କୋଭିଡ୍-୧୯ ବ୍ୟବସାୟ କ୍ଷେତ୍ରକୁ ମାନ୍ଦାବସ୍ଥା ମଧ୍ୟକୁ ଠେଲି ଦେଇଛି। କାରବାରକୁ ଗତିଶୀଳ କରାଇବା ପାଇଁ ପ୍ରତିହତ ଯୋଜନା ହାତକୁ ନିଆଯାଇଛି। କର୍ମଚାରୀ ଏବଂ ସହଯୋଗୀଙ୍କୁ କୋଭିଡ୍ ସହାୟତା ଦିଆଯାଇଛି। ଚାହିଦାକୁ ଦେଖି ନୂଆ ଜ୍ଞାନକୌଶଳ ଏବଂ ସ୍ୱତନ୍ତ୍ର ପ୍ରଡକ୍ଟ ପ୍ରସ୍ତୁତ ହେଉଛି। ସଙ୍କଟ ସ୍ଥିତି ବିଚାରକୁ ନେଇ ସମାଧାନ ପନ୍ଥା ଗ୍ରହଣ କରାଯାଇଛି। ପ୍ରଥମ ଲହରରେ ଗ୍ରାହକଙ୍କୁ ବୀମା ସୁବିଧା ଦେଇଥିଲୁ। କୋଭିଡ୍ ନିୟମକୁ ମାନି ସେବା ଯୋଗାଇଛୁ। ଦ୍ୱିତୀୟ ଲହରରେ ମେଡିକାଲ ସୁବିଧା ଓ ଡାକ୍ତରୀ ପରାମର୍ଶ ପ୍ରଦାନ କରାଯାଇଛି। ବିପଦ ସମୟରେ ଉଭୟ ଗ୍ରାହକ ଓ କର୍ମଚାରୀଙ୍କ ସହ କମ୍ପାନୀ ଛିଡ଼ା ହୋଇଛି।

**ଜିଏସ୍‌ଟିକୁ କିଭଳି ଦେଖୁଛନ୍ତି?**

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆସିବା ପରେ ଅନେକ ସୁବିଧା ହେଉଛି। ସିଙ୍ଗଲ୍ ବିଲ୍ ବ୍ୟବସ୍ଥା ବେଶ୍ ସହାୟକ ହୋଇଛି। ପୂର୍ବର ସମସ୍ୟା ଆଉ ନାହିଁ। ବ୍ୟବସାୟ ଓ ଗ୍ରାହକଙ୍କ ମଧ୍ୟରେ ସ୍ୱଚ୍ଛତା ଆସିଛି। ରାଜ୍ୟଗୁଡ଼ିକ ସ୍ତରରେ ଲାଗୁ ହେଉଥିବା ବହୁ ଟିକସ ଜିଏସ୍‌ଟିରେ ସାମିଲ ହେବାରୁ ଏକକ ଟିକସ ଲାଗୁ ହୋଇଛି। ବ୍ୟବସାୟ ବର୍ତ୍ତମାନ ସରଳ ଓ ସହଜ ହୋଇଛି।

**ଅନ୍ୟ ବ୍ରାଣ୍ଡଠାରୁ ଏଲ୍‌ଜି କିଭଳି ଭିନ୍ନ?**

ନୂଆ ପଦକ୍ଷେପ ଦ୍ୱାରା ପ୍ରତିଦ୍ୱନ୍ଦ୍ୱୀ ବ୍ରାଣ୍ଡଗୁଡ଼ିକଠାରୁ ଆଗରେ ରହିବାକୁ ଚେଷ୍ଟା ଜାରି ରହିଛି। ଷ୍ଟୋରରେ ଗ୍ରାହକଙ୍କ ଆବଶ୍ୟକତାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ପ୍ରତି ଜିଲାରେ ସେବା କେନ୍ଦ୍ର ଏବଂ ନିର୍ଦ୍ଦିଷ୍ଟ ଜିଲାଗୁଡ଼ିକରେ ସର୍ଭିସ ସେଣ୍ଟର ସ୍ଥାପନ କରିଛୁ। ଗ୍ରାହକ ସନ୍ତୁଷ୍ଟି, ତତ୍କାଳ ସେବା ଏବଂ ବିକ୍ରି ପରବର୍ତ୍ତୀ ସେବାକୁ ଗୁରୁତ୍ୱ ଦେଇଆସିଛୁ।

**ପାର୍ବଣରେ କିଛି ଯୋଜନା ରଖିଛନ୍ତି କି?**

୨୫ ବର୍ଷ ହେବ ଓଡ଼ିଶାରେ ସଫଳ ଭାବେ କାରବାର କରୁଛୁ। କୋଭିଡ୍ ସମୟରେ ସ୍ୱତନ୍ତ୍ର ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଡିମାଣ୍ଡ ଅଧିକ ରହିଛି। ଲୋକମାନେ ଚାହୁଁଥିବା ପ୍ରଡକ୍ଟ କିଭଳି ପାଇପାରିବେ ତାକୁ ଧ୍ୟାନରେ ରଖାଯାଇଛି। ଓଡ଼ିଶାରେ ସାରା ବର୍ଷ ପର୍ବପର୍ବାଣି ରହୁଥିବାରୁ ବିଭିନ୍ନ ପଦକ୍ଷେପ ସହ ସ୍ୱତନ୍ତ୍ର ଅଫର ସୁବିଧା କରାଯାଇଥାଏ। ବଜାର ସ୍ଥିତିକୁ ଦେଖି ବିଭିନ୍ନ ଅଫର ଡିଜାଇନ କରାଯିବାକୁ ଯୋଜନା ରଖାଯାଇଛି। ଏଠାରେ ୧୪ଟି ବ୍ରାଣ୍ଡ ଷ୍ଟୋର ଓ ୧୦୦୦ରୁ ଊର୍ଦ୍ଧ୍ୱ ଆଉଟଲେଟରେ ଗ୍ରାହକ କମ୍ପାନୀର ବିଭିନ୍ନ ସେବା ଲାଭ କରିପାରିବେ।

**କର୍ମକ୍ଷେତ୍ର ପରିବାର ମଧ୍ୟରେ କେମିତି ସମନ୍ୱୟ ରଖନ୍ତି?**

ଜୀବନରେ ଅନେକ ପରୀକ୍ଷା ଆସିବ। ବିଭିନ୍ନ କାମ ପାଇଁ ସମୟ ବାହାର କରିବାକୁ ପଡ଼ିବ। କମ୍ପାନୀ କର୍ତ୍ତୃପକ୍ଷ ଓ ପରିବାରର ଲୋକଙ୍କ ସହଯୋଗ ଯୋଗୁ ସବୁ କାମ ଠିକ୍ ଭାବେ ହୋଇପାରୁଛି। କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ହୋଇଥିବାରୁ ଅନେକ ଦାୟିତ୍ୱ ରହିଛି। ପରିବାର ଲୋକଙ୍କ ପାଇଁ କର୍ତ୍ତବ୍ୟ ରହିଛି। ସବୁ ଥିରେ ସମନ୍ୱୟ ରଖିବାକୁ ଶତ ପ୍ରତିଶତ ଚେଷ୍ଟା ଜାରି ରଖିଛି।

—ସାକ୍ଷାତ୍କାର: ଅଭୟ ଦାଶ




| Year | Appeared | Passed | Result | 1st Div. | 2nd Div. | 3rd Div. |
|---|---|---|---|---|---|---|
| 2015 | 94 | 94 | 100% | 58 | 33 | 3 |
| 2016 | 128 | 127 | 99.9% | 75 | 50 | 2 |
| 2017 | 209 | 208 | 99.9% | 123 | 79 | 6 |
| 2018 | 265 | 264 | 99.9% | 167 | 96 | 1 |
| 2019 | 330 | 327 | 99.3% | 206 | 105 | 16 |
| 2020 | 344 | 341 | 99.1% | 240 | 92 | 9 |
| 2021 | 378 | 378 | 100% | 372 | 6 | 0 |

“ଯେତେଦିନ ପର୍ଯ୍ୟନ୍ତ ଦୁଃସ୍ଥ ଓ ଦୁର୍ଗତମାନେ ତୁମ ଚାରିପଟେ ଅଛନ୍ତି, ସେମାନଙ୍କୁ ସାହାଯ୍ୟ କର। କିନ୍ତୁ ବୁଝି ଦେଖ– ତୁମକୁ ଚେଷ୍ଟା କରିବାକୁ ହେବ– ଯାହା ଫଳରେ କି ତୁମ ଚାରିପଟେ ଯେପରି ଗୋଟିଏ ସୁଦ୍ଧା ଦୁଃସ୍ଥ ମଣିଷ ତୁମ ସାହାଯ୍ୟ ପାଇବାକୁ ନ ଥାଏ। –ଶ୍ରୀଅରବିନ୍ଦ



# ଜାତିର ଭୂମିକା ନାହିଁ

କୋଭିଡ୍-୧୯ ମହାମାରୀ ଭାରତର ସ୍ୱାସ୍ଥ୍ୟ ବ୍ୟବସ୍ଥା କିଭଳି ରହିଛି ଦେଖାଇ ଦେଇଛି। କେବଳ ଶଯ୍ୟା ଓ ଅକ୍ସିଜେନ୍ ସିଲିଣ୍ଡର ଅଭାବ ଯୋଗୁ ଅସଂଖ୍ୟ ଲୋକଙ୍କ ଜୀବନ ଯାଇଛି ତା'ନୁହେଁ, ଗତ ଦେଢ଼ ବର୍ଷରେ ସମସ୍ତେ ପ୍ରମାଣ ପାଇଲେ ଯେ ଭାରତରେ ବଞ୍ଚିଥିବା ବ୍ୟକ୍ତି ଦୈବୀଶକ୍ତିରେ ତିଷ୍ଠିଛି। ଡାକ୍ତର ଓ ଡାକ୍ତରଖାନା ସବୁ ଏବେ ବ୍ୟବସାୟରେ ପରିଣତ ହେଲାଣି। ଗୋଟିଏ ଗୋଟିଏ ଅଞ୍ଚଳରେ ଅଭିଜ୍ଞ ଡାକ୍ତର ନ ଥିବାରୁ ଜନସାଧାରଣ କି ପ୍ରକାର ଦହଗଞ୍ଜ ହୋଇଥାଆନ୍ତି ତାହା ସମସ୍ତେ ଅନୁଭବ କରୁଛନ୍ତି। ଏଭଳି ସ୍ଥଳେ କେନ୍ଦ୍ର ସରକାର ଡାକ୍ତରୀ ପାଠ୍ୟକ୍ରମରେ ସଂରକ୍ଷଣକୁ ଆହୁରି ବଢ଼ାଇ ଦେଇଛନ୍ତି। ୨୯ ଜୁଲାଇରେ କେନ୍ଦ୍ର ସରକାର ସର୍ବଭାରତୀୟ ସ୍ତରରେ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି) ପାଇଁ ୨୭ ପ୍ରତିଶତ ଏବଂ ଆର୍ଥିକ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍)ଙ୍କ ନିମନ୍ତେ ୧୦ ପ୍ରତିଶତ ସିଟ୍ ସଂରକ୍ଷଣ ରହିବ ବୋଲି କହିଛନ୍ତି। ନୂତନ ଶିକ୍ଷାନୀତି କାର୍ଯ୍ୟକାରିତାର ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ଏ ବିଷୟ ଘୋଷଣା କରିବା ପରେ ଚଳିତ ଶିକ୍ଷାବର୍ଷରୁ ଏମ୍‌ବିବିଏସ୍, ଏମ୍‌ଡି, ଏମ୍‌ଏସ୍, ବିଡିଏସ୍, ଏମ୍‌ଡିଏସ୍ ଓ ଡିପ୍ଲୋମା ମେଡିକାଲ ପ୍ରୋଗ୍ରାମଗୁଡ଼ିକରେ ନୂତନ ସଂରକ୍ଷଣ ଆଇନ ଲାଗୁ ହେବ।

ମଣିଷ ଜୀବନ ରକ୍ଷା କରୁଥିବା ପାଠ୍ୟକ୍ରମରେ ମେଧାବୀଙ୍କ ଯୋଗଦାନ ସର୍ବଦା ଗୁରୁତ୍ୱ ବହନ କରିବା କଥା। ସଂରକ୍ଷଣ ପରିବର୍ତ୍ତେ ପ୍ରତିଭାସମ୍ପନ୍ନ ଛାତ୍ରୀଛାତ୍ରଙ୍କୁ ଅଗ୍ରପ୍ରାଧାନ୍ୟ ଦିଆଯିବା ରାଷ୍ଟ୍ରର ନୀତିରେ ପରିଣତ ହେବା ଜରୁରୀ। ମନେହେଉଛି ଯେପରି କେବଳ ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ଏଭଳି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିର ମିଆଦୀ ବଢ଼ାଯାଉଛି। କେଉଁ ଦଳ କ୍ଷମତାସୀନ ହେଲେ କେଉଁ ଜାତି ବା ବର୍ଗକୁ ଖୁସି କରିବା ସକାଶେ କିଭଳି ପଦକ୍ଷେପ ନିଆଯିବ ତାହାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ମୋଟାମୋଟି କହିଲେ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ସୁବିଧା ଯାଚିବାର ଏ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି, ତାହା ଦ୍ୱାରା ବ୍ୟବସ୍ଥା ଦୁର୍ବଳ ହୋଇଯାଉଛି। ଜନସାଧାରଣଙ୍କୁ ସବୁ ଦଳର ସରକାର ସୁବିଧା ଦେବା ଦରକାର। କିନ୍ତୁ ସେହି ସୁବିଧା ସମାଜର କ୍ଷତି ଘଟାଇବା ଉଚିତ ନୁହେଁ। ଏହି ଭୁଲ ନୀତିକୁ ବିରୋଧ କଲେ କୌଣସି ରାଜନୈତିକ ଦଳ ତିଷ୍ଠିପାରିବ ନାହିଁ। ତେଣୁ ଏଭଳି କ୍ଷେତ୍ରରେ ଭିନ୍ନ ମତ ପୋଷଣ କରୁଥିବା ବହୁ ରାଜନେତା ଚୁପ୍ ହୋଇ ସାଲିସ କରିବାକୁ ବାଧ୍ୟ ହୋଇଥାଆନ୍ତି। ଏବେ ଆଲୋଚନା ହେଉଛି ଯେ, ଆସନ୍ତାବର୍ଷ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଥିବାରୁ କେନ୍ଦ୍ର ସରକାର ଭୋଟ୍ ହାତେଇବା ପାଇଁ ଏଭଳି ଗୁଗ୍‌ଲୀ ଫିଙ୍ଗିଛି। ଉତ୍ତର ପ୍ରଦେଶର ୨୦୧୭ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ବିମୁଦ୍ରୀକରଣ କରାଇ କଳାଧନ ବିରୋଧରେ ଅଭିଯାନ କରୁଛନ୍ତି ବୋଲି ମିଥ୍ୟା ପ୍ରଚାର କରିଥିଲେ। ସେହି ଅର୍ଥନୈତିକ ମାଡ଼ କେବଳ ଆଜି ନୁହେଁ, ଭବିଷ୍ୟତରେ ଆହୁରି ଅନେକ ବର୍ଷ ଯାଏ ଦେଶ ଭୋଗିବ। ଏବେ ପୁନର୍ବାର ଆଉ ଗୋଟିଏ ନିର୍ବାଚନ ପୂର୍ବରୁ ଶିକ୍ଷା ନୀତିରେ ସଂରକ୍ଷଣ ଦୀର୍ଘମିଆଦୀ କ୍ଷତି ପହଞ୍ଚାଇବ। ଏଭଳିସ୍ଥଳେ ଶିକ୍ଷା, ସ୍ୱାସ୍ଥ୍ୟ ଭଳି ଅତି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସଂରକ୍ଷଣ ପ୍ରତିଶତକୁ ବୃଦ୍ଧି କରାଯିବାକୁ ଏକ ସମାଜବିରୋଧୀ ପଦକ୍ଷେପ ଭାବେ କୁହାଯାଇପାରେ। ଏହାଦ୍ୱାରା ସମଗ୍ର ସଂରକ୍ଷଣକୁ ବିରୋଧ କରାଯାଉନାହିଁ। ଐତିହାସିକ ଦୃଷ୍ଟିକୋଣରୁ ସମାଜର ପଛୁଆ ବର୍ଗକୁ ଅନେକ ଶତାବ୍ଦୀ ଧରି ଦମନ କରାଯାଇ ଆସୁଛି। ସେମାନଙ୍କୁ ନ୍ୟାୟ ଦେବା ପାଇଁ ଭାରତୀୟ ସମାଜକୁ ଅନେକ କଷ୍ଟ ସହିବାକୁ ପଡ଼ିବ। କିନ୍ତୁ ଏକବିଂଶ ଶତାବ୍ଦୀର ଆଧୁନିକ ଯୁଗରେ ମେରିଟ୍ ବା ମେଧାର ନିଶ୍ଚିତ ଆବଶ୍ୟକତା ରହିଛି। ଜଣେ ପଛୁଆ ବର୍ଗର ରୋଗୀ ମଧ୍ୟ ଭଲ ଡାକ୍ତରଙ୍କ ଚିକିତ୍ସାଧୀନ ହେବାକୁ ଚାହିଁବେ। ଜୀବନ ବଞ୍ଚାଇଲା ବେଳକୁ ଜାତିର ଭୂମିକା ଗୌଣ।

ଭାରତରେ ୧,୪୪୫ ରୋଗୀଙ୍କ ପାଇଁ ଜଣେ ଡାକ୍ତର ରହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ୧,୦୦୦ ରୋଗୀରେ ଜଣେ ଡାକ୍ତର ରହିବା ଉଚିତ ବୋଲି ବ୍ୟବସ୍ଥା କରିଛି। ତେଣୁ ଜୀବନ ବଞ୍ଚାଉଥିବା ଡାକ୍ତରଙ୍କ ଭଳି ଅନ୍ୟ କେତୋଟି ପେସା ଯଥା–ଉଡ଼ାଜାହାଜର ପାଇଲଟ, ସେନାର ଉଚ୍ଚପଦସ୍ଥ ଅଧିକାରୀ, ନ୍ୟାୟାଳୟର ବିଚାରପତିଙ୍କ କ୍ଷେତ୍ରରେ ଜାତିର କୌଣସି ଭୂମିକା ରହିବା ଅନୁଚିତ।

# ଏବେ ସମବାୟ ଉପରେ ଆଖି



କିଶୋର ଜେନା

୭ ବର୍ଷରେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ରାଷ୍ଟ୍ରାୟତ୍ତ ବ୍ୟାଙ୍କର କର୍ପୋରେଟ୍ ଋଣକୁ ଲିଭାଇଦେବା ନାମରେ ୯ଲକ୍ଷ ୪ହଜାର କୋଟି ଟଙ୍କାରୁ ବେଶି ପ୍ରକାରାନ୍ତରେ ଋଣଛାଡ଼ କରିଛନ୍ତି। ପ୍ରତିବର୍ଷ ସମବାୟ ସଂସ୍ଥାଗୁଡ଼ିକ ଦେଶରେ ୨୦ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନେଣଦେଣ କରିଥାନ୍ତି। ସେହି ଅର୍ଥ ଉପରେ ଏବେ କର୍ପୋରେଟ୍‌ଙ୍କ ଲୋଲୁପ ଦୃଷ୍ଟି। ଏଥିରେ ସହାୟତା କରିବାକୁ ଆଗେଇ ଆସିଛି କେନ୍ଦ୍ର ସରକାର ଏବଂ ଏଥିନିମନ୍ତେ ଏକ ନୂତନ ମନ୍ତ୍ରଣାଳୟ 'ସମବାୟ' ସୃଷ୍ଟି କରିଛନ୍ତି। ଏହି ବିଭାଗର ଦାୟିତ୍ୱ ଅର୍ଥମନ୍ତ୍ରୀ ଓ ଭାଜପାର ଦୁଇ ନମ୍ବର ନେତା ଅମିତ ଶାହାଙ୍କୁ ଅର୍ପଣ କରାଯାଇଛି। ଅମିତ ଶାହାଙ୍କୁ ଏହି ନୂତନ ବିଭାଗର ଦାୟିତ୍ୱ ଦେବା ପଛରେ କପୋରେଟ୍ ଲୁଟର ଷଡ଼ଯନ୍ତ୍ର ରହିଛି ବୋଲି ବିରୋଧୀ ଦଳ ଓ ସମବାୟବିତ୍‌ମାନେ ମତ ପ୍ରକାଶ କରିବା ସହ ସମବାୟ ସମ୍ପୂର୍ଣ୍ଣ ଭାବେ ରାଜ୍ୟର ଦାୟିତ୍ୱ ଥିବାବେଳେ ଏବେ କେନ୍ଦ୍ରର ହସ୍ତକ୍ଷେପର ରାସ୍ତା ଖୋଲି ଦିଆଗଲା।

ବିଭିନ୍ନ ରାଜ୍ୟର ସମବାୟ ଓ ସଂସ୍ଥାଗୁଡ଼ିକ କୃଷି ଓ କ୍ଷୁଦ୍ରଶିଳ୍ପ, କ୍ଷୁଦ୍ର ବ୍ୟବସାୟୀ, ଗ୍ରାମୀଣ ଆର୍ଥିକ କ୍ଷେତ୍ରକୁ ଋଣ ଦେବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଆସିଛନ୍ତି। ସମବାୟକୁ କେନ୍ଦ୍ରକରି ରାଜ୍ୟଗୁଡ଼ିକରେ ରାଜନୈତିକ କ୍ଷେତ୍ରରେ ବିଭିନ୍ନ ରାଜନୈତିକ ଦଳ ପ୍ରଭାବ ବଢ଼ାଇବାର ପ୍ରୟାସ କରିଥାଆନ୍ତି। ଏଣୁ ସମବାୟକୁ କେନ୍ଦ୍ରୀୟ ଭାବେ ନିୟନ୍ତ୍ରଣ କରିବାକୁ ସେହି ଲକ୍ଷ୍ୟ ଭାଜପାର ରହିଛି ବୋଲି ଅନେକେ ମତ ପ୍ରକାଶ କରନ୍ତି। ଉଲ୍ଲେଖ କରାଯାଇପାରେ ରାଜ୍ୟଗୁଡ଼ିକ ମଧ୍ୟରେ କୃଷି ଋଣ ସହାୟତାରେ ଓଡ଼ିଶାର ଉଲ୍ଲେଖନୀୟ ଭୂମିକା ରହିଛି। ସମବାୟ ସମିତିଗୁଡ଼ିକରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ନେଉଥିବା ଚାଷୀମାନଙ୍କୁ ଓଡ଼ିଶାରେ ସୁଧ ଦେବାକୁ ପଡୁନାହିଁ। ଓଡ଼ିଶାରେ କୃଷି ଋଣ ମୁଖ୍ୟତଃ ସମବାୟ ସମିତି ମାଧ୍ୟମରେ କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡ଼ିକ ଦେଉଛନ୍ତି। ଅନ୍ୟାନ୍ୟ ବ୍ୟାଙ୍କ ତୁଳନାରେ ସମବାୟ ବ୍ୟାଙ୍କଗୁଡ଼ିକର କୃଷି ଋଣ ପରି ମାନ ଯଥେଷ୍ଟ ବେଶି।

ବିଭିନ୍ନ ରାଜ୍ୟ ମଧ୍ୟରେ ସମବାୟ ପ୍ରସାରରେ ଅଗ୍ରଣୀ ଭୂମିକା ପଞ୍ଜାବର ରହିଛି। ଏହି ରାଜ୍ୟରେ କୃଷି ସମବାୟ ସମିତିର ସଂଖ୍ୟା ୫୦୦୦ରୁ ବେଶି। ଏହାଛଡ଼ା ରହିଛି ୫୦୦୦ ଦୁଗ୍ଧ ଫେଡ଼େରେଶନ। ରହିଛି ରାଜ୍ୟସ୍ତରୀୟ ତିନୋଟି ବଡ଼ ସମବାୟ ବ୍ୟାଙ୍କ। ସମସ୍ତ ସମବାୟର ମୋଟ ଋଣ ନେଣଦେଣର ପରିମାଣ ୧୫ଲକ୍ଷ କୋଟି ଟଙ୍କା। ଏହାପରେ ସମବାୟରେ ଆଗୁଆ ରାଜ୍ୟ ହେଉଛି ମହାରାଷ୍ଟ୍ର। ପ୍ରାଥମିକ କୃଷି ସମବାୟ ଓ ଦୁଗ୍ଧ ସମବାୟ ସଂସ୍ଥା ୨୦୦୦ରୁ ଅଧିକ। ଚିନିକଳର ବଡ଼ ବଡ଼ ୨୦୦ଟି ସମବାୟ ସମିତି ରହିଛି। ମୋଟ ଋଣ ନେଣଦେଣର ପରିମାଣ ୩୫ ହଜାର କୋଟି ଟଙ୍କା। ଉତ୍ତରପ୍ରଦେଶରେ ଜିଲାସ୍ତରୀୟ ସମବାୟ ସମିତିର ସଂଖ୍ୟା ୨୫ହଜାର ୯୦୭। ଏଗୁଡ଼ିକର ଋଣ ନେଣଦେଣର ପରିମାଣ ୫,୯୮୬ କୋଟି ଟଙ୍କା। ବିହାରରେ ପ୍ରାଥମିକ କୃଷି ସମବାୟ ସଂସ୍ଥା ୮୪୦୦ଟି। ରାଜ୍ୟସ୍ତରୀୟ ସମବାୟ ସଂସ୍ଥାର ସଂଖ୍ୟା ୩୮ଟି। ମୋଟ ଋଣ ନେଣଦେଣର ପରିମାଣ ହେବ ୩୦ ହଜାର କୋଟି ଟଙ୍କା। ଏହାଛଡ଼ା କର୍ଣ୍ଣାଟକ, ଗୁଜରାଟ, ତାମିଲନାଡୁ, କେରଳ ସହ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟର ସମବାୟରେ ଯଥେଷ୍ଟ ପ୍ରସାର ଘଟିଛି। ସବୁ ମିଶି ଆନୁମାନିକ ୨୦ ଲକ୍ଷ କୋଟି ଟଙ୍କା ଉପରେ ପ୍ରତିବର୍ଷ ଋଣ ନେଣଦେଣ ସମବାୟ ସଂସ୍ଥା ଜରିଆରେ ସାରା ଦେଶରେ ହୋଇଥାଏ। ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ସମବାୟ ଆନ୍ଦୋଳନ ଅଗ୍ରଗତି କରିଛି। ଏହିସବୁ ସମବାୟ ବ୍ୟାଙ୍କର ମୂଳଧନ ଓ ଋଣ ନେଣଦେଣର କାରବାର ଉପରେ ଏବେ କେନ୍ଦ୍ର ସରକାରଙ୍କ ନଜର ପଡ଼ିଛି।

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନଡିଏ ସରକାର ଆସିବା ପରେ ଧାରାବାହିକ ଭାବେ କର୍ପୋରେଟ୍ କ୍ଷେତ୍ରର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଋଣ ଲୁଟ୍‌ର ଘଟଣା ବଢ଼ିଚାଲିଛି। ୨୦୧୪–୧୫ରେ କର୍ପୋରେଟ୍‌ଙ୍କ ଅନାଦାୟ ଋଣ ଛାଡ଼ କରାଯାଇଥିଲା ୨୬,୧୫୭ କୋଟି ଟଙ୍କା, ୨୦୧୫–୧୬ରେ ତାହା ୩୯, ୧୩୧ କୋଟି ଟଙ୍କା, ୨୦୧୬–୧୭ରେ ତାହା ୩୪,୧୩୨ କୋଟି ଟଙ୍କା, ୨୦୧୭–୧୮ରେ ତାହା ବଢ଼ି ହୋଇଛି ୧ଲକ୍ଷ ୨୯ ହଜାର ୫୦୧ କୋଟି ଟଙ୍କା, ୨୦୧୮–୧୯ରେ ତାହା ଆହୁରି ବଢ଼ି ହୋଇଥିଲା ୧ଲକ୍ଷ ୬୩ ହଜାର ୧୬୮ କୋଟି ଟଙ୍କା, ୨୦୧୯–୨୦ରେ ପୁଣି ବଢ଼ି ହୋଇଛି ୨ଲକ୍ଷ ୭୮ହଜାର ୩୦୩ କୋଟି ଟଙ୍କା, ୨୦୨୦–୨୧ରେ ଅନାଦାୟ ଋଣ ଛାଡ଼ର ପରିମାଣ ୨ଲକ୍ଷ ୩୪ ହଜାର କୋଟି ଟଙ୍କା। ଗତ ୭ବର୍ଷରେ ସର୍ବମୋଟ କର୍ପୋରେଟ୍‌ଙ୍କ ଅନାଦାୟ ଋଣ ଛାଡ଼ କରାଯାଇଛି ୯ଲକ୍ଷ ୪ହଜାର ୩୯୧ କୋଟି ଟଙ୍କାରୁ ଅଧିକ। କର୍ପୋରେଟ୍‌ଙ୍କ ଅନାଦାୟ ଋଣକୁ ବ୍ୟାଙ୍କର ଋଣ ଖାତାରୁ ଲିଭାଇ ଦେଇ ପ୍ରକାରାନ୍ତରେ ବ୍ୟାଙ୍କ ଋଣକୁ ଲୁଟ୍ କରିବାର ସୁଯୋଗ ଦିଆଯାଇଛି। ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅପରେଟିଂ ପ୍ରଫିଟ୍ ବା କାର୍ଯ୍ୟକାରୀ ଲାଭ କରୁଥିବାବେଳେ କର୍ପୋରେଟଙ୍କ ଏହି ଋଣ ଛାଡ଼ ଯୋଗୁ ବ୍ୟାଙ୍କଗୁଡ଼ିକ ନିଟ୍ କ୍ଷତି କରୁଛନ୍ତି। ଋଣ ଛାଡ଼ ପରେ ମଧ୍ୟ କର୍ପୋରେଟ୍‌ଙ୍କ ଅନାଦାୟ ଋଣର ପରିମାଣ ଏବେ ୧୨ଲକ୍ଷ କୋଟି ଟଙ୍କା ଉପରେ। ବେସିକ୍ ହାରରେ ଋଣ ପରିଶୋଧ ନ କରିବା ଫଳରେ ବକେୟା ଋଣ କର୍ପୋରେଟଙ୍କ କ୍ଷେତ୍ରରେ ବେଶି ବଢ଼ିଛି। ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ କ୍ଷୁଦ୍ର ଋଣ ଗ୍ରାହକଙ୍କଠାରୁ କର୍ପୋରେଟ୍‌ଙ୍କ ଋଣ ଛାଡ଼ର ହାର ସବୁବେଳେ ବେଶି।

ଇତିମଧ୍ୟରେ ଦେଶର ସମବାୟ ସଂସ୍ଥାଗୁଡ଼ିକୁ ନେଇ ନୂତନ ସମବାୟ ମନ୍ତ୍ରୀ ଏକ ବୈଠକ କରିଛନ୍ତି। ବୈଠକ ଶେଷରେ ଟୁଇଟରରେ ଅମିତ ଶାହା କହିଛନ୍ତି, ରାଜ୍ୟଗୁଡ଼ିକରେ ମଧ୍ୟ କେନ୍ଦ୍ର ପରି ବୈଠକ କରାଯିବ। ସମବାୟକୁ ଶକ୍ତିଶାଳୀ କରାଯିବା ପାଇଁ କି କି ପଦକ୍ଷେପ ସରକାର ନେଉଛନ୍ତି ସେ ବିଷୟରେ ଅବଗତ କରାଯିବ। ପ୍ରସଙ୍ଗତଃ ବର୍ତ୍ତମାନ ସମବାୟ ରାଜ୍ୟଗୁଡ଼ିକ ଅଧୀନରେ ଥିବାରୁ କେନ୍ଦ୍ରର ଏଥିରେ ବିଶେଷ ଗୁରୁତ୍ୱ ନ ଥିଲା। କେନ୍ଦ୍ରର କୃଷି ମନ୍ତ୍ରଣାଳୟର ଅଧୀନରେ ସମବାୟ ଏକ କ୍ଷୁଦ୍ର ଛୋଟ ଦପ୍ତର ରୂପେ ଚାଲୁଥିଲା। ଏଥର ସ୍ୱତନ୍ତ୍ର ଭାବେ ସମବାୟ ମନ୍ତ୍ରଣାଳୟ ଚାଲୁ କରାଗଲା। ଏ ନେଇ ଆଇନ ପ୍ରଣୟନ କରାଯିବାକୁ ସ୍ଥିର ହୋଇଛି।

କେନ୍ଦ୍ର ସରକାରଙ୍କ ପକ୍ଷରୁ ନୂତନ ସମବାୟ ମନ୍ତ୍ରଣାଳୟର ଲକ୍ଷ୍ୟ ରୂପେ କୁହାଯାଇଛି, ଗ୍ରାମାଞ୍ଚଳ ଭାରତରେ ସାହୁକାର ମହାଜନିରୁ ମୁକ୍ତ କରିବା ପାଇଁ ହୋଇଛି ସମବାୟ ମନ୍ତ୍ରଣାଳୟ। ଅର୍ଥାତ୍ ଗ୍ରାମ ଗ୍ରାମରେ ଯେଉଁ ମହାଜନି ଶୋଷଣ ଚାଲୁଛି, ସେଥିରୁ ମୁକ୍ତ କରି ଗ୍ରାମାଞ୍ଚଳରେ ସମୃଦ୍ଧିର ଜୁଆର ବୁହାଇବା ପାଇଁ ଏହି ମନ୍ତ୍ରଣାଳୟ ତିଆରି ହୋଇଛି। ଆହୁରି ମଧ୍ୟ କୁହାଯାଇଛି ସମବାୟର ପରିଚାଳନା ପାଇଁ ଅଲଗା ପ୍ରଶାସନିକ ଭିତ୍ତିଭୂମି, ଆଇନ ଓ ନୀତି ଗ୍ରହଣ କରାଯିବ। ଏହାର ଲକ୍ଷ୍ୟ ହେବ ସମବାୟ ଆନ୍ଦୋଳନକୁ ତୃଣମୂଳ ସ୍ତରରେ ପହଞ୍ଚାଇଦେବା। ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପରି ସେହି ପୁରୁଣା ସହଜ ବ୍ୟବସାୟର ପଥ ତିଆରି କରିବ ସମବାୟ। ଅର୍ଥମନ୍ତ୍ରୀ ଯେଉଁସବୁ ପ୍ରକଳ୍ପ ଘୋଷଣା କରିଛନ୍ତି, ତାହାର ରୂପାୟନ କରିବ ସମବାୟ ମନ୍ତ୍ରଣାଳୟ। ଅମିତ ଶାହା ସରକାରଙ୍କ ଏହି ଉଦ୍ୟମକୁ 'ଐତିହାସିକ' ବୋଲି ମନ୍ତବ୍ୟ ଦେଇଛନ୍ତି।

ଅନ୍ୟ ଦିଗରେ ବିଶେଷଜ୍ଞ ମହଲଙ୍କ ମତ, ନୂଆ କୃଷି ଆଇନ ଯେପରି କର୍ପୋରେଟ୍‌ଙ୍କୁ କୃଷି କ୍ଷେତ୍ର ଦେଇଦେବାର ପଥ ସୁଗମ କରିଛି, ଠିକ୍ ସେହିପରି କର୍ପୋରେଟ୍‌ଙ୍କ ହାତରେ ସମବାୟର ଅର୍ଥକୁ ଟେକିଦେବାର ଅନ୍ୟତମ ଲକ୍ଷ୍ୟ। ଏହାଛଡ଼ା ନୂଆ କୃଷି ଆଇନ ଯୋଗୁ ଭାଜପା ଗ୍ରାମୀଣ ଭାରତରେ ପ୍ରାୟ ବିଚ୍ଛିନ୍ନ ହୋଇପଡ଼ିଛି। ଏହି ବିଚ୍ଛିନ୍ନତାକୁ କାଟିବା ପାଇଁ ଏଥର ସମବାୟକୁ ଦଖଲ କରି ଗ୍ରାମୀଣ ଭାରତରେ ଦଳ ପାଇଁ ସମର୍ଥନ ବଢ଼ାଇବାର ଏହା ଭାଜପାର ଏକ କୌଶଳ।

ଦେଖାଯାଏ, ବିଭିନ୍ନ ରାଜ୍ୟରେ ସମବାୟ ସଂସ୍ଥାଗୁଡ଼ିକୁ କେନ୍ଦ୍ରକରି ବିଭିନ୍ନ ରାଜନୈତିକ ଦଳର ପ୍ରତିପତ୍ତି ରହିଛି। ମହାରାଷ୍ଟ୍ର, ଗୁଜରାଟ, ପଶ୍ଚିମ ଭାରତର ବିଭିନ୍ନ ରାଜ୍ୟରେ ଏହା ଦେଖାଯାଏ। ଏଣୁ ସବୁ ରାଜ୍ୟରେ ଦଖଲ ବଢ଼ାଇ ଦଳର ପ୍ରତିପତ୍ତି ବଢ଼ାଇବା ପାଇଁ ଭାଜପାର ଏହା ଏକ ନୂତନ ଚାଲ୍। ସମସ୍ତ ବ୍ୟବସ୍ଥାକୁ କେନ୍ଦ୍ର ହାତରେ ରଖି ରାଜ୍ୟଗୁଡ଼ିକୁ ଦୁର୍ବଳ କରିବାର ପ୍ରଚେଷ୍ଟାର ଏହା ଏକ ଅଙ୍ଗ। ଏହି କାରଣରୁ ଅମିତ ଶାହା ଓ ତାଙ୍କ ଦଳ ନିକଟରେ ସମବାୟର ନୂଆ ମନ୍ତ୍ରଣାଳୟ ଉଦ୍ୟମକୁ ଏକ 'ଐତିହାସିକ' ପଦକ୍ଷେପ ବୋଲି ଘୋଷଣା କରିଛନ୍ତି।

**ଉତ୍କଳମଣି ମାର୍ଗ, ଅପର୍ଣ୍ଣାନଗର, କଟକ**
**ମୋ:୯୩୪୮୧୬୯୯୩୧**

# ବୃକ୍ଷ ହିଁ ଭରସା



ଡ.ଜୟକୃଷ୍ଣ ପାଣିଗ୍ରାହୀ

"ଛାୟାମନ୍ୟସ୍ୟ କୁର୍ବନ୍ତି ତିଷ୍ଠନ୍ତି ସ୍ୱୟମାତପେ। ଫଳାନ୍ୟାପି ପରାର୍ଥାୟ ବୃକ୍ଷାଃ ସତ୍ପୁରୁଷାଃ ଇବ।" ଅର୍ଥାତ୍ ବୃକ୍ଷଗୁଡ଼ିକ ନିଜେ ଜ୍ୱଳନ୍ତ ସୂର୍ଯ୍ୟଙ୍କର ପ୍ରଚଣ୍ଡ ରୌଦ୍ରତାପରେ ଜର୍ଜରିତ ହେଉଥିଲା ବେଳେ ଅନ୍ୟମାନଙ୍କୁ ସୁଶୀତଳ ଛାୟା ପ୍ରଦାନ କରନ୍ତି। ସେମାନଙ୍କର ଫଳ, ପୁଷ୍ପ ଇତ୍ୟାଦି ସବୁ କିଛି ଅନ୍ୟମାନଙ୍କ ସେବା ନିମନ୍ତେ ଉଦ୍ଦିଷ୍ଟ। ଏହା ହେଉଛି ବୃକ୍ଷ ଏବଂ ପରୋପକାରୀ, ମହତ୍ ବ୍ୟକ୍ତିମାନଙ୍କର ଲକ୍ଷଣ। ଉପନିଷଦର ଏହି ଶ୍ଳୋକଟି ବୃକ୍ଷର ବଦାନ୍ୟତାର ବିଶାଳତାକୁ ପରିପ୍ରକାଶ କରେ। କଲିକତା କୃଷି ବିଶ୍ୱବିଦ୍ୟାଳୟର ପ୍ରଫେସର ଟି.ଏମ୍. ଦାସ ୧୯୮୦ରେ ପଚାଶ ବର୍ଷ ବଞ୍ଚିଥିବା ଏକ ପୂର୍ଣ୍ଣକାୟ ବୃକ୍ଷର ମୂଲ୍ୟାୟନ କରି ବ୍ୟକ୍ତ କରିଥିଲେ ଯେ, ଏହା ୨.୫ ଲକ୍ଷ ଟଙ୍କା ମୂଲ୍ୟର ଅମ୍ଳଜାନ ସୃଷ୍ଟି, ୫ ଲକ୍ଷ ଟଙ୍କାର ବାୟୁ ବିଶୁଦ୍ଧୀକରଣ, ୩ ଲକ୍ଷ ଟଙ୍କାର ଜଳଚକ୍ର ନିୟନ୍ତ୍ରଣ, ୨.୫ ଲକ୍ଷ ଟଙ୍କାର ମୃତ୍ତିକା ସଂରକ୍ଷଣ, ୨.୫ ଲକ୍ଷ ଟଙ୍କାର ପଶୁପକ୍ଷୀମାନଙ୍କୁ ବାସସ୍ଥଳୀ ଯୋଗାଣ ଏବଂ ୨୦ ହଜାର ଟଙ୍କାର ଖାଦ୍ୟ ପ୍ରଦାନ କରେ। ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ଏହି ପରିମାଣ ସମ୍ପ୍ରତି ୧.୫ କୋଟି ଟଙ୍କାରୁ ଅଧିକ ହେବ। ବୃକ୍ଷର ଉଭୟ ଦ୍ରବ୍ୟ ଓ ସେବା ପ୍ରଦାନର ଏପରି ମହାନ୍ ଅବଦାନ ନିଜ ପରିବେଶ ଓ ପ୍ରକୃତି ପ୍ରତି ଅସମ୍ବେଦନଶୀଳ ପାଲଟିଥିବା ମଣିଷ ନିମନ୍ତେ ଶିକ୍ଷାଲାଭର ଏକ ପ୍ରକୃଷ୍ଟ ଦୃଷ୍ଟାନ୍ତ। କାରଣ ସଭ୍ୟତା ଆରମ୍ଭରୁ କୃଷି, ଶିଳ୍ପ, ଖଣିଖାଦାନ, ବସତି ସ୍ଥାପନ, ପଶୁପାଳନ ଇତ୍ୟାଦି ନିମନ୍ତେ ପୃଥିବୀକୁ ସବୁଜିମା ପ୍ରଦାନ କରୁଥିବା ଅର୍ଦ୍ଧେକ ଗଛ ମାନବୀୟ ନୃଶଂସତାର ଶିକାର ହୋଇ ବିଲୁପ୍ତ ହୋଇ ସାରିଛନ୍ତି।

ବିଶ୍ୱ ଦୃଶ୍ୟପଟକୁ ବିଚାର କଲେ ଏବେ ବାର୍ଷିକ ୧ କୋଟି ହେକ୍ଟର ହାରରେ ପୃଥିବୀରୁ ଜଙ୍ଗଲ ସମ୍ପଦ ହ୍ରାସ ଘଟୁଥିବାର 'ବିଶ୍ୱ ଜଙ୍ଗଲର ସ୍ଥିତି– ୨୦୨୦'ରୁ ଲବ୍ଧ ତଥ୍ୟ ପ୍ରକାଶ କରିଛି। ଏପରିକି ୨୦୨୦ରେ ସମଗ୍ର ବିଶ୍ୱ କୋଭିଡ୍–୧୯ ମହାମାରୀ ସଂକ୍ରମଣରେ ଭୀତତ୍ରସ୍ତ ହୋଇଥିଲେ ମଧ୍ୟ ବ୍ରାଜିଲର ଆମାଜନ ପରି ବିଶ୍ୱର ୪.୨ ନିୟୁତ ହେକ୍ଟର ପୁରାତନ ଅଭିବୃଦ୍ଧ ଗ୍ରୀଷ୍ମମଣ୍ଡଳୀୟ ଜଙ୍ଗଲ ହରାଇଛି, ଯାହାକି ପୂର୍ବ ବର୍ଷ ତୁଳନାରେ ୧୨% ଅଧିକ। ବିଶ୍ୱ ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନର ମୂଳ କାରଣ ହୋଇଥିବା କୋଇଲା ପରି ଜୀବାଶ୍ମ ଇନ୍ଧନର ଜାଳେଣି ଏବଂ ଜଙ୍ଗଲ ବିନାଶ ପ୍ରକ୍ରିୟାରେ ଅଙ୍ଗାରକ (ସବୁଜଗୃହ ବାଷ୍ପ) ନିର୍ଗମନ ମଧ୍ୟ ସମ୍ପ୍ରତି ସର୍ବକାଳୀନ ଶୀର୍ଷରେ ପହଞ୍ଚିଛି। ମୁଖ୍ୟ କାରକ ଅଙ୍ଗାରକାମ୍ଳର ପରିମାଣ ଶିଳ୍ପ ବିପ୍ଳବ ପୂର୍ବରୁ ୨୮୦ ପି.ପି.ଏମ୍. (ପ୍ରତି ନିୟୁତରେ କେତେ ଅଂଶ) ଥିଲାବେଳେ ଏହା ସମ୍ପ୍ରତି ୪୨୦ ପି.ପି.ଏମ୍.ରେ ପହଞ୍ଚିଲାଣି। ଏପରି ସ୍ଥିତିରେ ସ୍ଥଳଭାଗର ମୁଖ୍ୟ ଅଙ୍ଗାରକ ଶୋଷଣକାରୀ ଏବଂ ଅମ୍ଳଜାନ ପ୍ରଦାନକାରୀ ବୃକ୍ଷର ସଂଖ୍ୟା ଓ ଜଙ୍ଗଲର ଆକାରରେ ଯଦି ହ୍ରାସ ଘଟିଚାଲେ, ତେବେ ପରିସ୍ଥିତି ଆଗକୁ ଯେ କେତେ ଭୟାନକ ପାଲଟିପାରେ ତାହା ଆମର କଳ୍ପନାତୀତ। ପୃଥିବୀର ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖି ଉଷ୍ମତାଜନିତ ବିପର୍ଯ୍ୟୟକୁ ରୋକିବା ନିମନ୍ତେ ପ୍ୟାରିସ୍ ଜଳବାୟୁ ରାଜିନାମା (୨୦୧୫)ରେ ସମ୍ମତି ପ୍ରଦାନ କରିଥିବା ବିଶ୍ୱର ୧୯୭ଟି ରାଷ୍ଟ୍ର ଏବେ ଏକ ପ୍ରଭୂତ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଏହି ଜଳବାୟୁ ଲକ୍ଷ୍ୟ ପୂରଣ କରିବାକୁ ବିଶ୍ୱ ୨୦୨୫ ସୁଦ୍ଧା ଏକ ବିଲିୟନ ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳରୁ ଅପସାରଣ କରିବା ଜରୁରୀ ବୋଲି ସଦ୍ୟ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ। ନିର୍ଗମନରେ ଏପରି ବିଶାଳ ହ୍ରାସ ପାଇଁ ଅନେକ ବୈଜ୍ଞାନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗ ଏକାନ୍ତ ଅପରିହାର୍ଯ୍ୟ ବୋଲି ବିଶ୍ୱାସ କରୁଛନ୍ତି। ମାତ୍ର ଅଙ୍ଗାରକାମ୍ଳର ଅପସାରଣ ନିମନ୍ତେ ବୃକ୍ଷ ଏକ ବଳିଷ୍ଠ ପଦକ୍ଷେପ ନେବ। ଏହାସହିତ ଜୈବବିବିଧତା ଏବଂ ପରିବେଶର ସନ୍ତୁଳନକୁ ମଧ୍ୟ ସୁରକ୍ଷିତ ରଖିବ। ତେଣୁ ବିପୁଳ ସଂଖ୍ୟାରେ ଚାରାରୋପଣ କରି ସବୁଜିମାରେ ବୃଦ୍ଧି ଘଟାଇବା ଏବଂ ଜଙ୍ଗଲ ପରିସଂସ୍ଥାକୁ ସଂରକ୍ଷିତ କରିବା ଆମ ବିଜ୍ଞତାର ପରିମାପକ ହେବ।

ସରକାର, ବେସରକାରୀ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ସମସ୍ତଙ୍କ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହେଉଛି। ବିପର୍ଯ୍ୟୟର ତୀବ୍ରତା ହ୍ରାସ ନିମନ୍ତେ ଉପକୂଳରେ ଅଧିକ ହେନ୍ତାଳ ବନର ସୃଷ୍ଟି ମଧ୍ୟ ଜଙ୍ଗଲ ବିଭାଗ ଯୋଜନାରେ ଅନ୍ତର୍ଭୁକ୍ତ ହେବା ବାଞ୍ଛନୀୟ। ତେବେ ମୁଖ୍ୟ ସମସ୍ୟା ହେଉଛି ରୋପିତ ଚାରାର ସୁରକ୍ଷା ଓ ରକ୍ଷଣାବେକ୍ଷଣର ଅଭାବ ଏବଂ ବଞ୍ଚିବାର ହାର ସମ୍ପର୍କରେ ସଠିକ୍ ତଥ୍ୟ ଉପଲବ୍ଧ ନହେବା। ପ୍ରତ୍ୟେକ ବର୍ଷ ଯେତେ ସଂଖ୍ୟାରେ ଚାରାରୋପଣ ହେଉଛି, ଯଦି ବଞ୍ଚିବାର ହାରରେ ୨୫ ଶତାଂଶ ସଫଳତା ମିଳନ୍ତା, ତେବେ ଦେଶ ହୁଏତ ସବୁଜିମାରେ ପରିପୂର୍ଣ୍ଣ ହୋଇ ସାରିଥାନ୍ତା। ଏହି ପରିପ୍ରେକ୍ଷୀରେ ଦକ୍ଷିଣ ଆଫ୍ରିକାର କେପ୍‌ଟାଉନ ବିଶ୍ୱବିଦ୍ୟାଳୟର ଏମିରିଟସ ପ୍ରଫେସର ୱିଲିୟମ ବଣ୍ଡ ମତ ଦିଅନ୍ତି ଯେ, ଏପରି ବିଶାଳ ଦାବି ଉପରେ ସର୍ବଦା ସନ୍ଦେହ ପ୍ରକାଶ କରନ୍ତୁ। ଏହା ନିଶ୍ଚିତ ଯେ ବୃକ୍ଷରୋପଣ ଏକାନ୍ତ ରୂପେ ଜରୁରୀ। କିନ୍ତୁ ବାସ୍ତବିକ କେଉଁ ଗଛ, କେଉଁଠାରେ ଲଗାଯାଉଛି, ତାହା ଉପରେ ହିଁ ନଜର ଦିଅନ୍ତୁ। ଚାରାରୋପଣ ପ୍ରକଳ୍ପଗୁଡ଼ିକ ବୈଜ୍ଞାନିକ ପଦ୍ଧତି ଅନୁସରଣରେ ସଠିକ୍ ସ୍ଥାନରେ ସଠିକ୍ ସ୍ଥାନୀୟ ବୃକ୍ଷଜାତିକୁ ପ୍ରାଧାନ୍ୟ ଦେଇ ତଥା ସ୍ଥାନୀୟ ସମ୍ପ୍ରଦାୟର ସକ୍ରିୟ ଯୋଗଦାନରେ କାର୍ଯ୍ୟକରୀ ହେବା ଆବଶ୍ୟକ। ୨୦୦୬ରେ ଆରମ୍ଭ ହୋଇଥିବା 'ବିଲିୟନ ବୃକ୍ଷ ଅଭିଯାନ'କୁ ରୂପାନ୍ତରିତ କରି ବିଶ୍ୱ ଅର୍ଥନୈତିକ ଫୋରମ୍ ଜାତିସଂଘର ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି (୨୦୨୧–୨୦୩୦)କୁ ସମର୍ଥନ ଯୋଗାଇବା ଉଦ୍ଦେଶ୍ୟରେ ୨୦୨୦ରେ 'ଟ୍ରିଲିୟନ ବୃକ୍ଷ' ପରିଯୋଜନାର ଶୁଭାରମ୍ଭ କରିଛି। ଆଜିର ଏହି ବର୍ଦ୍ଧିତ ପୁନର୍ବନୀକରଣ ଉତ୍ସାହ ବିଶ୍ୱତାପନ ପ୍ରତି ବିଶ୍ୱସ୍ତରୀୟ ଚିନ୍ତା ପ୍ରକଟର ଗମ୍ଭୀରତାକୁ ପ୍ରତିଫଳିତ କରୁଛି। ଏକ ଟ୍ରିଲିୟନ ଗଛର ସାମର୍ଥ୍ୟ ଅଛି ବର୍ତ୍ତମାନର ବାୟୁମଣ୍ଡଳୀୟ ଅଙ୍ଗାରକ ଭଣ୍ଡାରର ୨୫% ସମକକ୍ଷକୁ ପୁନରୁଦ୍ଧାର କରିବାର, ଯାହା ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀରେ ସୀମିତ ରଖିବାର ପ୍ୟାରିସ୍ ଚୁକ୍ତିର ଲକ୍ଷ୍ୟକୁ ହାସଲ କରିପାରିବ।

ଆଶ୍ୱସ୍ତିର ବିଷୟ ହେଉଛି, ଜନମାନସରେ କ୍ରମେ ପରିବେଶ ସୁରକ୍ଷା ପ୍ରତି ସୃଷ୍ଟି ହେଉଥିବା ପ୍ରତିବଦ୍ଧତା ଏବଂ ନ୍ୟାୟିକ ବ୍ୟବସ୍ଥା ନିର୍ବାହ କରୁଥିବା ସକ୍ରିୟ, ରକ୍ଷାକବଚର ଭୂମିକା। ମଥୁରାରେ କୃଷ୍ଣ ଗୋବର୍ଦ୍ଧନ ସଡ଼କ ପ୍ରକଳ୍ପ ପରିପ୍ରେକ୍ଷୀରେ ୨,୯୪୦ଟି ଗଛ କାଟିବା ଲାଗି ଉତ୍ତରପ୍ରଦେଶ ସରକାର ଏବଂ ୟୁପି ବ୍ରିଜ୍ କର୍ପୋରେଶନ ଦ୍ୱାରା ଦାଏର ଆବେଦନର ୨୦୨୦ ଡିସେମ୍ବରରେ ଶୁଣାଣି ଅବସରରେ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ପ୍ରଶ୍ନ ଉତ୍ଥାପନ କରିଥିଲେ ଯେ, ବୃକ୍ଷର ସୁରକ୍ଷା ନିମନ୍ତେ ରାସ୍ତାଗୁଡ଼ିକ କାହିଁକି ଅଙ୍କାବଙ୍କା ଢଙ୍ଗରେ ନିର୍ମାଣ ନ ହେବ ? ମୋଟରଯାନର ଗତି ନିୟନ୍ତ୍ରିତ ହେବ ଏବଂ ଦୁର୍ଘଟଣା ମଧ୍ୟ ହ୍ରାସ ପାଇବ। ଗଛର ମୂଲ୍ୟ କେବଳ କାଠର ମୂଲ୍ୟ ଆଧାରରେ କରାଯାଇ ପାରିବ ନାହିଁ। ଏହାର ଅବଶିଷ୍ଟ ଜୀବନର ପୂର୍ଣ୍ଣ ମୂଲ୍ୟାୟନ ନିମନ୍ତେ ସେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି ନ୍ୟାୟିକ ଦୃଷ୍ଟାନ୍ତ ନିଶ୍ଚିତ ରୂପେ ସମାଜର ମାନସିକତା ପରିବର୍ତ୍ତନରେ ପଥ ପ୍ରଦର୍ଶକର ଭୂମିକା ନିର୍ବାହ କରିବ, କେବଳ ବୃକ୍ଷ ନିମନ୍ତେ ନୁହେଁ, ସମଗ୍ର ପ୍ରକୃତି ଓ ପରିବେଶର ସୁରକ୍ଷା ଦିଗରେ। ବିଶ୍ୱ ପରିବେଶ ସଙ୍କଟକୁ ପ୍ରତିହତ କରିବା ପାଇଁ ଯେତେବେଳେ ବହୁଳ ବୃକ୍ଷରୋପଣର ଆବଶ୍ୟକତା ରହିଛି, ସେତେବେଳେ ବିଭିନ୍ନ କାର୍ଯ୍ୟ ନିମନ୍ତେ ବୃକ୍ଷଛେଦନ ଏବଂ ଜଙ୍ଗଲ ନିଆଁ ପରି ବିନାଶକାରୀ ପ୍ରକ୍ରିୟାକୁ ମଧ୍ୟ ବନ୍ଦ କରି ପୁରାତନ ବୃକ୍ଷସବୁକୁ ସୁରକ୍ଷିତ ରଖିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ଭବିଷ୍ୟତର ସୁରକ୍ଷା ଆମ ମାନସିକତାରେ ପରିବର୍ତ୍ତନ ତଥା ସମୟର ଆହ୍ୱାନ ପରିପ୍ରେକ୍ଷୀରେ ଇଚ୍ଛାଶକ୍ତିର ଦୃଢ଼ତା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ: ୯୪୩୭୦୭୬୧୦୦**

## ଏଇ ଭାରତରେ

ଘର ଅଗଣାଠାରୁ ଛାତ, ଯୁଆଡ଼େ ଚାହିଁବ ପରିବା ଓ ଫୁଲ। ଏମିତି ଏକ ଅର୍ବାନ ଗାର୍ଡେନ୍ ବା ସହରୀ ବଗିଚା କରିଛନ୍ତି ବିହାର ରାଜ୍ୟ ଔରଙ୍ଗାବାଦର ଗଣେଶ କୁଲ୍‌କର୍ଣ୍ଣି। ପେସାରେ ସେ ଜଣେ ଲାଇବ୍ରେରିଆନ। ସେ ତାଙ୍କ ଘରେ ୪୦୦ କୁଣ୍ଡରେ ଏହି ବଗିଚା କରିଛନ୍ତି। ସେଥିରେ ୨୦୦ ପ୍ରକାର ପରିବା ଫଳାଉଛନ୍ତି। ୮୦୦ ବର୍ଗଫୁଟ ଅଗଣା ଓ ଛାତରେ ୫ ପ୍ରକାର ଲାଉ, ଟମାଟୋ, କଖାରୁ, ପୋଇ, ଲଙ୍କା, ଅଦାଠାରୁ ଆରମ୍ଭ କରି ପିଆଜ, ରସୁଣ, କୋବି ଆଦି ଚାଷ କରିଥାଆନ୍ତି। ପ୍ରତି ୧୫ ଦିନରେ ବିଭିନ୍ନ ପ୍ରକାର ପରିବା ଗଛ ଲଗାନ୍ତି। ବଗିଚାରୁ ଯାହା ପରିବା ମିଳେ, ତାହା ୪ଟି ପରିବାରର ଆବଶ୍ୟକତା ପୂରଣ କରିବାକୁ ଯଥେଷ୍ଟ ବୋଲି କହନ୍ତି ଗଣେଶ। ସେ ପ୍ରୋ–ବ୍ୟାଗ୍ ବ୍ୟତୀତ ସ୍ଥାୟୀ କୁଣ୍ଡ ବ୍ୟବହାର କରୁଛନ୍ତି। ପାଚେରି ଓ ଘର କାନ୍ଥରେ ବି କୁଣ୍ଡ କରିଛନ୍ତି। ନିଜେ ଜିଆଖତ ପ୍ରସ୍ତୁତ କରି ଏଥିରେ ଉପଯୋଗ କରୁଛନ୍ତି। ଅଗଣାରେ ବଗିଚା କରି ପରିବା ଚାଷ ସହ ଲୋକମାନଙ୍କୁ ହ୍ୱାଟ୍ସଆପ୍ ଗ୍ରୁପ୍ ମାଧ୍ୟମରେ ଯୋଡୁଛନ୍ତି। ୧୦ ଗ୍ରୁପ୍‌ରେ ଏବେ ୧,୫୦୦ ଲୋକ ଯୋଡ଼ିହୋଇ ଏଭଳି ବଗିଚା କରିଛନ୍ତି। ଗଣେଶ ମଧ୍ୟ 'ଗ୍ରୀନ୍ ଟ୍ରଷ୍ଟ' ଏନ୍‌ଜିଓ ଗଠନ କରି ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚଳାଇଛନ୍ତି। ସ୍ୱେଚ୍ଛାସେବୀଙ୍କ ସହାୟତାରେ ଏବେ ସୁଦ୍ଧା ସେ ବିଭିନ୍ନ କଲେଜ ହତାରେ ୧୫୦୦ ଚାରା ରୋପଣ କରିସାରିଲେଣି। ଏହି ଅଭିଯାନ ଔରଙ୍ଗାବାଦ ବ୍ୟତୀତ ଅନ୍ୟ ସହରକୁ ସମ୍ପ୍ରସାରଣ କରିବାକୁ ଗଣେଶ ଯୋଜନା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨ ଅଗଷ୍ଟ ୧୯୯୬**

- ଚାଇନାର ଉତ୍ତର ପଶ୍ଚିମ ନିଙ୍ଗସିଆ ପ୍ରଦେଶର ଏକ ଗ୍ରାମରେ ମାଟି ଅତଡ଼ା ଖସି ୨୦ ମୃତ।
- ଯୋଜନା କମିଶନର ଉପାଧ୍ୟକ୍ଷ ଭାବେ ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରଫେସର ମଧୁ ଦଣ୍ଡବତେଙ୍କୁ ନିଯୁକ୍ତ କରାଯାଇଛି।
- ପୋଲିସ କଲ୍ୟାଣ ଓ ଗୃହନିର୍ମାଣର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ପଦବୀରେ ଆଇଜି ପ୍ରଫୁଲ୍ଲ ମିଶ୍ରଙ୍କୁ ନିଯୁକ୍ତି ପ୍ରଦାନ।

## ସାପ୍ତାହିକ ପଞ୍ଜିକା

**ଜୁଲାଇ ୨୬ :** କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ଇସ୍ତଫା।
➢ଆସାମ–ମିଜୋରାମ ସୀମାରେ ରକ୍ତାକ୍ତ ସଂଘର୍ଷ। ୬ ପୋଲିସ ନିହତ ଓ ୫୦ ଆହତ।
➢ବର୍ଷୀୟାନ ଅଭିନେତ୍ରୀ ଶାରଦେ ଜୟନ୍ତୀଙ୍କ ପରଲୋକ।
➢ଫାମ୍ ମିନ୍ ଚିନ୍ ଭିଏତ୍‌ନାମର ପ୍ରଧାନମନ୍ତ୍ରୀ।
**ଜୁଲାଇ ୨୭:** ପର୍ନ ଫିଲ୍ମ ର୍‌ୟାକେଟ ମାମଲାରେ ଜେଲ୍ ଗଲେ ରାଜ କୁନ୍ଦ୍ରା।
**ଜୁଲାଇ ୨୮:** ବାସବରାଜ ବୋମାଇ କର୍ଣ୍ଣାଟକର ୨୩ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ।
**ଜୁଲାଇ ୨୯:** ଧାନବାଦ ଜିଲା ଅତିରିକ୍ତ ବିଚାରପତି ଉତ୍ତମ ଆନନ୍ଦଙ୍କୁ ଅଟୋ ମଡ଼ାଇ ହତ୍ୟା।
➢ଡାକ୍ତରୀ ଶିକ୍ଷାରେ ଓବିସି ଓ ଇଡବ୍ଲ୍ୟୁଏସ୍‌ଙ୍କ ପାଇଁ ଯଥାକ୍ରମେ ୨୭% ଓ ୧୦% ସ୍ଥାନ ସଂରକ୍ଷିତ।
**ଜୁଲାଇ ୩୦ :** ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାଫଳ ପ୍ରକାଶିତ। ଭୁବନେଶ୍ୱର ଜୋନ୍‌ରେ ପାସ୍‌ହାର ୯୯.୫୫%।
➢ଆନ୍ଧ୍ରର ଏକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ନିଆଁ ଲାଗି ୬ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | | | 1 | 3 | 8 | | 9 |
| 6 | | 4 | | | | 1 | | |
| 3 | 5 | | | | | 4 | | 1 |
| | 4 | 7 | | | | | | |
| | | 6 | | 9 | | 7 | 2 | |
| | | | 5 | 2 | | 3 | | |
| | 9 | | | | | | 6 | 5 |
| 5 | | | | 3 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 3 | 9 | 4 | 2 | 7 | 6 | 5 |
| 6 | 9 | 4 | 1 | 5 | 7 | 2 | 8 | 3 |
| 5 | 7 | 2 | 3 | 6 | 8 | 1 | 4 | 9 |
| 4 | 6 | 7 | 2 | 3 | 5 | 8 | 9 | 1 |
| 8 | 3 | 5 | 7 | 9 | 1 | 4 | 2 | 6 |
| 9 | 2 | 1 | 4 | 8 | 6 | 3 | 5 | 7 |
| 3 | 1 | 6 | 8 | 2 | 9 | 5 | 7 | 4 |
| 7 | 5 | 8 | 6 | 1 | 4 | 9 | 3 | 2 |
| 2 | 4 | 9 | 5 | 7 | 3 | 6 | 1 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧଳା ଜହର କାରବାର

ମହାଶୟ,

ଧଳା ଜହରି ଶବ୍ଦ ଚାରିଆଡ଼େ ଗୁଞ୍ଜରିତ ହେଉଛି। ବିଭିନ୍ନ ଖବରକାଗଜ ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କାର ଧଳା ଜହରକୁ ଚଢ଼ାଉ ଦ୍ୱାରା ଧରାଯାଉଥିବା ପ୍ରକାଶ ପାଉଛି। ରାଜଧାନୀରେ ଏହାର ବିପୁଳ କାରବାର ହେଉଛି ଓ ବଜାରର ଗଳିକନ୍ଦିରେ ଉପଲବ୍ଧ ହେଉଛି। ବିଶେଷକରି ଯୁବବର୍ଗଙ୍କୁ ଧଳା ଜହର କରାୟତ୍ତ କରିବସିଲାଣି। ଧଳା ଜହର ବାଂଲାଦେଶ ଓ କୋଲକାତାରୁ ବାଲେଶ୍ୱର ବାଟ ଦେଇ କାରବାର ହେଉଥିବା ଏକ ବିଶେଷ ସୂତ୍ରରୁ ଖବର ମିଳେ। କହିବାକୁ ଗଲେ – ବାଲେଶ୍ୱର ହେଉଛି ଏହାର ପେଣ୍ଠସ୍ଥଳୀ। ପୋଲିସ ମଧ୍ୟ ଅପରାଧୀଙ୍କଠାରୁ ଧଳା ଜହର ବାଲେଶ୍ୱରରୁ ଆସୁଥିବାର ଖବର ସଂଗ୍ରହ କରିଛି। ତେବେ ପୋଲିସ ପାଖରେ ଏତେ ସବୁ ଖବର ଥାଇ ମଧ୍ୟ ଧଳା ଜହରର ମୁଖ୍ୟ ବେପାରୀଙ୍କୁ ଗିରଫ କରିବାରେ ଅସଫଳ ହେଉଛି। ଆମର କଥାରେ ଅଛି ସବୁ ମାରିଲେ ଯିବ ସରି ଦେବଙ୍କ ସଙ୍ଗେ କିମ୍ବା କଳି। ଧଳା ଜହର କାରବାରକୁ ପ୍ରତିହତ କରିବାକୁ ହେଲେ ଏହାର ମୁଖ୍ୟ ପେଣ୍ଠସ୍ଥଳୀ ପ୍ରତି ବିଶେଷ ଧ୍ୟାନଦେବା ଉଚିତ ମନେହୁଏ।

–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଶ୍ରୟହୀନ ସୀମାହୀନ ମହାମରୁ
ମଧ୍ୟେ କେବଳ ଉଭା ଏକ ବଟ ତରୁ
ଏକାକୀ ପଥିକ ବିଶ୍ରାମ ନେବା ଆଶେ
ବହୁ ଦୂର ପଥୁଁ ଆସିଲି ତାହାରି ପାଶେ।
–(ଜୀବନର ସ୍ପର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଗୁଣିଗାରେଡ଼ିରୁ ୩ ଜଣଙ୍କୁ ହତ୍ୟା ସନ୍ଦେହ

- ଜଣଙ୍କ ମୃତଦେହ ନଦୀରୁ ଜବତ
- ଅନ୍ୟ ୨ ଏବେ ବି ନିଖୋଜ
- ୫ ଜଣଙ୍କୁ ଅଟକ ରଖିଛି ପୋଲିସ

ଖମାର,୧୮(ଡି.ଏନ.ଏ.)


ଅନୁଗୋଳ ଜିଲା ପାଲଲହଡା ବ୍ଲକ ଖମାର ଥାନା କୁଞ୍ଜାମ ପଞ୍ଚାୟତର ୩ ଜଣଙ୍କୁ ଗୁଣିଗାରେଡି ଓ ପୂର୍ବ ଶତ୍ରୁତା କାରଣରୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ସେମାନେ ହେଲେ ଜିତମୁଣ୍ଡା କୋଲହ ସାହିର ବୁଧୁରାମ ଚାତର(୫୫), ତାଙ୍କ ସ୍ତ୍ରୀ ମୁନି ଚାତର ଓ କୁଞ୍ଜାମ ଡିପା ସାହିର ମୋଟେଇ ଗାଗରାଇ (୪୮)। ଏମାନେ ଶୁକ୍ରବାର ରାତିରୁ ନିଖୋଜ ଅଛନ୍ତି। ବୁଧୁରାମ ଓ ମୁନିଙ୍କ ନିଖୋଜ ସମ୍ପର୍କରେ କେହି ଅଭିଯୋଗ କରି ନ ଥିବା ବେଳେ ମୋଟେଇ ନିଖୋଜ ଥିବା ନେଇ ତାଙ୍କ ସ୍ତ୍ରୀ ଶ୍ରୀମତୀ ଗାଗରାଇ ଶନିବାର ଥାନାରେ ଅଭିଯୋଗ କରିଥିଲେ। ରବିବାର ସମାକୋଇ ନଦୀରୁ ବୁଧୁରାମଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ସମ୍ପୃକ୍ତ ୩ ଜଣଙ୍କୁ ହତ୍ୟା ପରେ ନଦୀରେ ଫିଙ୍ଗା ଯାଇଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଥିବା ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

ଥାନା ଅଧିକାରୀ କହିଛନ୍ତି, ମୋଟେଇଙ୍କ ସ୍ତ୍ରୀ ଶ୍ରୀମତୀ ଗାଗରାଇଙ୍କ ଏତଲା ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରିବା ବେଳେ ଗୁଣିଗାରେଡି ଓ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସଂଘବଦ୍ଧ ଭାବେ ମୋଟେଇଙ୍କ ସହ ବୁଧୁରାମ ଓ ମୁନିଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ହୋଇଥିଲା। ରବିବାର ସମାକୋଇ ନଦୀ ରଜଡଙ୍ଗ ଗ୍ରାମ ତୁଠରୁ ବୁଧୁରାମଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ଚିହ୍ନଟ କରି ବ୍ୟବଚ୍ଛେଦ ପାଇଁ ପାଲଲହଡ଼ା ମେଡିକାଲକୁ ପଠାଯାଇଛି। ନିଖୋଜ ଥିବା ମୁନି ଚାତର ଓ ମୋଟେଇ ଗାଗରାଇଙ୍କୁ ପାଲଲହଡ଼ା ଅଗ୍ନିଶମ ବିଭାଗ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ନଦୀରେ ଖୋଜାଖୋଜ କରିଥିବା ସତ୍ତ୍ୱେ ସେମାନଙ୍କ ପତ୍ତା ପାଇପାରି ନାହିଁ। ସୋମବାର ସକାଳୁ ପୁଣି ନଦୀରେ ଖୋଜାଯିବା କାର୍ଯ୍ୟ ଆରମ୍ଭ ହେବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଅନୁଗୋଳ ଅତିରିକ୍ତ ଏସ୍‌ପି ଅନୀଲ କୁମାର ପ୍ରଧାନ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି ଓ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ।

# ଜାତିର ଅକଳ୍ପନୀୟ ଇଚ୍ଛାଶକ୍ତିର ନିଦର୍ଶନ

ଡ. ସୁରେନ୍ଦ୍ର କୁମାର ମିଶ୍ର


କୋଣାର୍କ ମନ୍ଦିରର ଏକାଂଶ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)




ଗତ ଆଲେଖ୍ୟରେ ସାମାନ୍ୟ ସୂଚନା ଦେବାକୁ ଯାଇ ଗଜପତି ନିଜେ କିପରି ସୁବର୍ଣ୍ଣ ମାଢ଼ ଗଢ଼େଇବାର ବ୍ୟବସ୍ଥା କରି ଶିଳ୍ପୀଙ୍କୁ ପାରିଶ୍ରମିକ ଦେବାର ଆଦେଶ ଦେଇଥିଲେ ତାହା ଉଲ୍ଲେଖ କରିଥିଲୁ। ଏହା ଥିଲା ଯୁଦ୍ଧରେ ବିଜିତ ସୁନା। ଏହାର ଆହୁରି ଉଦାହରଣ ଆଲୋଚନାର ଆଗକୁ ଗଲେ ଜାଣିବା। କେଉଁ ଦଣ୍ଡପାଟରୁ କ'ଣ ଆସିଥିଲା, କେଉଁ ଗଡ଼ନାୟକ ସା'ନ୍ତ କ'ଣ ଦେଇଥିଲେ, କେଉଁ 'ବଡ଼ଜେନା' କ'ଣ ଯୋଗେଇ ଦେଇଥିଲେ (ଗଜପତିଙ୍କ ପ୍ରତିନିଧି ଭାବରେ ପାଞ୍ଚୋଟି ଗାଁର ପ୍ରଶାସକ ରହୁଥିଲେ ବଡ଼ଜେନା।) ତାହାର ଲମ୍ବା ତାଲିକା ଦେଖିଲେ ମନରେ ରୋମାଞ୍ଚ ସୃଷ୍ଟି ହେବ। ଗୋଟାଏ ଜାତି ନିର୍ବିକାର ଭାବରେ ନିଜର ଐତିହ୍ୟଟିଏ ଗଢ଼ିବା ପାଇଁ କିପରି ତ୍ୟାଗ ସ୍ୱୀକାର କରିଛି, ତାହା ଅକଳ୍ପନୀୟ। ଜାତି-ବର୍ଣ୍ଣ-ଲିଙ୍ଗ ନିର୍ବିଶେଷରେ ଦିନରାତିକୁ ଏକାକାର କରିଛି ଓଡ଼ିଆ ତା'ର ସର୍ବଶ୍ରେଷ୍ଠ ସ୍ମାରକୀଟିଏ ଗଢ଼ିବା ଲାଗି। 'ଲିଙ୍ଗ' ଶବ୍ଦ ଆମେ ପ୍ରୟୋଗ କଲୁ ଏଇଥିପାଇଁ ଯେ, ନମସ୍ୟା ନାରୀମାନେ କୋଣାର୍କରେ ରହି ଯେଉଁ ଶ୍ରମ ସ୍ୱୀକାର କରିଛନ୍ତି ମନ୍ଦିର ନିର୍ମାଣ ବେଳେ ତାଙ୍କୁ ଯେ ଜାତି ପ୍ରଥମେ ପ୍ରଣାମ କରିବା କଥା। ଆଗକୁ ସେ ବିଷୟ ଜାଣିବା। ଜଣେଇବା ସେ ଲେଖକମାନଙ୍କୁ ସେମାନେ ବଙ୍ଗାଳୀ ଘରର ନାରୀ ଥିଲେ ନା ଓଡ଼ିଆଣୀ।

ଯେଉଁମାନେ ଦରିଦ୍ର ମାନସିକତାରେ ଲେଖିଗଲେ ଗରିବ ରାଜ୍ୟରେ ଏପରି କୀର୍ତ୍ତି କ'ଣ ଗରିବମାନଙ୍କ ଦ୍ୱାରା ସମ୍ଭବ? ସେଇମାନଙ୍କୁ ଉତ୍ତର ଦେବାକୁ 'ବିଜିତ ସୁନା'ର (ଟ୍ରେଲର) ଝଲକଟିଏ ଆମେ ଦେଖେଇଲୁ। ଚଳଚ୍ଚିତ୍ର ବାକି ଅଛି। ଏବେ ଆମେ ସନାତନୀୟ ଓଡ୍ର ଭୂଖଣ୍ଡର ଉପାସନାର ଐତିହ୍ୟରେ ପହଁଚୁଛୁ। ଆଗ ଯା'କୁ ନ ଭେଦିଲେ ଗୋଟେ ସାମ୍ରାଜ୍ୟ ସମ୍ପୂର୍ଣ୍ଣ ଭାବରେ ଗୋଟେ ମନ୍ଦିର ନିର୍ମାଣ ପାଇଁ ନିଜକୁ କାହିଁକି ଉତ୍ସର୍ଗ କରିଥିଲା ତା'ର ରହସ୍ୟ ଭେଦି ହେବନି। ଗଜପତି ନରସିଂହଦେବଙ୍କ ଇଚ୍ଛାଶକ୍ତି ଯେତିକି ପୂଜନୀୟ, ସାମ୍ରାଜ୍ୟର ଆବାଳବୃଦ୍ଧବନିତା ସେତିକି ବନ୍ଦନୀୟ। ମିଳିତ ପ୍ରୟାସର କଥା। ବାରଶହ ବଢ଼େଇଙ୍କ କଥା ଇଯେ ନୁହଁ, ବାର ହଜାରରୁ ଅଧିକ ବାର ଶହଙ୍କ ପଛରେ ତ୍ୟାଗ କରିଚାଲିଥିଲେ। ସେ ପର୍ଯ୍ୟନ୍ତ ଆମେ ଯିବା। ପ୍ରସଙ୍ଗ ଆସୁ। ଏବେ ଆମେ ଉପାସନାର ଐତିହ୍ୟରେ ଅଛେ।

କ୍ଷେତ୍ର କୋଣାଦିତ୍ୟ, ମନ୍ଦିର ପଦ୍ମକେଶରୀ ମନ୍ଦିର, ଦେବତା ମଣିମୟ କମନୀୟ ସୂର୍ଯ୍ୟବିଗ୍ରହ, ପଞ୍ଚତୀର୍ଥ, ପଞ୍ଚବନ୍ତ, ପଞ୍ଚମଠ, ପଞ୍ଚବଟ ଓ ପଞ୍ଚଦେବୀ। ଯା'କୁ-ଇ ନେଇ ଗଢ଼ିଉଠିଛି ଆମର ଗୌରବମୟ କୋଣାଦିତ୍ୟର ଐତିହ୍ୟ। ଋଷି, ମୁନି ହଜାର ହଜାର ବର୍ଷ ତଳେ ଜ୍ୟୋତିର୍ବିଜ୍ଞାନର ଜ୍ୟାମିତିରେ ଚିହ୍ନଟ କରିଥିଲେ କୋଣାଦିତ୍ୟ କ୍ଷେତ୍ରକୁ। ପୋଥିରେ ପ୍ରମାଣ ଦେଇଗଲେ କୋଣାଦିତ୍ୟ ହେଉଛି ସୂର୍ଯ୍ୟଙ୍କ ଆଳୟ। ଏଇଠୁ ଅଙ୍କ (ଗଣିତ) ଆରମ୍ଭ ହେବ, ଏଇଠି ଛିଡ଼ିବ। ସେଇଥିପାଇଁ ଏଠି ଗଢ଼ି ଉଠିଥିଲା ବିଶ୍ୱପ୍ରସିଦ୍ଧ ମାନମନ୍ଦିର। କୋଣାଦିତ୍ୟ ହୋଇଗଲା ଭାରତୀୟ ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ କେନ୍ଦ୍ରବିନ୍ଦୁ। ଯେତେବେଳେ ଭାରତରେ ମାନମନ୍ଦିର (ନିରୀକ୍ଷଣାଗାର) ଗଢ଼ି ତୋଳିବାର କଳ୍ପନା ସାକାର ହୋଇପାରି ନ ଥିଲା, ସେତେବେଳେ ଓଡ଼ିଶାର ଶିଳ୍ପୀ ପଥର ଶିଳ୍ପକଳାରେ 'ମାନମନ୍ଦିର'କୁ ନୂତନ ରୂପ ଦେଇ ଗଢ଼ି ତୋଳିଥିଲା କୋଣାଦିତ୍ୟରେ। ରାଜସଭାରେ ପଣ୍ଡିତମାନେ ଯେଉଁ ପରାମର୍ଶ ଦେଇଥିଲେ ଦିଗ୍‌ବିଜୟୀ ଗଜପତି ଲାଙ୍ଗୁଳା ନରସିଂହ ଦେବଙ୍କୁ, ସେ ତାକୁ ଓଡ଼ିଶାର ନମସ୍ୟ ଶିଳ୍ପୀଙ୍କ ସହଯୋଗରେ ନିର୍ମାଣ କରାଇ ଭାରତର ଜ୍ୟୋତିର୍ବିଜ୍ଞାନୀଙ୍କୁ ବିସ୍ମିତ କରିଦେଇଥିଲେ। କାରଣ ଭାରତରେ ଶୀର୍ଷ ସ୍ଥାନରେ ପହଞ୍ଚିଥିବା ଜ୍ୟୋତିଷ ଶାସ୍ତ୍ରର ବିଜ୍ଞାନୀମାନେ ଭଲ ଭାବରେ ଅବଗତ ଥିଲେ ପଥରରେ କାରୁକାର୍ଯ୍ୟମୟ ମାନମନ୍ଦିର ବା ମାନଶାଳାଟିଏ ଗଢ଼ି ତୋଳିବା ପାଇଁ ପ୍ରଚୁର ତଥା ସମୃଦ୍ଧ ଜ୍ୟୋତିଷଜ୍ଞାନର ଆବଶ୍ୟକ ପଡ଼େ।

ଭାରତର ଅନ୍ୟତ୍ର ଷୋହଳଟି ପଥର ନିର୍ମିତ ସୂର୍ଯ୍ୟମନ୍ଦିର ରହିଥିଲା। ଓଡ଼ିଶାରେ ରହିଛି ପଥରର ସୂର୍ଯ୍ୟମନ୍ଦିର ପୁଣି କାଠର ସୂର୍ଯ୍ୟ ମନ୍ଦିର। ଗଞ୍ଜାମ ଜିଲା ବୁଗୁଡ଼ାଠାରେ କାଠର ସୂର୍ଯ୍ୟମନ୍ଦିରରେ ପୂଜା ପାଉଛନ୍ତି ଶ୍ରୀବିରଞ୍ଚିନାରାୟଣ। ସେହିପରି ପଥରର କାରୁକାର୍ଯ୍ୟରେ କେବଳ ସୂର୍ଯ୍ୟଙ୍କ ଉପାସନା ପାଇଁ ପଥରର ଦେଉଳଟିଏ ଗଢ଼ା ହୋଇଥିଲେ ଏହା 'ମାନମନ୍ଦିର' ହୋଇପାରି ନ ଥାନ୍ତା। ଏଥିରେ ଏପରି କୌଶଳରେ ରାଶିଚକ୍ର ଓ ନବଗ୍ରହ ସ୍ଥାନ ପାଇଥିଲେ ଯେ ବର୍ଷ ମଧ୍ୟରେ ପଡୁଥିବା ସମଦିବସରେ ସୂର୍ଯ୍ୟଙ୍କର ଆଲୋକ ପ୍ରଥମେ ଏହି ରାଶିରେ ପଡୁଥିଲା। ଯେ କଥା ଆମେ କହୁନାହୁଁ ଓଡ଼ିଶାର ଜ୍ୟୋତିର୍ବିଜ୍ଞାନୀମାନେ ହାତକାଟି ଲେଖିଦେଇ ଯାଇଛନ୍ତି। ବୈଜ୍ଞାନିକମାନେ ଯା'ର ପରୀକ୍ଷାନିରୀକ୍ଷା ବି କରି ସାରିଛନ୍ତି। ଭାରତରେ ଏହା ଥିଲା ଆଶ୍ଚର୍ଯ୍ୟମୟ ମାନମନ୍ଦିର। ତଥାପି... ଆମେ ଓଡ଼ିଆ କହିଲୁ ଏହା 'ମିଥ୍'ର ଭୂମି। ଜିଭ ଲେଉଟିଲା ନାହିଁ କହିବାକୁ ଏହା ବିଜ୍ଞାନର ଭୂମି, ସ୍ଥାପତ୍ୟର ଭୂମି କି ଭାସ୍କର୍ଯ୍ୟର ଭୂମି ବୋଲି।

# ମାଓବାଦୀ ଏରିଆ କମିଟି ସଦସ୍ୟଙ୍କ ଆତ୍ମସମର୍ପଣ

- ସ୍ୱାଗତ କଲେ ଉତ୍ତରାଞ୍ଚଳ ଡିଆଇଜି, ବଲାଙ୍ଗୀର ଏସ୍‌ପି
- ଆତ୍ମସମର୍ପଣ କରିଥିବା ମାଓବାଦୀ ଛତିଶଗଡ଼ ବିଜାପୁର ଅଞ୍ଚଳର
- କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼ ଡିଭିଜନ ଦାୟିତ୍ୱରେ ଥିଲେ
- ମାଓବାଦୀ ସଂଗଠନ ଭିତରେ ଆଦିବାସୀଙ୍କୁ ସମାନ ଅଧିକାର ମିଳୁନାହିଁ


ଆଇତୁ କୋର୍‌ସାଙ୍କୁ ଉତ୍ତରାଞ୍ଚଳ ଡିଆଇଜି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

ବଲାଙ୍ଗୀର ଅଫିସ, ୧୮

କଳାହାଣ୍ଡି-କନ୍ଧମାଳ-ବୌଦ୍ଧ-ନୟାଗଡ଼(କେକେବିଏନ୍) ଡିଭିଜନ ସିପିଆଇ (ମାଓବାଦୀ)ର ସକ୍ରିୟ ସଦସ୍ୟ ଆଇତୁ କୋର୍‌ସା ଓରଫ୍ ସୁରଜନ୍ ଓରଫ୍ ଅମିତ(୨୩ ବର୍ଷ) ରବିବାର ବଲାଙ୍ଗୀର ଏସ୍‌ପି ଅଫିସରେ ଆତ୍ମସମର୍ପଣ କରିଛନ୍ତି। ମାଓବାଦୀ ସଂଗଠନ ଛାଡ଼ି କୋର୍‌ସା ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଥିବାରୁ ତାଙ୍କୁ ଉତ୍ତରାଞ୍ଚଳ ଡିଆଇଜି ଡା. ଦୀପକ କୁମାର, ଏସ୍‌ପି ନୀତିନ କୁଶଲକର ଓ ସିଆରପିଏଫ୍ କମାଣ୍ଡାଣ୍ଟ ଯୋଗେନ୍ଦ୍ର ମୌର୍ଯ୍ୟ ସ୍ୱାଗତ କରିଥିଲେ।

ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡିଆଇଜି କୁମାର କହିଥିଲେ ଯେ, ଆତ୍ମସମର୍ପଣ କରିଥିବା ମାଓବାଦୀ କୋର୍‌ସା ଛତିଶଗଡ଼ ପ୍ରଦେଶ ବିଜାପୁର ଜିଲା ଗାଙ୍ଗଲୁର ଥାନା ଅନ୍ତର୍ଗତ ମନକେଲିର ବାସିନ୍ଦା। ପ୍ରାୟ ୧୩/୧୪ ବର୍ଷ ବୟସରୁ ସେ ସିପିଆଇ (ମାଓବାଦୀ)ର ବାଲ୍ ସଂଗଠନ ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ୨୦୧୨ରେ ସେଠାକାର ସ୍ଥାନୀୟ କ୍ୟାଡର ଦିନେଶ ଦ୍ୱାରା ପ୍ରଭାବିତ ହୋଇ ସେ ମାଓବାଦୀ ସଂଗଠନରେ କାର୍ଯ୍ୟ କରିଥିଲେ। ୨୦୧୩ରେ ସେ ସୁନାବେଡ଼ା ଡିଭିଜନକୁ ସ୍ଥାନାନ୍ତରିତ ହୋଇଥିଲେ। ସେହିବର୍ଷ ତାଙ୍କୁ ବଲାଙ୍ଗୀର-ବରଗଡ଼-ମହାସମୁଦ(ବିବିଏମ୍) ଡିଭିଜନର ସଦସ୍ୟ କରାଯାଇ ୧୨ବୋର୍ ରାଇଫଲ ତାଲିମ ଦିଆଯାଇଥିଲା। ୨୦୧୬ରେ ତାଙ୍କୁ କେକେବିଏନ୍ ଡିଭିଜନକୁ ସ୍ଥାନାନ୍ତରଣ କରାଯାଇଥିଲା ଓ ସେଠାରେ ସେ ଦାସରୁଙ୍କ ନେତୃତ୍ୱରେ କାର୍ଯ୍ୟ କରୁଥିଲେ। ୨୦୧୮ରେ ତାଙ୍କୁ ବଲାଙ୍ଗୀର ଜିଲା ସୀମାରେଖା ସଂଲଗ୍ନ ଖଡ଼ଙ୍ଗ-ମହାନଦୀ ସଂଯୁକ୍ତ ଏରିଆ କମିଟିର ମେମ୍ବର ପଦବୀକୁ ଉନ୍ନୀତ କରାଯାଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀ ବହୁ ଆପରାଧିକ ଘଟଣାରେ ସମ୍ପୃକ୍ତ ଅଛନ୍ତି। ୨୦୧୭ ଡିସେମ୍ବରରେ କନ୍ଧମାଳ ଜିଲା ଗୋଚ୍ଛାପଡ଼ା ଥାନା ଅଞ୍ଚଳରେ ସଂଘଟିତ ଆଇଇଡି ବିସ୍ଫୋରଣରେ ସେ ସମ୍ପୃକ୍ତ ଥିଲେ। ଏହାସହିତ ୨୦୧୯ ଖଡ଼ଙ୍ଗ ଅଞ୍ଚଳର ଗୁଳି ବିନିମୟ ଘଟଣା, ଫିରିଙ୍ଗିଆ ଥାନା ଅଞ୍ଚଳରେ ପୋଲିସ ସୂଚନାଦାତା ସନ୍ଦେହରେ କୈଳାସ ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଘଟଣା, ୨୦୧୯ ନିର୍ବାଚନ ସମୟରେ ଯାନବାହନ ପୋଡ଼ାଜଳାରେ ସମ୍ପୃକ୍ତି, ୨୦୨୦ରେ ଖମନଖୋଲ ଆଇଇଡି ବିସ୍ଫୋରଣ ମାମଲା, ୨୦୨୧ ଫିରିଙ୍ଗିଆ ଥାନା ଅଧୀନରେ ଏପ୍ରିଲ ଓ ଜୁଲାଇରେ ସଂଗଠିତ ଖଡ଼ଙ୍ଗ ଗୁଳି ବିନିମୟ ଘଟଣାରେ ସେ ସମ୍ପୃକ୍ତ ଥିବା ଡିଆଇଜି କୁମାର ସୂଚନା ଦେଇଥିଲେ। ଆତ୍ମସମର୍ପଣ କରିଥିବା କୋର୍‌ସା ଗଣମାଧ୍ୟମକୁ କହିଥିଲେ ଯେ, ମାଓବାଦୀଙ୍କ ସଂଗଠନରେ ତେଲୁଗୁ ଓ ଆଦିବାସୀଙ୍କ ମଧ୍ୟରେ ପାତରଅନ୍ତର କରାଯାଉଛି। ଜଙ୍ଗଲ ଭିତରେ ମ୍ୟାଲେରିଆ ଓ ଅନ୍ୟାନ୍ୟ ରୋଗର ଶିକାର ହେଲେ ସେମାନଙ୍କୁ ଉତ୍ତମ ଚିକିତ୍ସା ମିଳୁନାହିଁ। ଏଥିସହ ଓଡ଼ିଶା ମୁଖ୍ୟମନ୍ତ୍ରୀ ଓ ଡିଜିପିଙ୍କ ମାଓବାଦୀଙ୍କୁ ଆତ୍ମସମର୍ପଣ କରିବା ଆହ୍ୱାନ, ଓଡ଼ିଶା ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ଯୋଜନାରେ ସେ ଆକୃଷ୍ଟ ହୋଇ ମାଓବାଦୀ ସଂଗଠନ ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହୋଇଥିବା କହିଥିଲେ।

## ସ୍ତ୍ରୀଙ୍କୁ ବିଷ ପିଆଇ ହତ୍ୟା ଅଭିଯୋଗ

**କପ୍ତିପଦା,୧୮(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ପତାସାହି ଗ୍ରାମର ବାଲିମା ଶୁଣ୍ଡି(୨୭)ନାମ୍ନୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ତାଙ୍କୁ ବିଷ ପିଆଇ ହତ୍ୟା କରାଯାଇଥିବା ବାଲିମାଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(ନଂ.୨୧୦/୨୧) ରୁଜୁକରି ମହିଳାଙ୍କ ସ୍ୱାମୀ ବାଙ୍କ ଶୁଣ୍ଡିଙ୍କୁ ଗିରଫ କରିଛି।

ବାଲିମାଙ୍କ ବାପା ଭଞ୍ଜ ପୂର୍ତ୍ତିଙ୍କ ଅଭିଯୋଗ ଅନୁଯାୟୀ, ପୂର୍ବରୁ ଝିଅ ଜ୍ୱାଇଁଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଶନିବାର ଜ୍ୱାଇଁ ବାଙ୍କ ଝିଅ ବାଲିମାଙ୍କୁ ଜବରଦସ୍ତ ବିଷ ପିଆଇ ଦେଇଥିଲେ। ବିଷଜ୍ୱାଳାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପକ୍ଷରେ ହତ୍ୟା ଅଭିଯୋଗକୁ ଜ୍ୱାଇଁ ବାଙ୍କ ଅସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ, ଶନିବାର ବଜାରରୁ ଫେରିବା ପରେ ବାଲିମା ଅସୁସ୍ଥ ହୋଇପଡ଼ିଥିବା ଦେଖିଥିଲେ। ସେ ତାଙ୍କୁ ସଙ୍ଗେ ସଙ୍ଗେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ପୋଲିସ ଗୁଳିରେ ମାଓବାଦୀ ନିହତ

ମାଲକାନଗିରି, ୧୮ (ଡି.ଏନ.ଏ.)

ଏବେ ମାଓବାଦୀମାନେ ଶହୀଦ ସପ୍ତାହ ପାଳନ କରୁଛନ୍ତି। ଏଥିପାଇଁ ସେମାନେ ବିଭିନ୍ନ ଜଙ୍ଗଲରେ ଏକତ୍ରିତ ହେଉଛନ୍ତି। ରବିବାର ମାଲକାନଗିରି ସୀମାନ୍ତ ତେଲଙ୍ଗାନାର ଭଦ୍ରାଦ୍ରି କୋତାଗୁଡମ ଜିଲାର କୁରନାନପାଲି ଜଙ୍ଗଲରେ ମାଓବାଦୀମାନେ ଏକାଠି ହୋଇଥିବା ସୂଚନା ପାଇ ଚେରଲା ପୋଲିସ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲା। ଜଙ୍ଗଲକୁ ପୋଲିସ ଆସିଥିବା ଜାଣିବା ପରେ ମାଓବାଦୀମାନେ ଗୁଳିଚାଳନା କରିଥିଲେ। ପୋଲିସ ମଧ୍ୟ ଏହାର ଜବାବ ଦେଇଥିଲା। ଉଭୟପକ୍ଷଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳି ବିନିମୟ ଜାରି ରହିଥିଲା। ପୋଲିସ ଗୁଳିର ମୁକାବିଲା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ଭିତରକୁ ପଳାଇଥିଲେ। ପରେ ସମ୍ପୃକ୍ତ ଅଞ୍ଚଳରେ ପୋଲିସ ତଲାସି କଲାବେଳେ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା। ତାଙ୍କ ନିକଟରୁ ଏକ ଥ୍ରୀ ନଟ୍ ଥ୍ରୀ ବନ୍ଧୁକ ଓ କିଛି ମାଓବାଦୀ ବ୍ୟବହୃତ ସାମଗ୍ରୀ ଜବତ କରାଯାଇଛି। ସମ୍ପୃକ୍ତ ମାଓବାଦୀଙ୍କ ପରିଚୟ ମିଳିନାହିଁ। ତେବେ ସେ ଦଣ୍ଡକାରଣ୍ୟ ମାଓବାଦୀ ଡିଭିଜନର ବୋଲି ଜଣାପଡିଛି। ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଥିବା ଚେରଲା ଏସ୍‌ପି କହିଛନ୍ତି।


**OFFICE OF DISTRICT COLLECTOR, KHORDHA (EXCISE SECTION)**

**NOTICE INVITING APPLICATIONS FOR SETTLEMENT OF PREMIUM IMFL "OFF" SHOPS IN BHUBANESWAR MUNICIPAL CORPORATION OF KHORDHA DISTRICT**

No.1787 Date 1.8.21

No.F-85:- Applications are invited for settlement of 3 numbers of PREMIUM IMFL 'OFF' shops in Bhubaneswar Municipal Corporation of Khordha District for the year, 2021-22 onwards by way of lottery.

The persons interested to participate may apply online in 'Form-B' through the portal "http://stateexcise.odisha.gov.in" from 2.8.21 to 15.8.21, (5 P.M.). Lottery will be held on 23.8.21 from 11.00 A.M. onwards at DRDA Conference Hall, Khordha.

The details of the shops to be settled and the terms and conditions applicable thereof are available in the said website and the notice boards of the District Excise Office, Khordha and Collectorate, Khordha.

**Toll Free No.: 18003456713**

**Sd./- COLLECTOR, KHORDHA**

OIPR-24013/11/0005/2122


# ବିରଳ ଧଳା ରଙ୍ଗର ବଜ୍ରକାପ୍ତା ଉଦ୍ଧାର

- ବାହାର ଅଞ୍ଚଳରୁ ଅଣାଯାଇ ଏଠାରେ ହେଉଛି ବିକ୍ରି
- ବଜାର ମୂଲ୍ୟ ହେବ ୫ଲକ୍ଷ
- ବିଭାଗୀୟ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତ ଫେରାର

କୋଟପାଡ଼,୧୮(ଡି.ଏନ.ଏ.)

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ବଜ୍ରକାପ୍ତା ଚୋରାଚାଲାଣ ବେଳେ ବନ ବିଭାଗ ଚଢ଼ାଉ କରି ଶନିବାର ଧରିଛି। ତେବେ ଏଥିରେ ସମ୍ପୃକ୍ତ ଅଭିଯୁକ୍ତ ବିଶାଳ କୁମାର ଫେରାର ହୋଇଯାଇଛନ୍ତି। କୋଟପାଡ଼ ନିକଟସ୍ଥ ବଣିଆ ଗ୍ରାମର ଇନ୍ଦ୍ରାବତୀ ପୋଲଠାରେ ବଜ୍ରକାପ୍ତା ବିକ୍ରି ସକାଶେ ମୂଲଚାଲ୍ ହେଉଥିବା ଖବର ପାଇ ଜୟପୁର ଏସିଏଫ୍‌ଓ ପ୍ରଭୁଦତ୍ତ ହିମାଂଶୁ ମିଶ୍ର ଏକ ଟିମ୍ ନେଇ ଚଢ଼ାଉ କରିଥିଲେ। ତେବେ ବନବିଭାଗ କର୍ମଚାରୀଙ୍କୁ ଦେଖି ବିଶାଳ କୁମାର ବଜ୍ରକାପ୍ତା ଆଣିଥିବା ଅଖାମୁଣାକୁ ଛାଡ଼ି ଦୌଡ଼ି ପଳାଇଥିଲେ। ତାଙ୍କୁ ପିଛା କରିଥିଲେ ମଧ୍ୟ କର୍ମଚାରୀମାନେ ଧରିପାରି ନ ଥିଲେ। ସେଠାରୁ ଜବତ ଅଖାମୁଣାରୁ ଏକ ଧଳାରଙ୍ଗର ବଜ୍ରକାପ୍ତା ମିଳିଥିଲା। ଏହାର ଓଜନ ୫ କେଜି ଏବଂ ବଜାର ମୂଲ୍ୟ ୫ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ଅଞ୍ଚଳରେ ଏଭଳି ଧଳା ରଙ୍ଗର ବଜ୍ରକାପ୍ତା ଦେଖାଯିବା ବିରଳ। ଏହାକୁ ଅନ୍ୟ ରାଜ୍ୟରୁ ଆଣି କୋଟପାଡ ଅଞ୍ଚଳରେ ବିକ୍ରି କରାଯାଉଛି। ଏହା ପଛରେ ଏକ ବଡ଼ ର୍‌ୟାକେଟ୍ କାମ କରୁଥିବା ସନ୍ଦେହ କରାଯାଉଛି। ଏନେଇ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତ ବିଶାଳ କୁମାରଙ୍କୁ ଗିରଫ କରାଯିବ ବୋଲି ଏସିଏଫ୍ ମିଶ୍ର କହିଛନ୍ତି। ଚଢ଼ାଉରେ ଲିପ୍ସିତା କଅଁର, ଜୟପୁରର ଡେପୁଟି ରେଞ୍ଜର ଟଙ୍କଧର ଦାସ, ଚାନ୍ଦଲି ଫରେଷ୍ଟର ଦେବଦତ୍ତ ନାୟକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।


ଉଦ୍ଧାର ହୋଇଥିବା ଧଳା ରଙ୍ଗର ବଜ୍ରକାପ୍ତା।

ଇନ୍ଦ୍ରାବତୀ କେନାଲରେ ଘାଇ ହେବା ଘଟଣା

## ବିଭାଗୀୟ ଅଧିକାରୀଙ୍କ ତଦନ୍ତ

ଭବାନୀପାଟଣା/କୋକସରା,୧୮ (ସ୍ୱ.ପ୍ର/ଡି.ଏନ.ଏ.)

**୨ ଦିନ ମଧ୍ୟରେ ମରାମତି ହେବ**

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡ଼ା ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରେ ଘାଇ ସୃଷ୍ଟି ହୋଇଥିଲା। ରବିବାର ଘଟଣାର ତଦନ୍ତ ପାଇଁ ଭୁବନେଶ୍ୱରରୁ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ସମେତ ଇନ୍ଦ୍ରାବତୀ ଓ ଏଲ୍ ଆଣ୍ଡ ଟି ଠିକା ସଂସ୍ଥା ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। କେଉଁ କାରଣରୁ କେନାଲ ହୁଡ଼ା ଭାଙ୍ଗିଲା ତାହା ଉପରେ ତଦନ୍ତ କରି ଫେରିଛନ୍ତି। ଭୁବନେଶ୍ୱରରୁ ଆସିଥିବା ଅଧିକାରୀ ଇଣ୍ଟରନାଲ ଇଞ୍ଜିନିୟର ଇନ୍ ଚିଫ୍ ସଚିବ ଭିଜିଲାନ୍ସ ଅସୀମ କୁମାର ମହାପାତ୍ର, ଚିଫ୍ ଇଞ୍ଜିନିୟର କ୍ୱାଲିଟି କଣ୍ଟ୍ରୋଲ ବ୍ରଜ ପରିଡ଼ା, ଅତିରିକ୍ତ ଚିଫ୍ ଇଞ୍ଜିନିୟର ଇନ୍ଦ୍ରାବତୀ ବିଭୁଚରଣ ମିଶ୍ର, ଅତିରିକ୍ତ ଚିଫ୍ ଇଞ୍ଜିନିୟର ୫ଟି ନୋଡାଲ ଅଧିକାରୀ ପଦ୍ମନାଭ ପଣ୍ଡା, ମେଗା ଲିଫ୍ଟ କେନାଲ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ପାତ୍ର ପ୍ରମୁଖ ଘାଇ ହୋଇଥିବା ସ୍ଥାନ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଅଞ୍ଚଳ ମଧ୍ୟ ବୁଲି ଦେଖିଥିଲେ। ୨ ଦିନ ମଧ୍ୟରେ ଘାଇ ମରାମତି କରି କେନାଲରେ ପାଣି ଛାଡ଼ିବା ପ୍ରକ୍ରିୟା ସ୍ୱାଭାବିକ କରିବା ନେଇ ସୂଚନା ଦେଇଛନ୍ତି।

# 'ରାଜ୍ୟ, କେନ୍ଦ୍ର ସରକାରଙ୍କ ଚକ୍ରବ୍ୟୂହରେ ଚାଷୀ ତଳିତଳାନ୍ତ'

ଭୁବନେଶ୍ୱର, ୧୮(ବ୍ୟୁରୋ)



ରାଜ୍ୟ ସରକାର ବର୍ଷ ବର୍ଷ ଧରି କୃଷିର ବିକାଶ କଥା କହୁଛନ୍ତି। କେନ୍ଦ୍ର ସରକାର ସମାନ କଥା ଦୋହରାଉଛନ୍ତି। ତେବେ ବାସ୍ତବରେ ରାଜ୍ୟର ଚାଷୀକୁଳ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ରାଜନୈତିକ ଚକ୍ରବ୍ୟୂହରେ ତଳିତଳାନ୍ତ ହେବାରେ ଲାଗିଛନ୍ତି। ରାଜ୍ୟ ସରକାର ଏଯାଏ ଭାଗଚାଷୀଙ୍କ ସମସ୍ୟାର ସମାଧାନ କରିପାରିନାହାନ୍ତି। ଏଥିରୁ ଚାଷୀଙ୍କ ପ୍ରତି ରାଜ୍ୟ ସରକାରଙ୍କ କେତେ ଆନ୍ତରିକତା ରହିଛି, ତାହା ସ୍ପଷ୍ଟ ଜଣାପଡୁଛି ବୋଲି କହିଛନ୍ତି ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ।

ନିରଞ୍ଜନ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି, ଚାଷୀଙ୍କ ଆୟ ବହୁଗୁଣିତ କରିବାକୁ ଦିଆଯାଉଥିବା ସ୍ଲୋଗାନ୍ କେବଳ ସରକାରୀ ନଥିପତ୍ରର ପରିସଂଖ୍ୟାନରେ ସୀମିତ। ଚାଷୀର ସମସ୍ୟା ସମାଧାନ ଦିଗରେ ସରକାର ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। ଜଳସେଚନ ବ୍ୟବସ୍ଥା, ସାର, ବିହନ, କୀଟନାଶକ ଯୋଗାଣରେ ଅର୍ଥ ତୋଷରପାତ ହେଉଛି। ପ୍ରଶାସନିକ କଳ ଏବଂ ରାଜନେତାଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଚାଷୀକୁ ଦୁର୍ଦ୍ଦଶା ଭିତରକୁ ଠେଲିଦେଇଛି। କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କ ସହ ରାଜ୍ୟ ସରକାରଙ୍କ ସୁ-ସମ୍ପର୍କ କଥା ଆଉ ଅଛପା ନାହିଁ। ଉଭୟଙ୍କ ଜାଣତରେ ସରକାରୀ ଅର୍ଥର ବାଟମାରଣା ହେଉଛି। ଚଳିତ ଖରିଫ୍ ଚାଷ ପାଇଁ କେନ୍ଦ୍ର ସରକାର ଯୋଗାଇଥିବା ସାର ଆବଶ୍ୟକତାଠାରୁ ଯଥେଷ୍ଟ କମ୍ ଥିଲା। ସେତେବେଳେ ରାଜ୍ୟ ସରକାର ଏହାର ପ୍ରତିବାଦ କରି ନ ଥିଲେ। କେନ୍ଦ୍ର ସରକାର ୩ ମାସ ହେଲା ଆବଶ୍ୟକ ପରିମାଣର ସାର ଦେଉ ନ ଥିବା ନିକଟରେ ଓଡ଼ିଶା ସରକାର ସ୍ୱୀକାର କରିଛନ୍ତି। ଚାଷୀଙ୍କ ପ୍ରତି ପ୍ରତିକ୍ଷେତ୍ରରେ ଅବିଚାର ହେଉଛି। ଏଭଳି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ପିସିସି ସଭାପତି କହିଛନ୍ତି।


**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ (ଅବକାରୀ ବିଭାଗ)**

**ଅନୁଗୋଳ ଜିଲ୍ଲାରେ ତିନି ଗୋଟି ବାହାର ଭାଟି ମଦ ଏବଂ ଏକ ଗୋଟି ବିଦେଶୀ ଠିପି ବନ୍ଦ ମଦ ଦୋକାନ ୨୦୨୧-୨୨ ଆର୍ଥିକବର୍ଷର ଅବଶିଷ୍ଟ ସମୟ ପାଇଁ ବନ୍ଦୋବସ୍ତ ନିମନ୍ତେ ଆବେଦନ ପାଇଁ ବିଜ୍ଞପ୍ତି।**

**ପତ୍ର ସଂଖ୍ୟା ୧୮୩୪/ଅ.ତା.୩୧।୦୭।୨୧ରିଖ / ସଂଖ୍ୟା ୧୮୩୭ / ଅ.ତା ୩୧।୦୭।୨୧ରିଖ**

ଆର୍ଥିକବର୍ଷ ୨୦୨୧-୨୨ ପାଇଁ ଅନୁଗୋଳ ଜିଲ୍ଲାରେ ତିନି ଗୋଟି ବାହାର ଭାଟି ମଦ ଯଥା ଅନାଦିପୁର, ପୁରୁଣକୋଟ ଓ ଲୋଧାବନ୍ଧ ଏବଂ ଏକ ଗୋଟି ବିଦେଶୀ ଠିପି ବନ୍ଦ ମଦ ଦୋକାନ (ସାନହୁଲା)ର ଲଟେରି ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଏତଦ୍ୱାରା ଆହ୍ୱାନ କରାଯାଉଅଛି।

ଲଟେରିରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି "http://stateexcise.odisha.gov.in" ୱେବ୍‌ସାଇଟରେ ଉପଲବ୍ଧ Form 'B'ରେ ଅନ୍‌ଲାଇନ ମାଧ୍ୟମରେ ତା୦୨।୦୮।୨୦୨୧ରିଖଠାରୁ ତା୧୩।୦୮।୨୦୨୧ରିଖ (ଅପରାହ୍ନ ୫.୦୦ ଘଟିକା ମଧ୍ୟରେ) ଆବେଦନ କରିପାରିବେ। ଲଟେରି ଉଠାଣ ଜିଲ୍ଲାପାଳଙ୍କ ଦ୍ୱାରା ତା୨୫।୦୮।୨୦୨୧ (ବୁଧବାର) ରିଖ ଦିବା ୧୧.୦୦ ଘଟିକାଠାରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଅନୁଗୋଳରେ ଆରମ୍ଭ ହେବ।

ଦୋକାନର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରିର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବ୍‌ସାଇଟରେ ଓ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, ଅନୁଗୋଳ / ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ ନୋଟିସ ବୋର୍ଡରେ ଉପଲବ୍ଧ ଅଟେ।

ବି.ଦ୍ର.:- **ସେବା ପାଇଁ ଟୋଲ୍ ଫ୍ରି ନମ୍ବର- ୧୫୫୩୩୫/ ୧୮୦୦୩୪୫୬୭୭୦**
**ସେବା ସମୟ- ରବିବାର ବ୍ୟତୀତ ସପ୍ତାହର ଅନ୍ୟ ସବୁ ଦିନ (ସକାଳ ୭ରୁ ସନ୍ଧ୍ୟା ୭ ଘଟିକା ମଧ୍ୟରେ)**

**ସ୍ୱା./- ଜିଲ୍ଲାପାଳ, ଅନୁଗୋଳ**
**୩୧।୦୭।୨୧**

# ଦୃଷ୍ଟିଶକ୍ତିକୁ ପ୍ରଖର କରେ ଅଲିଭ ତେଲ

ଦୃଷ୍ଟିଶକ୍ତିଜନିତ କୌଣସି ସମସ୍ୟାର ଲକ୍ଷଣ ବିଷୟରେ ଜାଣିପାରିଲେ ତାହାକୁ ଆଦୌ ଅବହେଳା କରିବା ଠିକ୍ ନୁହେଁ। କାରଣ ପରବର୍ତ୍ତୀ ସମୟରେ ଏହା ଜଟିଳ ଆକାର ଧାରଣ କରିଥାଏ । ଏପରି କି ଦୃଷ୍ଟିଶକ୍ତି ହରାଇବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଏହାର କାରଣ




ବିଷୟରେ ଅବଗତ ହେବା ମାତ୍ରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ତେବେ ଦୃଷ୍ଟିଶକ୍ତିକୁ ପ୍ରଖର କରିବା ପଛରେ ଅଲିଭ ତେଲର ଭୂମିକା ରହିଛି। ଏପରି ରୋଚକ ତଥ୍ୟ ବିଷୟରେ ସୂଚନା ଦେଇଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ। 'ଦୃଷ୍ଟିଶକ୍ତି ଓ ଅଲିଭ ତେଲ' ଶୀର୍ଷକ ବିଷୟ ଉପରେ ଗବେଷଣା କରି ସେମାନେ ଏ ବିଷୟରେ ଜାଣିପାରିଛନ୍ତି। ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ଭିଟାମିନ୍ 'ଏ' ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ଅଲିଭ ତେଲ ହେଉଛି ଭିଟାମିନ୍ 'ଏ'ର ଅନ୍ୟତମ ଉତ୍ସ। ତେବେ ଯଦି ଜଣେ ବ୍ୟକ୍ତି ପ୍ରତିଦିନ ଅଲିଭ ତେଲରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତାହା ଦୃଷ୍ଟିଶକ୍ତିକୁ ପ୍ରଖର କରିବାରେ ସାହାଯ୍ୟ କରିଥାଏ ବୋଲି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଇନ୍‌ଫେକଶନ କମାଏ ଲେମ୍ବୁପାଣି



ଲେମ୍ବୁପାଣିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହି ପାଣିରେ ଏଭଳି ତତ୍ତ୍ୱ ରହିଛି, ଯାହା ଇନ୍‌ଫେକଶନ ବା ସଂକ୍ରମଣ କମାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ। କାଲିଫର୍ନିଆ ୟୁନିଭର୍ସିଟିର ପୁଷ୍ଟିବିଜ୍ଞାନୀମାନେ ଏ ସମ୍ପର୍କରେ ଏକ ଗବେଷଣା କରି ଉପରୋକ୍ତ ତଥ୍ୟ ବିଷୟରେ ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ନିୟମିତ ଲେମ୍ବୁପାଣି ପିଇଲେ ତାହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଲେମ୍ବୁପାଣିରେ ଫ୍ଲାଭୋନାଏଡ୍ ନାମକ ତତ୍ତ୍ୱ ରହିଛି, ଯାହା ପେଟଜନିତ ରୋଗ ଦୂର କରିବାରେ ସହାୟକ ହୋଇଥାଏ। ପ୍ରତିଦିନ ସକାଳେ ଉଷୁମ ପାଣିରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ପିଇଲେ ତାହା ଚର୍ବି କମାଇଥାଏ। ଏହାକୁ ନିୟମିତ ପିଇଲେ ତାହା ରକ୍ତଚାପ, କ୍ଲାନ୍ତିରୁ ଅନେକାଂଶରେ ଉପଶମ ଦେଇଥାଏ। ଏହି ପାଣିରେ ଭିଟାମିନ୍ 'ସି' ଭରି ରହିଛି, ଯାହା ଅସ୍ଥିକୁ ମଜଭୁତ ରଖିଥାଏ।

# ହାଇଟେକ୍ ରୋବୋ



ଆଜିକାଲି ବିଭିନ୍ନ କାମରେ ରୋବୋକୁ ନିୟୋଜିତ କରାଗଲାଣି। ବିଶେଷ ଭାବରେ ଚିକିତ୍ସା ବିଜ୍ଞାନରେ ଏହାର ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। ନିକଟରେ ଜର୍ମାନୀର ବୈଜ୍ଞାନିକମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ପ୍ରାକୃତିକ ବିପର୍ଯ୍ୟୟ ସମୟରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସାହାଯ୍ୟ କରିପାରିବ। ଏପରି କି ଅସୁବିଧାରେ ପଡ଼ିଥିବା ଲୋକମାନଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିବାରେ ମଧ୍ୟ ସହାୟକ ହୋଇପାରିବ। ଉନ୍ନତ ଜ୍ଞାନକୌଶଳବିଶିଷ୍ଟ ଏହି ରୋବୋ ଯଦି ବାଟରେ କିଛି ଅସୁବିଧାର ସମ୍ମୁଖୀନ ହେଲା, ତେବେ ଅନାୟାସରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଡେଇଁ କରି ଯାଇପାରିବ। ଏପରି ହାଇଟେକ୍ ରୋବୋ ଖୁବ୍‌ଶୀଘ୍ର ମାନବ ସେବାରେ ନିୟୋଜିତ ହେବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଜଳବାୟୁ ଓ ସୁସ୍ଥ ଜୀବନ



ଡା. ଆଶିଷ ବାନାର୍ଜୀ





କଥାରେ ଅଛି 'ଯେ ଦେଶ ଯାଇ ସେ ଫଳ ଖାଇ'। ଏହି ଢଗ ଏବେ ଆମ ପାଇଁ ବେଦର ଗାର ପରି ଉପଲବ୍ଧି ହେଉଛି। ଭେଷଜ ବିଜ୍ଞାନର ସ୍ରଷ୍ଟା ମହର୍ଷି ଚରକଙ୍କ ମତରେ, 'ମଣିଷ ଯେଉଁ ଜଳବାୟୁରେ ବାସକରେ ସେହି ଜଳବାୟୁରୁ ଉତ୍ପନ୍ନ ଖାଦ୍ୟ, ଔଷଧ ତା' ପାଇଁ ନିହାତି ଆବଶ୍ୟକ। ମାତ୍ର ଆଜି ଆଧୁନିକ କମ୍ପ୍ୟୁଟର ଯୁଗରେ ଅନୁକରଣ ହିଁ ଆମ ଭେଜା ବା ମସ୍ତିଷ୍କରେ ବସିଛି। ଆଜିକାଲି ବିଜ୍ଞାନ ଆମକୁ ନୂଆ ଦିଗରେ ଅଗ୍ରସର କରୁଛି। ହେଲେ ଆମେ କେତେକ ଜିନିଷକୁ ଅନୁକରଣ କରି ଅଯଥାରେ ରୋଗର ସାମ୍ନା କରୁଛେ। କେତେକ ଔଷଧ ବିଷୟରେ ଭଲ ଭାବରେ ଅବଗତ ହେବା ଦରକାର। ଏହି ବିଷୟରେ ନ ଜାଣି କିଛି ବ୍ୟକ୍ତି ଔଷଧ ସେବନ କରିବା ଦ୍ୱାରା ପାର୍ଶ୍ୱ ପ୍ରତିକ୍ରିୟାର ସମ୍ମୁଖୀନ ହେଉଛନ୍ତି। ଏବେ ଅନୁକରଣ ହନୁକରଣ ପାଲଟି ଯାଇଛି ବୋଲି କୁହାଯାଇପାରେ।

ଗ୍ରୀଷ୍ମପ୍ରଧାନ ଦେଶରେ ଅଧିକ ଉତ୍ତାପ ଓ ଆର୍ଦ୍ର ଜଳବାୟୁ ଯୋଗୁ ଏଠାରେ ଦଶମାସ ଗରମ ଓ ଦୁଇମାସ ଥଣ୍ଡା। ତେଣୁ ଏଠାକାର ପାରମ୍ପରିକ ପୋଷାକ ହେଉଛି ସୂତା ପୋଷାକ (ଧୋତି, ପଞ୍ଜାବି, ଟ୍ରାଉଜର ଇତ୍ୟାଦି)। ମାତ୍ର ଏହା ବଦଳରେ ଟେରିକଟ ପ୍ୟାଣ୍ଟ, ଶାର୍ଟ, କୋଟ୍, ଟାଏ ପିନ୍ଧି ଆମେ ରହିବା ଯୋଗୁ ଲୋମକୂପରୁ ସ୍ୱେଦର ବାଷ୍ପୀକରଣ ଠିକ୍ ରୂପେ ନ ହୋଇ ଲୋମଛିଦ୍ର ମୂଳରେ ସଂକ୍ରମଣ ହୋଇ ବିଭିନ୍ନ ଚର୍ମରୋଗ ସୃଷ୍ଟି କରୁଛି। ତତ୍‌ସଙ୍ଗେ ଶରୀରର ତାପମାତ୍ରାର ସମତା ରହେନାହିଁ। ଯଦି ଏହି ପରିସ୍ଥିତିରେ ଆମେ ରହିବା ତେବେ ଆମର ଅବସ୍ଥା କ'ଣ ହେବ?

> "ପୂର୍ବେ ମାଟିପାତ୍ର, କାଠଚୁଲାରେ ରୋଷେଇ ହେଉଥିବା ବେଳେ ଏହା ସିଧାସଳଖ ସୂର୍ଯ୍ୟକିରଣ ବା ବାୟୁମଣ୍ଡଳର ସଂସ୍ପର୍ଶରେ ଆସୁଥିଲା। ହେଲେ ଏବେ ଲୋକେ ପ୍ରେସରକୁକର, ସିଲ୍‌ଭର ବାସନ ଆଦିର ବହୁଳ ବ୍ୟବହାର କରିବା ସହ ଚାଷରେ କୃତ୍ରିମ ରାସାୟନିକ ସାର ପ୍ରୟୋଗ ଯୋଗୁ ଅନେକେ ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, କ୍ୟାନ୍‌ସର ଆଦି ବ୍ୟାଧିର ସମ୍ମୁଖୀନ ହେଉଛନ୍ତି।"

ଆମ ସ୍ୱାସ୍ଥ୍ୟ ପାଇଁ ଉପକାରୀ ଖାଦ୍ୟ ପଖାଳ, ରୁଟି, ଶାଗ, ନିରାମିଷ ଆହାର, ଦହି, ବଡ଼ିଚୂରା, କାକୁଡ଼ି-ଗାଜରରୁ ପ୍ରସ୍ତୁତ ସାଲାଡ୍, ସର ବିନା କ୍ଷୀର, ଚୂନା ମାଛ, ଗଜାମୁଗ, ବୁଟ, କେଶର ବ୍ୟତୀତ ଅଣ୍ଡା ଇତ୍ୟାଦି। ଯଦି ଏହା ବଦଳରେ ଆମେ ଦୈନିକ ମସଲା ତିଆରି ଖାଦ୍ୟ, ଫାଷ୍ଟଫୁଡ୍, ଚିକେନ, ମଟନ, ନିଶାଦ୍ରବ୍ୟ, ଚା, କଫି ଇତ୍ୟାଦି ଗରମକାରକ ଖାଦ୍ୟ ଖାଇବୁ ତେବେ ଶୀଘ୍ର ରୋଗରେ ପଡ଼ିବୁ ନାହିଁ କି? ସେହିପରି ଗ୍ରୀଷ୍ମପ୍ରଧାନ ଦେଶରେ ବ୍ୟବହୃତ ଔଷଧଗୁଡ଼ିକ କୃତ୍ରିମ ରାସାୟନିକ ପଦାର୍ଥରୁ ତିଆରି ଏବଂ ଏହା ଥଣ୍ଡା ଜଳବାୟୁରେ ଉତ୍ପନ୍ନ ପ୍ରାଣୀଙ୍କ ପାଇଁ ଅନୁକୂଳ ହେଲେ ମଧ୍ୟ କୃତ୍ରିମ ଯୋଗୁ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରିଥାଏ। ଏବେ ଆମ ଆୟୁର୍ବେଦ ଶାସ୍ତ୍ରକୁ ଅନେକ ଦେଶ ଅନୁକରଣ କରି ବିଭିନ୍ନ ଭେଷଜ ଉପରେ ଗବେଷଣା କରି ନିମ୍ବ, ହଳଦୀ, ଅଶ୍ୱଗନ୍ଧା ଇତ୍ୟାଦିକୁ ପେଟେଣ୍ଟ କଲେଣି। ମାତ୍ର ଆମ ପ୍ରାକୃତିକ ଔଷଧ ତ୍ରିଦୋଷ ନାଶକ ଏବଂ ପାର୍ଶ୍ୱ ପ୍ରତିକ୍ରିୟା ରହିତ ହୋଇଥିବା ବେଳେ ଗ୍ରୀଷ୍ମପ୍ରଧାନ ଦେଶର ବ୍ୟକ୍ତି ପାଇଁ ଉପଯୁକ୍ତ ଅଟେ।

ଗ୍ରାମ୍ୟ ପରିବେଶ ବ୍ୟକ୍ତିଠାରୁ ସହରର ଚାକଚକ୍ୟ ପରିବେଶର ବ୍ୟକ୍ତିଙ୍କ ରୋଗ ପ୍ରତିରୋଧକ କ୍ଷମତା ଯଥେଷ୍ଟ କମ୍, କାରଣ ଏମାନେ ଯେତେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଚେତନ ହୋଇ ପରିଷ୍କାର ପରିଚ୍ଛନ୍ନ ରହି ପ୍ରୋଟିନ୍ ଭିଟାମିନ୍‌ଯୁକ୍ତ ଖାଦ୍ୟ ସେବନ କରିଥାଆନ୍ତି। ହେଲେ ଗ୍ରାମ୍ୟ ପରିବେଶରେ ଶୁଦ୍ଧବାୟୁ, ପାହାଡ଼ ପର୍ବତର ଶୀତଳ ବାୟୁ ସ୍ପର୍ଶରେ ଧୂଳିଧୂଷରିତ ହେଲେ ମଧ୍ୟ ତାଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବା ଆଣ୍ଟିବଡି ତିଆରି ହୋଇ ଶ୍ୱେତରକ୍ତ କଣିକାର କାର୍ଯ୍ୟଶକ୍ତି ବୃଦ୍ଧିପାଏ। ତେଣୁ ରୋଗ ହୁଏ ନାହିଁ। ଯଦି ବା ସାଧାରଣ ରୋଗ ହୁଏ ଅଳ୍ପ ସାମୟିକ ଔଷଧ ବା ଟୁଟୁକା ଚିକିତ୍ସା ଦ୍ୱାରା ଶୀଘ୍ର ଆରୋଗ୍ୟ ହୋଇଥାଏ। ପରିବାର ଉପରେ ଆର୍ଥିକ ବୋଝ କମିଯାଏ।

ପୂର୍ବେ ମାଟିପାତ୍ର, କାଠଚୁଲାରେ ରୋଷେଇ ହେଉଥିବା ବେଳେ କେତେକଙ୍କ ଘରେ ପିତ୍ତଳ, ଲୁହା କଡ଼େଇରେ ରୋଷେଇ ହୋଇଥାଏ। ଏହା ସିଧାସଳଖ ସୂର୍ଯ୍ୟକିରଣ ବା ବାୟୁମଣ୍ଡଳର ସଂସ୍ପର୍ଶରେ ଆସି ପରିପାକ ହେଉଥିବାରୁ ସେତେବେଳେ ରୋଗ ନ ଥିଲା, ମାତ୍ର ବିଗତ କିଛି ବର୍ଷ ମଧ୍ୟରେ ଲୋକେ ପ୍ରେସରକୁକର, ସିଲ୍‌ଭର ବାସନ, ପ୍ଲାଷ୍ଟିକ ଜିନିଷର ବହୁଳ ଭାବରେ ବ୍ୟବହାର କରୁଛନ୍ତି। ତା' ସହ ଜୈବିକ ସାର ବଦଳରେ ଚାଷରେ କୃତ୍ରିମ ରାସାୟନିକ ସାର ପ୍ରୟୋଗ କରୁଛନ୍ତି। ଫଳରେ ଆମେ ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, କିଡ୍‌ନୀ, ଶୋଥ, କ୍ୟାନ୍‌ସର ଆଦି ରୋଗର ସମ୍ମୁଖୀନ ହେଉଛେ। ଏଥିସହ ଏଲୋପ୍ୟାଥିକ ଔଷଧର ବହୁଳ ବ୍ୟବହାର ମଧ୍ୟ ଅନ୍ୟ ଏକ କାରଣ ଅଟେ।

ପୁରୁଣା ଢଗରେ ଅଛି ଯେ, 'ମଥାଏ ପଗଡ଼ି ପାଏ ତେଲ, ବୈଦ୍ୟ ସଙ୍ଗେ କରିବ ଗେଲ', ଅର୍ଥାତ ମୁଣ୍ଡରେ ପଗଡ଼ି, ପାଦ ଓ ବୃଦ୍ଧାଙ୍ଗୁଠିରେ ତେଲ ଲଗାଇଲେ ମସ୍ତିଷ୍କ ଥଣ୍ଡା ରହିବା ସହ ପାଦରେ ଥିବା ଶରୀରର ସମସ୍ତ ଅଙ୍ଗର ସ୍ନାୟୁର ମୁଖ୍ୟ ସଂଯୋଗ ବିନ୍ଦୁ ରହିଥିବା କାରଣରୁ ସ୍ନାୟୁରେ ବାତାବରୋଧ ହୋଇ ନ ଥାଏ। ଅନ୍ୟପକ୍ଷରେ ରକ୍ତ ସଞ୍ଚାଳନ ସୁଚାରୁରୂପେ ଚାଲେ। ତତ୍‌ସହିତ ନାକରେ ଅଣୁତୈଳ ନସ୍ୟ ନେଲେ ଏହା ମସ୍ତିଷ୍କର ଦ୍ୱାର ହୋଇଥିବାରୁ ଦୃଷ୍ଟିଶକ୍ତି ଠିକ୍ ରହିବା ସଙ୍ଗେ ସଙ୍ଗେ କର୍ଣ୍ଣ, ନାସା, ମସ୍ତିଷ୍କର କୌଣସି ରୋଗ ହୋଇ ନ ଥାଏ।

ଏଣୁ ସୁସ୍ଥ, ନୀରୋଗ ଜୀବନଯାପନ ପାଇଁ ଆୟୁର୍ବେଦରେ ବର୍ଣ୍ଣିତ ସ୍ୱସ୍ଥ ବୃତ୍ତ ନିୟମ ପାଳନ ସହ ଋତୁ ଅନୁଯାୟୀ ଫଳ, ପନିପରିବା ଖାଇବା, ପ୍ରାକୃତିକ ପରିବେଶରେ ଅଧିକ ସମୟ ବିତେଇବା ବା ଭ୍ରମଣ କରିବା, ପ୍ରାତଃଭ୍ରମଣ, ଶାରୀରିକ ବ୍ୟାୟାମ, ଯୋଗ, ଧ୍ୟାନ, ଆସନ, ପ୍ରାଣାୟମ କରିବା, ପ୍ରାକୃତିକ ଚିକିତ୍ସା, ଆକ୍ୟୁପଙ୍କଚର ଚିକିତ୍ସା ହେବା, ମାତାପିତା ଏବଂ ଗୁରୁଜନଙ୍କୁ ଭକ୍ତି କରିବା, ତାଙ୍କ କଥା ମାନି ଚଳିବା, ନ୍ୟାୟ ଅନ୍ୟାୟ, ଉଚିତ ଅନୁଚିତ ବିବେକ ଖଟାଇ କାର୍ଯ୍ୟ କଲେ ମାନସିକ ଶାନ୍ତି ଆନନ୍ଦ ମିଳିବା ସହ ଶାରୀରିକ ବ୍ୟାଧି ହୋଇ ନ ଥାଏ।


ତେଣୁ ପ୍ରାକୃତିକକୁ ଆପଣେଇବା ନା ଆଧୁନିକତାର ଦ୍ୱାହିଦେଇ ରୋଗକୁ ଆମନ୍ତ୍ରଣ କରିବା ଅବା ପିଲାଠୁ ବୁଢ଼ା ପର୍ଯ୍ୟନ୍ତ ଔଷଧ ଥଳି ବେକରେ ବାନ୍ଧି ବୁଲିବା- ଏହା ପାଠକେ ନିର୍ଣ୍ଣୟ କରିବେ।

-ଆନନ୍ଦ ବଜାର, ବେତନଟୀ
ମୟୂରଭଞ୍ଜ
ମୋ: ୯୮୬୧୩୭୪୩୮୫





# ଫୁଡ୍ ପଏଜନିଂ




ବର୍ତ୍ତମାନ ବର୍ଷାଦିନ। ଏହି ସମୟରେ ଖାଦ୍ୟପେୟ ପ୍ରତି ଅଧିକ ସତର୍କ ରହିବା ନିହାତି ଜରୁରୀ। କାରଣ ଉକ୍ତ ଋତୁରେ ଖାଇବାରେ ଏପଟସେପଟ ହେଲେ ପେଟଜନିତ ରୋଗ ହେବାର ଆଶଙ୍କା ରହିଛି। ଅନେକେ ନିଜର ମନୋଲୋଭା ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ବିଶେଷ ଭାବରେ ଯୁବପିଢ଼ି ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବାକୁ ମନ ବଳାଇଥାଆନ୍ତି। ହେଲେ ଏପରି ଖାଦ୍ୟ ଅଭ୍ୟାସରେ ପରିଣତ ହେଲେ ତାହା କେତେକ ରୋଗର କାରଣ ହୋଇଥାଏ। ବର୍ଷାଦିନେ ଏଣୁତେଣୁ ଖାଦ୍ୟ ଖାଇଲେ ଏବଂ ଦୂଷିତ ପାଣି ପିଇଲେ ତାହା ଫୁଡ୍ ପଏଜନିଂ ପରି ସମସ୍ୟା ସୃଷ୍ଟି କରିଥାଏ। ପୁଣି ଏହି ସମସ୍ୟା ଯଦି ଗୁରୁତର ହେଲା ତେବେ ହସ୍‌ପିଟାଲରେ ଆଡ୍‌ମିଶନ ହୋଇ ଚିକିତ୍ସିତ ହେବାକୁ ପଡ଼େ। ତେବେ ଏପରି ସ୍ୱାସ୍ଥ୍ୟ ସମସ୍ୟାଠାରୁ କିପରି ନିଜକୁ ଦୂରେଇ ରଖିବେ ସେଥିପାଇଁ କେତୋଟି ବିଷୟ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ପ୍ରଥମତଃ ଖାଦ୍ୟ ଖାଇବା ପୂର୍ବରୁ ଭଲ ଭାବରେ ସାବୁନ୍‌ରେ ହାତ ଧୁଅନ୍ତୁ। କାରଣ ହାତ ଉପରକୁ ଯେତେ ପରିଷ୍କାର ଦେଖାଯାଉଥିଲେ ମଧ୍ୟ ସେଥିରେ ଜୀବାଣୁ ଲୁଚି ରହିଥାଆନ୍ତି। ଏହି ଋତୁରେ ଯଦି ଫଳମୂଳ ଖାଉଛନ୍ତି ତେବେ ସେଗୁଡ଼ିକୁ ପ୍ରଥମେ ପରିଷ୍କାର ପାଣିରେ ଭଲ ଭାବରେ ଧୁଅନ୍ତୁ। ତା'ପରେ ଖାଆନ୍ତୁ। ସବୁବେଳେ ତଟକା ଖାଦ୍ୟ ଖାଆନ୍ତୁ। ରୋଷେଇ ହୋଇଥିବା ଖାଦ୍ୟ ପଦାର୍ଥକୁ ଭଲ ଭାବରେ ପରିଷ୍କାର ବାସନକୁସନରେ ଘୋଡ଼ାଇ ରଖନ୍ତୁ। ବର୍ଷା ହେଉ ଅବା ଅନ୍ୟ କୌଣସି ଋତୁ-ଏହି ସମୟରେ ବାସି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। କାରଣ ଏହା ପେଟଜନିତ ରୋଗ ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ। ଖାଦ୍ୟ ପଦାର୍ଥଗୁଡ଼ିକୁ ପରିଷ୍କାର ସ୍ଥାନରେ ରଖନ୍ତୁ। ଏହି ଋତୁରେ ଯେତେ ଫାଷ୍ଟଫୁଡ୍ ଏବଂ ମସଲାଜାତୀୟ ଖାଦ୍ୟ କମ୍ ଖାଇବେ ସେତେ ଭଲ। ବାହାର ଖାଦ୍ୟ ଖାଉଥିଲେ ତାହାର ଗୁଣବତ୍ତା ସମ୍ପର୍କରେ ପ୍ରଥମେ ଜାଣିନିଅନ୍ତୁ। ଯଦି କୌଣସି ଖାଦ୍ୟ ଖାଇବା ଉପଯୋଗୀ ନୁହେଁ କିମ୍ବା ଅଳ୍ପ ସମୟ ରହିବା ପରେ ଖରାପ ହୋଇଯିବ ବୋଲି ଭାବୁଛନ୍ତି ତେବେ ସେପରି ଖାଦ୍ୟକୁ ସାଇତି ରଖିବା ପରିବର୍ତ୍ତେ ଫୋପାଡି ଦିଅନ୍ତୁ। ଯଦି ଆପଣ ଫୁଡ୍ ପଏଜନିଂର ଲକ୍ଷଣ ଜାଣିବାକୁ ପାଉଛନ୍ତି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

> ବର୍ଷାଦିନେ ଏଣୁତେଣୁ ଖାଦ୍ୟ ଖାଇଲେ ଏବଂ ଦୂଷିତ ପାଣି ପିଇଲେ ତାହା ଫୁଡ୍ ପଏଜନିଂ ପରି ସମସ୍ୟା ସୃଷ୍ଟି କରିଥାଏ। ପୁଣି ଏହି ସମସ୍ୟା ଯଦି ଗୁରୁତର ହେଲା ତେବେ ହସ୍ପିଟାଲରେ ଆଡ୍‌ମିଶନ ହୋଇ ଚିକିତ୍ସିତ ହେବାକୁ ପଡ଼େ।



# ସ୍ୱାସ୍ଥ୍ୟ ସୂଚନା

- ସକାଳୁ କିଛି ସମୟ ଚାଲିବା ଏକ ଭଲ ଅଭ୍ୟାସ। ଏହାକୁ ଦୈନନ୍ଦିନ ଜୀବନରେ ସାମିଲ କରନ୍ତୁ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧଘଣ୍ଟା ଚାଲନ୍ତୁ। ଏହାର ସକାରାତ୍ମକ ପ୍ରଭାବ ମାନସିକତା ଉପରେ ପଡିଥାଏ।
- ରାତିରେ ଶୋଇବାକୁ ଯିବା ପୂର୍ବରୁ ଏଣୁତେଣୁ ଚିନ୍ତା କରନ୍ତୁ ନାହିଁ। କାରଣ ଏହାର ପ୍ରଭାବ ନିଦ୍ରା ଉପରେ ପଡିଥାଏ। ତେଣୁ ଶୋଇବାକୁ ଯିବା ପୂର୍ବରୁ ମନକୁ ଶାନ୍ତ ରଖନ୍ତୁ।
- ଯଦି ଦୀର୍ଘ ବର୍ଷ ଧରି ଆପଣ କମ୍ପ୍ୟୁଟର ସାମ୍ନାରେ ବସି କାମ କରୁଛନ୍ତି ତେବେ ନିଜର ଚକ୍ଷୁ ପରୀକ୍ଷା କରାଇ ନେବା ଭଲ। ତା'ସହ କିଛି ସମୟ ଅନ୍ତରାଳରେ ଉଠି ମୁହଁ ଧୁଅନ୍ତୁ। ଆଖିକୁ କିଛି ସମୟ ବିଶ୍ରାମ ଦିଅନ୍ତୁ। ଏହାଫଳରେ ଦୃଷ୍ଟିଶକ୍ତି ଦୃଢ଼ ରହିଥାଏ।



- ଏବେ ବ୍ୟସ୍ତବହୁଳ ଜୀବନରେ କେତେକ ନିଜ ସ୍ୱାସ୍ଥ୍ୟ ପ୍ରତି ଠିକ୍ ଭାବେ ନଜର ଦେଇପାରୁନାହାନ୍ତି। ହେଲେ ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିଜ ଶରୀର ପ୍ରତି ଧ୍ୟାନ ଦିଅନ୍ତୁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ନିଜ ସ୍ୱାସ୍ଥ୍ୟ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ସବୁବେଳେ ନିଜକୁ ଟେନ୍‌ସନଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ନିଜ ସାମର୍ଥ୍ୟଠାରୁ ଅଧିକ କାମ ଆବୋରି ବସିଲେ ତାହା ପରୋକ୍ଷରେ ଟେନ୍‌ସନକୁ ଆମନ୍ତ୍ରଣ କରିଥାଏ।
- ଖାଇବାର ଠିକ୍ ପୂର୍ବରୁ ଆଦୌ ପାଣି ପିଅନ୍ତୁ ନାହିଁ। କାରଣ ଏହାର ପ୍ରଭାବ ପାଚନକ୍ରିୟା ଉପରେ ପଡ଼ିଥାଏ।

# କ୍ୟାନ୍‌ସରଠାରୁ ଦୂରେଇ ରଖେ ମସଲାଯୁକ୍ତ ଖାଦ୍ୟ



ଅଧିକ ମସଲାଯୁକ୍ତ ଖାଦ୍ୟ ଖାଇଲେ ତାହା କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକି ଆଣିଥାଏ। ହେଲେ ଏହି ରୋଗ ସମ୍ପର୍କରେ ନିକଟରେ ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ଏକ ନୂଆ ତଥ୍ୟ ଲୋକଲୋଚନକୁ ଆଣିଛନ୍ତି। ଜଣେ ବ୍ୟକ୍ତି ଯଦି ମସଲାଯୁକ୍ତ ଖାଦ୍ୟ ଖାଆନ୍ତି ତେବେ ସେ ଅନେକାଂଶରେ ନିଜକୁ କ୍ୟାନ୍‌ସରଠାରୁ ଦୂରେଇ ରଖିପାରିବେ ବୋଲି ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି ଏହି ୟୁନିଭର୍ସିଟିର ବିଶେଷଜ୍ଞମାନେ। ଏପରି ଖାଦ୍ୟ ସହ ଅଭ୍ୟସ୍ତ କିଛି ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ପ୍ରାୟ ଅଧିକାଂଶ ସମୟ ସୀମିତ ପରିମାଣର ମସଲାଯୁକ୍ତ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ସେମାନଙ୍କଠାରେ କ୍ୟାନ୍‌ସରର କୌଣସି ଲକ୍ଷଣ ସେମାନେ କିଛି ବର୍ଷ ପର୍ଯ୍ୟନ୍ତ ଦେଖିବାକୁ ପାଇ ନ ଥିଲେ।

ଧରିତ୍ରୀ
DHARITRI
ସୋମବାର, ୨ ଅଗଷ୍ଟ ୨୦୨୧

## କାଠ ବୋଝେଇ କାର୍ ଜବତ

ଠାକୁରମୁଣ୍ଡା,(ଡି.ଏନ.ଏ.): ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରୁ ଶନିବାର ରାତିରେ ବନ ବିଭାଗ ଏକ କାଠ ବୋଝେଇ କାର୍ ଜବତ କରିଛି। ଠାକୁରମୁଣ୍ଡା ଓ କରଞ୍ଜିଆ ରେଞ୍ଜ କର୍ମଚାରୀମାନେ ମିଳିତ ଚଢ଼ାଉ କରି ଗାଡ଼ିକୁ ଧରିଥିଲେ। ଡ୍ରାଇଭର ଫେରାର ହୋଇଯାଇଥିବା ସୂଚନା ମିଳିଛି। କାର୍ ଭିତରୁ ୧୫ ଖଣ୍ଡ ଶାଳ ଚୌକାଠ ଜବତ ହୋଇଛି। ଏନେଇ ମାମଲା ରୁଜୁ ହୋଇଛି। ଚଢ଼ାଉରେ ରେଞ୍ଜର କିଶୋର ପାଣିଗ୍ରାହୀ, ପ୍ରବୀର ମୁର୍ମୁଙ୍କ ସମେତ ବନ କର୍ମଚାରୀମାନେ ସାମିଲ ଥିଲେ।



### ସଂକ୍ଷେପରେ

## ନାବାଳିକାଙ୍କୁ ବଳାତ୍କାର

କପ୍ତିପଦା,୧।୮(ଡି.ଏନ.ଏ.): ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୨୦୯/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୁକ୍ତମାନଙ୍କ ମଧ୍ୟରେ ୨ ନାବାଳକ ଓ ଜଣେ ସାବାଳକ ସମ୍ପୃକ୍ତ ଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ସେମାନଙ୍କୁ ପଚରାଉଚୁରା ଚଳାଇଛି।

## ରାସ୍ତାକଡ଼ରେ ଯୁବକଙ୍କ ମୃତଦେହ, ହତ୍ୟା ସନ୍ଦେହ

ରୂପସା, ୧।୮(ଡି.ଏନ.ଏ.): ବାଲେଶ୍ୱର ୬୦ ନଂ. ଜାତୀୟ ରାଜପଥର ବସ୍ତା ଥାନା ଅଧୀନ ହଳଦୀପଦା ବାଇପାସ୍ ନିକଟରେ ପୋଲିସ ରବିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ପରିଚୟ ଜଣାପଡ଼ିନାହିଁ। ସ୍ଥାନୀୟ ଲୋକେ ରାସ୍ତାକଡରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୋଷ୍ଟମର୍ଟମ୍ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଆଇଆଇସି ସୁବ୍ରତ କୁମାର ବେହେରା କହିଛନ୍ତି।

## ବିଦ୍ୟାଳୟ ବାରଣ୍ଡାରେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ

ଆରଡ଼ି, ୧।୮ (ଡି.ଏନ.ଏ.): ଭଦ୍ରକ ଜିଲା ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଧୀନ ମୁଆଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରୁ ରବିବାର ଜଣେ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ବୃଦ୍ଧଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମବାସୀ ଫାଣ୍ଡି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ଧୂଷୁରୀ ଥାନାରେ ଅପମୃତ୍ୟୁ ମାମଲା (ନଂ.୩୧/୨୧) ରୁଜୁ ହୋଇଥିବା ଭାରପ୍ରାପ୍ତ ଫାଣ୍ଡି ଅଧିକାରୀ କୁଳମଣି ପାତ୍ର କହିଛନ୍ତି।

## ମହିଳାଙ୍କୁ ହତ୍ୟା ଧମକ: ଯୁବକ ଗିରଫ

ପଦ୍ମପୁର,୧।୮(ଡି.ଏନ.ଏ.): ଭଦ୍ରକ ସଦର ବ୍ଲକ ଗୋରାମାଟି ଗ୍ରାମର ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ଅଭିଯୋଗରେ ରବିବାର ଜଣେ ଯୁବକଙ୍କୁ ସାବରଙ୍ଗ ପୋଲିସ ଗିରଫ କରିଛି। ସେ ହେଲେ ମଣ୍ଟୁ ସାହା। ଏନେଇ ଥାନାରେ ମାମଲା(ନଂ. ୧୮୨/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ମଣ୍ଟୁ ବାସୁଦେବପୁର ଅଞ୍ଚଳର ହୋଇଥିବା ବେଳେ ଗୋରାମାଟିରେ ଘର ଭଡ଼ା ନେଇ ରହୁଥିଲେ। ରବିବାର ଉକ୍ତ ମହିଳାଙ୍କ ଘରକୁ ଯାଇ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ସେ ତାଙ୍କୁ ଓ ତାଙ୍କ ପୁଅକୁ ଭୁଜାଲିରେ ହାଣି ଦେବା ପାଇଁ ଧମକ ଦେଇଥିବା ମହିଳା ଥାନାରେ ଅଭିଯୋଗ କରିଥିଲେ। ତଦନ୍ତକାରୀ ଅଧିକାରୀ ଯତୀନ୍ଦ୍ରନାଥ ସିଙ୍ଗୁ ତଦନ୍ତ ପୂର୍ବକ ଅଭିଯୁକ୍ତ ମଣ୍ଟୁଙ୍କୁ କୋର୍ଟଚାଲାଣ କରିଛନ୍ତି।

## ୩ ଟ୍ରକ୍, ଲୋଡର ଜବତ

କେନ୍ଦୁଝର, ୧।୮ (ସ୍ୱ.ପ୍ର./ଡି.ଏନ.ଏ.): କେନ୍ଦୁଝର ଖଣି ବିଭାଗ ପକ୍ଷରୁ ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡା ପଞ୍ଚାୟତ ନାଉପଦା ଖଣିରେ ଗତ କାଲି ରାତିରେ ଚଢାଉ କରି ନିକଟରୁ ତିନୋଟି ଛତିଶଗଡ ଜିଲାର ଟ୍ରକ ଓ ଏକ ନମ୍ବର ବିହିନ ଲୋଡର ଜବତ କରିଥିବା ଜଣାପଡିଛି। ଜବତ ପରେ ଟ୍ରକ୍ ନମ୍ବର ଅସଲି କି ନକଲି ଯାଞ୍ଚ ପରେ ଜଣାପଡିବ। ସେମାନେ ଉକ୍ତ ଖଣିରେ ଗଚ୍ଛିତ ଥିବା ଲୁହାପଥର ଚୋରି କରିବାକୁ ଆସିଥିବା ବେଳେ ଗ୍ରାମବାସୀ ଅଟକାଇଥିଲେ। ଖବର ପାଇ ଖଣି ଅଧିକାରୀ ଅସିତ ବେହେରା ସେଠାରେ ପହଞ୍ଚି ପୋଲିସ ସହାୟତାରେ ସେସବୁ ଗାଡି ଓ ମେଶିନକୁ ଜବତ କରି ନିକଟସ୍ଥ ଏକ କାରଖାନା ପରିସରରେ ରଖିଛନ୍ତି। ଖଣି ବିଭାଗ ଏହାର ସବିଶେଷ ତଦନ୍ତ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଣି ଅଧିକାରୀ କହିଛନ୍ତି।

## ବ୍ୟାଙ୍କରୁ ଚୋରି ଉଦ୍ୟମ

ବାରିପଦା ଅଫିସ,୧।୮: ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଧୀନ ଷ୍ଟେଟ ବ୍ୟାଙ୍କ ଶାଖାରୁ ରବିବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଛି। ଦୁର୍ବୃତ୍ତମାନେ ବ୍ୟାଙ୍କର ଗେଟ୍ ତାଲା ଓ ସିସିଟିଭି ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ସେଠାରେ ଥିବା ଷ୍ଟ୍ରଙ୍ଗରୁମର ଗେଟ୍ ଭାଙ୍ଗିବାରୁ ସାଇରନ୍ ବାଜି ଉଠିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଖବରପାଇ ବ୍ୟାଙ୍କ କର୍ତ୍ତୃପକ୍ଷ ପହଞ୍ଚିଥିଲେ। ବାରିପଦାରୁ ସାଇଣ୍ଟିଫିକ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

# ଅବ୍ୟବସ୍ଥାରେ ବ୍ୟବଚ୍ଛେଦ କେନ୍ଦ୍ର

■ଶୀତଳୀକରଣ ବ୍ୟବସ୍ଥା ନାହିଁ
■ସାମ୍ନାରେ କୁଢ଼ କୁଢ଼ ଆବର୍ଜନା

ବାରିପଦା ଅଫିସ,୧।୮

ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟ ତଥା ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ (ପିଆର୍‌ଏମ୍) ପରିସରରେ ଥିବା ମୃତଦେହ ବ୍ୟବଚ୍ଛେଦ କେନ୍ଦ୍ର ଅବ୍ୟବସ୍ଥା ମଧ୍ୟରେ ଚାଲିଛି। କେନ୍ଦ୍ର ସମ୍ମୁଖରେ ଅଳିଆ ଆବର୍ଜନା ପଡ଼ି ରହି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଅନ୍ୟପଟେ ଶବ ଗୃହରୁ ବ୍ୟବଚ୍ଛେଦ କେନ୍ଦ୍ରକୁ ଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ। ଶୀତଳୀକରଣ ବ୍ୟବସ୍ଥା ନ ଥିବାରୁ ମୃତଦେହଗୁଡ଼ିକ ଅଧିକ ଦିନ ରଖାଯାଇପାରୁ ନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ମୃତକଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ପ୍ରତିବର୍ଷ ଏଠାରେ ୨ ହଜାରରୁ ଊର୍ଦ୍ଧ୍ୱ ମୃତଦେହ ବ୍ୟବଚ୍ଛେଦ ହେଉଥିବା ବେଳେ ଏଥିନିମନ୍ତେ ୩ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ବ୍ୟବଚ୍ଛେଦ ଗୃହ ସମ୍ମୁଖରେ କୁଢ଼ କୁଢ଼ ଆବର୍ଜନା ଜମା ରହୁଥିବାରୁ ସେଠାରେ ବୁଲାଗୋରୁ ଓ କୁକରଙ୍କ ଭିଡ଼ ଦେଖିବାକୁ ମିଳିଛି। ମୃତଦେହ ନେଇ ଗୃହ ମଧ୍ୟକୁ ଯିବା ପାଇଁ ରାସ୍ତାଟିଏ ନ ଥିବାବେଳେ ଆଣ୍ଠୁଏ ପାଣି ଓ କାଦୁଅ ରାସ୍ତାରେ ଶବ ନେବା କଷ୍ଟକର ହୋଇପଡୁଥିବା ବ୍ୟବଚ୍ଛେଦ କରୁଥିବା କର୍ମଚାରୀ ସିଡୁ ଜେନା ପ୍ରକାଶ କରିଛନ୍ତି। ସେହିପରି ଶୀତଳୀକରଣ ବ୍ୟବସ୍ଥା ନ ଥିବା ଯୋଗୁ ୪୮ ଘଣ୍ଟା ମଧ୍ୟରେ ବ୍ୟବଚ୍ଛେଦ କରା ନ ଗଲେ ମୃତଦେହ ପଚି ଯାଉଛି। ଫଳରେ ରିପୋର୍ଟ ପ୍ରସ୍ତୁତ କରିବାରେ ବ୍ୟାଘାତ ହେଉଛି ବୋଲି ଦାୟିତ୍ୱରେ ଥିବା ଡା. ଦେବୀଦତ୍ତ ପାତ୍ର କହିଛନ୍ତି। ଷ୍ଟ୍ରେଚରରେ ମୃତଦେହ ନେବା ଆଣିବା କରିବା ସମୟରେ ସାମାନ୍ୟ ଅସାବଧାନତା ହେଲେ ପାଣି କାଦୁଅରେ ଖସିପଡୁଛି। ଆବଶ୍ୟକ ପଡ଼ିଲେ ମୃତଦେହ ବୋହିନେଇ ବ୍ୟବଚ୍ଛେଦ କରାଯାଉଥିବା ବ୍ୟବଚ୍ଛେଦକାରୀ କାଳିଆ ମୁଖି କୁହନ୍ତି। ତେବେ ଡାକ୍ତରଖାନା ପରିସରକୁ ସ୍ୱଚ୍ଛ ରଖିବା ପାଇଁ ଏକ ଘରୋଇ ସଂସ୍ଥା ଟେଣ୍ଡର ନେଇଥିଲେ ହେଁ କର୍ମଚାରୀମାନେ ମନମୁଖି ଭାବେ କାର୍ଯ୍ୟ କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଶନିବାର ବ୍ୟବଚ୍ଛେଦ ପାଇଁ ଆସିଥିବା ଶୁଳିଆପଦା ଥାନା କାଳିଆଶୋଳ ଅଞ୍ଚଳର ମୃତକଙ୍କ ପରିବାର ଲୋକେ ବହୁ କଷ୍ଟରେ କେନ୍ଦ୍ର ପରିସରକୁ ନେଇଥିଲେ। ଏଭଳି ଅବ୍ୟବସ୍ଥାକୁ ନେଇ ସେମାନେ ପରିମଳ ବ୍ୟବସ୍ଥା ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ମେଡିକାଲ କଲେଜ ଅଧୀକ୍ଷକ ଡା. ବୈକୁଣ୍ଠ ନାଥ ମହାପାତ୍ରଙ୍କୁ ପଚାରିବାରୁ କହିଛନ୍ତି, ବ୍ୟବଚ୍ଛେଦ ଗୃହର ଶୀତଳୀକରଣ ପାଇଁ ବ୍ୟବସ୍ଥା କରାଯାଉଛି। ତେବେ ଆବର୍ଜନା ସଫା ସମ୍ପର୍କରେ ମେଡିକାଲ ମ୍ୟାନେଜରଙ୍କ ସହ କଥା ହେବେ ବୋଲି କହିଛନ୍ତି।



ପରିତ୍ୟକ୍ତ ବ୍ୟବଚ୍ଛେଦ ଗୃହ।

# ଭୂଷଣକୁ ଖଣିଜ ପରିବହନ ବନ୍ଦ କଲେ ଗ୍ରାମବାସୀ

### ସ୍ଥାନୀୟ ବ୍ୟବସାୟୀଙ୍କୁ ଉପେକ୍ଷା ଅଭିଯୋଗ

ଯୋଡ଼ା,୧।୮(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ଖଣିମଣ୍ଡଳ ଅନ୍ତର୍ଗତ ଜଜାଙ୍ଗ ସ୍ଥିତ ଜେଏସ୍‌ଡବ୍ଲ୍ୟୁ ଖଣିରୁ ଭୂଷଣ ଷ୍ଟିଲ୍‌କୁ ହେଉଥିବା ଖଣିଜ ପରିବହନକୁ ଶନିବାର ଗ୍ରାମବାସୀ ବନ୍ଦ କରିଦେଇଛନ୍ତି। ଅଞ୍ଚଳର ମଧୁସୂଦନ ସାହୁ, ସତ୍‌ପ୍ରକାଶ ଗିରି, ରାଧାକାନ୍ତ ନାଏକ, ରମା ପେଣ୍ଟେଇ ପ୍ରମୁଖ କହିଛନ୍ତି, ଉକ୍ତ ଖଣିରୁ ଝାରସୁଗୁଡ଼ା ସ୍ଥିତ ଭୂଷଣ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍‌କୁ ପର୍ଯ୍ୟାପ୍ତ ପରିମାଣର ଲୁହାପଥର ପରିବହନ ହେଉଛି। ତେବେ କମ୍ପାନୀ କର୍ତ୍ତୃପକ୍ଷ ମହାରାଷ୍ଟ୍ର, ଗୁଜୁରାଟ ରାଜ୍ୟରୁ ପରିବହନ ଠିକାଦାରଙ୍କୁ ଆଣି ଏଠାରେ ନିୟୋଜିତ କରି ସ୍ଥାନୀୟ ବ୍ୟବସାୟୀଙ୍କୁ ଉପେକ୍ଷା କରୁଛନ୍ତି। ବାହାର ରାଜ୍ୟର ଟ୍ରକ୍‌ଗୁଡ଼ିକୁ ପରିବହନରେ ନିୟୋଜିତ କରାଯାଉଥିବାରୁ ସ୍ଥାନୀୟ ଟ୍ରକ୍ ମାଲିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏହାକୁ ବିରୋଧ କରି ଖଣି ପ୍ରଭାବିତ ଅଞ୍ଚଳବାସୀ ଭୂଷଣ କମ୍ପାନୀକୁ ପରିବହନ ବନ୍ଦ କରିଛନ୍ତି। ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁ ଖଣିର ବରିଷ୍ଠ ଅଧିକାରୀ ଶିବ ମିଶ୍ରଙ୍କୁ ପଚାରିବାରୁ ଖଣିରେ ପରିବହନ କାର୍ଯ୍ୟ ସ୍ୱାଭାବିକ ରହିଛି ଏବଂ କୌଣସି ସମସ୍ୟା ନାହିଁ ବୋଲି କହିଛନ୍ତି।

# କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଭାଜପା ନେତା



ଭାଜପା ନେତାମାନେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

କେନ୍ଦୁଝର, ୧।୮(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ଭାଜପା ନେତା ଆଲୋକ ସେଠୀ, ଜିଲା ସାଧାରଣ ସମ୍ପାଦକ ଜ୍ଞାନରଞ୍ଜନ ସାମନ୍ତ ସିଂହାର, ଜିଲା କୋଷାଧ୍ୟକ୍ଷ ହରିହର ମହାନ୍ତ ପ୍ରମୁଖ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଭେଟିଥିଲେ। ଦୀର୍ଘ ସମୟ ଧରି କେନ୍ଦୁଝର ଭାଜପାର ସାଙ୍ଗଠନିକ ଶକ୍ତି ବୃଦ୍ଧି ଉପରେ ଆଲୋଚନା କରିବା ସହ ଜିଲାରେ ଏକ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ ସ୍ଥାପନ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରୁ କେନ୍ଦୁଝରକୁ ଅଲଗା କରି ଏକ ସ୍ୱତନ୍ତ୍ର ତଥା ନୂତନ ବିଶ୍ୱବିଦ୍ୟାଳୟ ନିର୍ମାଣ କରିବା ସହ ହାଟଡ଼ିହି ବ୍ଲକ ଓ ଘଟଗାଁ ବ୍ଲକରେ ଦୁଇଟି କେନ୍ଦ୍ରୀୟ ବିଦ୍ୟାଳୟର ପ୍ରତିଷ୍ଠା ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ କରିବା ସହ ଦାବିପତ୍ର ପ୍ରଦାନ କରିଥିଲେ।

# ମାନବିକତାର ପରିଚୟ ଦିଏ ସମାଜସେବା

### ରୋଟାରୀ କ୍ଲବର ଯୁଗ୍ମ ପ୍ରତିଷ୍ଠାନ ଦିବସ

ବାଲେଶ୍ୱର ଅଫିସ, ୧।୮

ବାଲେଶ୍ୱର ସହର ଏଡ଼ିଏମ୍ ଛକସ୍ଥିତ ରୋଟାରୀ ଭବନ ପରିସରରେ କ୍ଲବର ଯୁଗ୍ମ ପ୍ରତିଷ୍ଠାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସମାଜସେବା ମାନବିକତା ମୂଲ୍ୟବୋଧର ପରିଚୟ ଦେଇଥାଏ ବୋଲି କହିବା ସହ ରୋଟାରୀ ସଭ୍ୟାସଭ୍ୟଙ୍କ ସାଲିସ ବିହୀନ ସେବାକୁ ପ୍ରଶଂସା କରିଥିଲେ।

ଭଦ୍ରକ କ୍ଲବର ରୋଟାରିୟାନ୍ ତଥା ଆସିଷ୍ଟାଣ୍ଟ ଗଭର୍ନର ବିଜୟ ସାହୁ ଆନ୍ତର୍ଜାତୀୟ ରୋଟାରୀ କ୍ଲବଗୁଡିକର ବହୁମୁଖୀ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥିଲେ। ଡିଷ୍ଟ୍ରିକ୍ଟ ଗଭର୍ନରଙ୍କ ଉପଦେଷ୍ଟା ରୋଟାରିୟାନ୍ ସୁବ୍ରତ କର କ୍ଲବର ସେବାମୂଳକ କାର୍ଯ୍ୟକଳାପ ବିଷୟରେ ବର୍ଣ୍ଣନା କରିଥିଲେ। ଅତିଥି ଭାବେ ଭି. ଉଦୟ କୁମାର ଉପସ୍ଥିତ ଥିଲେ। ୨୦୨୧-୨୨ ପାଇଁ ନୂତନ ସଭାପତି ଡ. ରାଜଲକ୍ଷ୍ମୀ ଯତି ଓ ସମ୍ପାଦକ ଭାବେ ପ୍ରଦୀପ୍ତ କୁମାର ପଣ୍ଡା ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ରୋଟ୍ରାକ୍ଟ କ୍ଲବ ସଭାପତି ଅନୁପ ଦାସ ଓ ସମ୍ପାଦକ ଭାବେ ମନୋଜ ଦଳାଇଙ୍କୁ ଦାୟିତ୍ୱ ମିଳିଛି। ଏହି ଅବସରରେ କ୍ଲବର ବାର୍ଷିକ ପତ୍ରିକା 'ରେଞ୍ଜର' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ନୂତନ ଭାବେ ସଦସ୍ୟ ଗ୍ରହଣ କରିଥିବା ପ୍ରଭଞ୍ଜନ ପାଢ଼ୀ ଓ ସୁଭାଶିଷ ଦାସଙ୍କୁ ଅତିଥିମାନଙ୍କ ଦ୍ୱାରା ନୀତିଗତ ସତ୍ୟପାଠ କରିଥିଲେ। ସେବା କ୍ଷେତ୍ରରେ ସ୍ୱତନ୍ତ୍ର ଅବଦାନ ପାଇଁ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ସାମାଜିକ କର୍ମୀ ଭୁବନାନନ୍ଦ ଦାସ ଓ କ୍ଲବର ୮ଜଣ ସଦସ୍ୟଙ୍କୁ ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଇନରହୁଇଲ କ୍ଲବର ସଦସ୍ୟା ସିପ୍ରାରେଖା ମହାପାତ୍ର, ଡ. କଳ୍ପନା ଦାସ, ସୁମିତା ଚାନ୍ଦ, ସୌମ୍ୟାସରିତା ମହାନ୍ତି ଉପସ୍ଥିତ ଥିଲେ। ରୋଟାରିୟାନ୍ ସୁଖମୟ ଦାସ, ଉଦୟ ରଞ୍ଜନ ଦାସ, ସୁଧାଂଶୁ ପଣ୍ଡା, ପଦାରବିନ୍ଦ ମହାପାତ୍ର, ଯଶୋଦା ନନ୍ଦନ ଆଶ, ଉମାକାନ୍ତ ମିଶ୍ର, କାର୍ତ୍ତିକ ବେରା, ନିକୁଞ୍ଜ ମହାନ୍ତି, ବିକ୍ରମଜିତ କର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ପ୍ରତିଷ୍ଠାନ ଦିବସରେ ଉପସ୍ଥିତ ରୋଟାରୀ କ୍ଲବର କର୍ମକର୍ତ୍ତା।

## ରୋଗୀ ଆଣିବାକୁ ଯାଇ କାଦୁଅରେ ଫସିଲା ଆମ୍ବୁଲାନ୍ସ

ପାଟଣା, ୧।୮(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣାବ୍ଲକ ଟାଙ୍ଗରପଡା ପଞ୍ଚାୟତ ଅନ୍ତର୍ଗତ ବାଲିବନ୍ଧ ଗ୍ରାମ ରାସ୍ତା ଶୋଚନୀୟ ଯୋଗୁ ରବିବାର ଏକ ଆମ୍ବୁଲାନ୍ସ କାଦୁଅରେ ଫଶି ରହିଥିଲା। ଫଳରେ ରୋଗୀଙ୍କ ନିକଟରେ ପହଞ୍ଚିବାରେ ବିଳମ୍ବ ହୋଇଥିଲା।

ସୂଚନା ଅନୁଯାୟୀ ବାଲିବନ୍ଧ ଗ୍ରାମର ଜୟଶ୍ରୀ ଦାସ ନାମ୍ନୀ ଜଣେ ବୃଦ୍ଧାଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଡାକିଥିଲେ। ହେଲେ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସଟି କାଦୁଅରେ ଫଶି ଅଧାରେ ଅଟକି ରହିଥିଲା। ୪ ଘଣ୍ଟା ପରେ ଗ୍ରାମବାସୀଙ୍କ ସହାୟତାରେ ଏକ ଟ୍ରାକ୍ଟର ଯୋଗେ କାଦୁଅରୁ ଆମ୍ବୁଲାନ୍ସକୁ ଉଠାଇବା ପରେ ଜୟଶ୍ରୀଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏହି ସମସ୍ୟାର ସ୍ଥାୟୀ ସମାଧାନ ଲାଗି ଗ୍ରାମବାସୀ ଦାବି କରିଛନ୍ତି।

## ନୟନଯୋରୀକୁ ଖସିଲା କେମିକାଲ ବୋଝେଇ ଟ୍ୟାଙ୍କର

ଜଳେଶ୍ୱର, ୧।୮(ଡି.ଏନ.ଏ.)

କୋଲକାତାରୁ ବାଲେଶ୍ୱର ଯାଉଥିବା ଏକ କେମିକାଲ ବୋଝେଇ ଟ୍ୟାଙ୍କର(ନଂ.ଡବ୍ଲୁବି୨୩ଏଫ ୩୪୩୭) ଜଳେଶ୍ୱରସ୍ଥିତ ଲକ୍ଷ୍ମଣନାଥ ଟୋଲପ୍ଲାଜାର ଅନତିଦୂରରେ ନୟନଯୋରୀକୁ ଖସିପଡିଥିଲା। ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଯୋଗୁ ଶନିବାର ଟ୍ୟାଙ୍କର ନୟନଯୋରୀକୁ ଖସିପଡିଥିଲା। ଏଥିରେ ଥିବା କର୍ମଚାରୀମାନେ ଆହତ ହୋଇ ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପକ୍ଷରେ ପୋଲିସ ଟ୍ୟାଙ୍କରକୁ ଜଗି ରହିଛି।

# ମୃତକଙ୍କ ପରିବାରକୁ ଭେଟିଲେ ଏମ୍‌ପି

### ଆର୍ଥିକ ସହାୟତା ପ୍ରତିଶ୍ରୁତି

ରୂପସା, ୧।୮(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ କସିପଦା ପଞ୍ଚାୟତର ଜୟନାରାୟଣ ପାତ୍ର ନାମକ ଯୁବକ କରୋନାରେ ଆକ୍ରାନ୍ତ ହୋଇ ଗତ ଜୁଲାଇ ୧୫ତାରିଖରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପ୍ରାଣ ହରାଇଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଶନିବାର ମୃତକଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ମୃତକଙ୍କ ପତ୍ନୀଙ୍କୁ ୫ହଜାର ଟଙ୍କା ନଗଦ ରାଶି ପ୍ରଦାନ କରିଥିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ କୋଭିଡ ସହାୟତା ଯୋଜନା ମୁତାବକ ତାଙ୍କର ଦୁଇ ଝିଅ ଥିବାରୁ ଜଣ ପ୍ରତି ୧୦ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସରପଞ୍ଚ ଅନୀତା ବେହେରା, ରୂପସା ମଣ୍ଡଳ ସଭାପତି ତପନ କୁମାର ଗିରି, ଯୁବମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ଜେନା ଓ ମଣ୍ଡଳ ସମ୍ପାଦକ ଅନ୍ତର୍ଯ୍ୟାମୀ ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଦିନ ଦ୍ୱିପହରେ ଉଜୁଡୁଛି ଜଙ୍ଗଲ

ଚମ୍ପୁଆ, ୧।୮(ଡି.ଏନ.ଏ.):

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ୧ ନଂ ୱାର୍ଡ ଗୋଧୂଳି ଗ୍ରାମରେ ଥିବା ଆକାଶିଆ ଜଙ୍ଗଲ ଶେଷରେ ଉଜୁଡିବାକୁ ଯାଉଛି। ମାତ୍ର ବନ ବିଭାଗ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଦିନ ଦ୍ୱିପହରେ ଲୋକେ ଅନାୟସରେ ଗଜା ଗଛ ସବୁକୁ ଜଙ୍ଗଲରୁ କାଟି ନେଇଯାଉଥିବା ବେଳେ ବନ ବିଭାଗ ଏହାର ଟେର ପାଉନି। ଅଗାମୀ ଦିନରେ ବନ ବିଭାଗ ପକ୍ଷରୁ ପଦକ୍ଷେପ ନିଆନଗଲେ ଏହା ଟାଙ୍ଗରିଆ ଭୁଇଁ ପାଲଟିବ ବୋଲି ସ୍ଥାନୀୟବାସୀ କହିଛନ୍ତି। ଏସମ୍ପର୍କରେ ଚମ୍ପୁଆ ଫରେଷ୍ଟର ପିଅନ ନାଏକ କହିଛନ୍ତି, ପୂର୍ବରୁ ଗ୍ରାମବାସୀଙ୍କୁ ଜଙ୍ଗଲ ନ କାଟିବାକୁ ସଚେତନ ସହ ପରାମର୍ଶ ଦିଆଯାଇଥିଲା। ଏପରି ବାରମ୍ବାର ଘଟୁଥିବାରୁ ବର୍ତ୍ତମାନ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଡମ୍ପର ଧକ୍କାରେ ସାଇକେଲ ଆରୋହୀ ମୃତ

ଖଇରା, ୧।୮(ଡି.ଏନ.ଏ.)

ଔପଦା-ଖଇରା ରାସ୍ତାର ଖଇରା ଥାନା ଅଧୀନ ମିତୁଆଣି ପୋଖରୀ ନିକଟରେ ରବିବାର ସନ୍ଧ୍ୟାରେ ଏକ ଡମ୍ପର(ଓଡି୧୧କେ୦୮୭୦) ଏକ ସାଇକେଲକୁ ଧକ୍କା ଦେବାରୁ ଘଟଣାସ୍ଥଳରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ନାମ ଗୌରାଙ୍ଗ ମହାପାତ୍ର(୫୮)। ତାଙ୍କ ଘର ମିତୁଆଣି ଗ୍ରାମରେ। ଉକ୍ତ ଡମ୍ପର ଦରଖୋଳିରୁ ଖଇରା ଆସୁଥିବା ବେଳେ ବିପରୀତ ଦିଗରୁ ସାଇକେଲରେ ଆସୁଥିବା ଗୌରାଙ୍ଗଙ୍କ ଉପରେ ଚଢିଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ଡ୍ରାଇଭରଙ୍କୁ ନିସ୍ତୁକ ମାଡ ମାରିଥିଲେ। ଖଇରା ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

## 'ଖବରଦାତାଙ୍କ ପାଇଁ ଲାଗୁ ହେଉ ସୁରକ୍ଷା ବିଲ୍'

ଭଦ୍ରକ ଅଫିସ,୧।୮

ଗଣମାଧ୍ୟମ ପ୍ରତିନିଧିମାନେ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଗତି କରୁଛନ୍ତି। ପ୍ରତ୍ୟେକ ମୁହୂର୍ତ୍ତରେ ସେମାନଙ୍କ ମୁଣ୍ଡ ଉପରେ ବିପଦ ରହିଛି। କରୋନା ସମୟରେ ନିଜ ଜୀବନକୁ ପାଣି ଛଡ଼ାଇ ସରକାରଙ୍କ ସମସ୍ତ ପଦକ୍ଷେପ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ସଚେତନତା ସୃଷ୍ଟି କରିବାରେ ସେମାନେ ସକ୍ଷମ ହୋଇଛନ୍ତି। କେତେଜଣଙ୍କ ଜୀବନ ମଧ୍ୟ ଚାଲିଯାଇଛି। ଅନ୍ୟପଟେ ଖବରଦାତାଙ୍କ ଉପରେ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କ ପାଇଁ ସୁରକ୍ଷା ବିଲ୍ ଲାଗୁ କରାଯିବା ଉପରେ ରବିବାର ଭଦ୍ରକ ଜିଲା ମିଡିଆ ଆସୋସିଏଶନ ପକ୍ଷରୁ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ବନ୍ଧୁମିଳନ ଓ ଆଲୋଚନାଚକ୍ରରେ ଗୁରୁତ୍ୱାରୋପ କରାଯାଇଥିଲା। ଉତ୍କଳ ଖବରଦାତା ସଂଘ ସଭାପତି ରବିନାରାୟଣ ଖିଲାର ଅଧ୍ୟକ୍ଷତା ଓ ଆସୋସିଏଶନ ସଭାପତି ମହେଶ ମିଶ୍ର ସଂଯୋଜନା କରିଥିଲେ। ରାଜେଶ ଦାସ ଅତିଥି ପରିଚୟ ଏବଂ ଶୁଭଦ୍ୱୀପ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ସରକାରୀ ଓକିଲ ଅତିଶ ବେହେରା, ପ୍ରମୋଦ ରାୟ, ଜ୍ଞାନ ପ୍ରକାଶ ପାଣି, ନରେନ୍ଦ୍ର ସାମଲ, ତପନ ମିଶ୍ର, ଚାରୁଦତ୍ତ ନାୟକ, ତପନ ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

# ଠିକାଦାର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ



ପ୍ରତିବାଦ ସଭାରେ ଉପସ୍ଥିତ ଠିକାଦାର।

ରୂପସା, ୧।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଠିକାଦାର ସଂଘ ପକ୍ଷରୁ ରବିବାର ବାହାର୍ଦା ଡାକବଙ୍ଗଳାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଗଣେଶ ଚନ୍ଦ୍ର ହେମ୍ବ୍ରମ ଓ ଜଳସେଚନ ବିଭାଗର କନିଷ୍ଠଯନ୍ତ୍ରୀ ଅଶୋକ କୁମାର ଦାସ ବିଲ୍ ପାଇଁ ବାରମ୍ବାର ଦଉଡାଇବା ସହ ଠିକାଦାରମାନଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ଉଭୟ ଯନ୍ତ୍ରୀଙ୍କ ବଦଳି ଲାଗି ଠିକାଦାର ସଂଘ ଦାବି କରିଛି। ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସଂଘ ପକ୍ଷରୁ ୫ଟି ସଚିବ ଭି.କେ. ପାଣ୍ଡିଆନଙ୍କ ସମେତ ବିଭାଗୀୟ ଅତିରିକ୍ତ ସଚିବ, ମୁଖ୍ୟଯନ୍ତ୍ରୀ, ଭିଜିଲାନ୍ସ ଡାଇରେକ୍ଟର ଓ ଜିଲାପାଳ ପ୍ରମୁଖଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ସଭାପତି ବିଜୟ କୁମାର ସିଂହଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଦୁଇ ଯନ୍ତ୍ରୀଙ୍କ ବଦଳି ନ ହେବା ପର୍ଯ୍ୟନ୍ତ ସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଥିଲା। ସଂଘର ନିଷ୍ପତ୍ତିକୁ ବିରୋଧ କରି କେତେଜଣ ଠିକାଦାର ଯନ୍ତ୍ରୀଙ୍କୁ ସମର୍ଥନ କରିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ କିଛିସମୟ ଗଣ୍ଡଗୋଳ ହୋଇଥିଲା। ଫଳରେ ସଭା ଅଧାରୁ ଭଣ୍ଡୁର ହୋଇଥିଲା। ସଭାରେ ସମ୍ପାଦକ ସୁଧାକର ସାହୁ, ରବୀନ୍ଦ୍ର ମହାନ୍ତି, ସୁଦର୍ଶନ ଭୂୟାଁ, ମନୋରଞ୍ଜନ ବିଶ୍ୱାଳ, ସୁଜିତ ମହାନ୍ତି, ଅମିତ ଦାସ, ପୂର୍ଣ୍ଣେନ୍ଦୁ ପ୍ରଧାନ, ଧନଞ୍ଜୟ ମହାନ୍ତି, ଗଗନ ସିଂହଙ୍କ ସମେତ ସମସ୍ତ ଠିକାଦାର ଉପସ୍ଥିତ ଥିଲେ। ଅଭିଯୋଗ ସମ୍ପର୍କରେ ଉଭୟ ଯନ୍ତ୍ରୀଙ୍କୁ ପଚରାଯିବାରୁ ଠିକାଦାରମାନେ ଲାଭଖୋର ମନୋବୃତ୍ତି ନେଇ କାର୍ଯ୍ୟ କରୁଛନ୍ତି, ତଦାରଖ ସମୟରେ ତାଗିଦ୍ କଲେ ସେମାନେ ଆକ୍ରୋଶମୂଳକ ଭବେ ଅଭିଯୋଗ କରୁଛନ୍ତି। ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ସେମାନେ କହିଛନ୍ତି।

## ଉଚ୍ଚ ଆକାଂକ୍ଷା ସ୍କୁଲ କାର୍ଯ୍ୟର ତଦାରଖ

ଭଣ୍ଡାରିପୋଖରୀ, ୧।୮ (ଡି.ଏନ.ଏ.)

ଉଚ୍ଚ ଆକାଂକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଭଣ୍ଡାରିପୋଖରୀ ବ୍ଲକ ସରସଦା ହାଇସ୍କୁଲ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟର ତଦାରଖ କରିଛନ୍ତି ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରାଣୀତକାନ୍ତ ସାମଲ। ବିଧାୟକ ପ୍ରଫୁଲ୍ଲ ସାମଲ ଓ ଏମ୍‌ପି ପ୍ରତିନିଧି ପ୍ରୟାସକାନ୍ତି ସାମଲଙ୍କ ନିର୍ଦ୍ଦେଶ କ୍ରମେ ସେ ଶନିବାର ଏହି ଯୋଜନାର ପଞ୍ଚସୂତ୍ରୀ ବିକାଶ କାର୍ଯ୍ୟ ତଦାରଖ କରିଥିଲେ। ଏଥିସହ ଶୀଘ୍ର ସାରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସ୍କୁଲ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଏହି ଅବସରରେ କୋଭିଡ୍ କଟକଣାରେ ଶିକ୍ଷା ଗ୍ରହଣ କରିଥିବା ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଧାୟକଙ୍କ ହାତ ପାଣ୍ଠି ବ୍ୟୟ ଅଟକଳରେ ମାସ୍କ, ସାନିଟାଇଜର ପ୍ରଦାନ କରାଯାଇଥିଲା। ଭଦ୍ରକ ଜିଲା ପରିଷଦ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ନାୟକ, ବ୍ଲକ ଯୁବ ସଭାପତି ଲଳିତ ରାଉତ, ସତ୍ୟାନନ୍ଦ ମହାପାତ୍ର, ହେମନ୍ତ ଜେନା, ଲକ୍ଷ୍ମୀଧର ସାହୁ, ରାଜେଶ ବାରିକ, ପ୍ରଣୟ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯାନ ବିକ୍ରିରେ ଉନ୍ନତି

**ମୁମ୍ବାଇ, ୧।୮:** ଦେଶର ବିଭିନ୍ନ ଯାନ ନିର୍ମାତା କମ୍ପାନୀଗୁଡ଼ିକର ବିକ୍ରିରେ ଉନ୍ନତି ଆସୁଥିବା ଦେଖାଯାଇଛି। ପ୍ରମୁଖ ଅଟୋମୋବାଇଲ କମ୍ପାନୀ ମାରୁତି ସୁଜୁକି ଜୁଲାଇରେ ୧.୬୨ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଛି। ବିକ୍ରିରେ ୫୦% ବୃଦ୍ଧି ହୋଇଥିବା କମ୍ପାନୀ ପକ୍ଷରୁ ରବିବାର ଘୋଷଣା କରାଯାଇଛି। ଗତ ବର୍ଷ ଜୁଲାଇରେ ଏହା ୧.୦୮ ଲକ୍ଷ ୟୁନିଟ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିଲା। ଘରୋଇ ବଜାର ବିକ୍ରି ୩୯% ବୃଦ୍ଧି ଘଟି ୧.୪୧ ଲକ୍ଷ ୟୁନିଟ ହୋଇଛି। ସେହିଭଳି ଏହା ୨୧,୨୪୪ ୟୁନିଟ ଯାନ ବିଦେଶକୁ ରପ୍ତାନି କରିବାକୁ ସକ୍ଷମ ହୋଇଛି। ଦେଶର ଅନ୍ୟତମ ପ୍ରମୁଖ ଅଟୋମୋବାଇଲ ନିର୍ମାଣକାରୀ କମ୍ପାନୀ ଟାଟା ମୋଟର୍ସର ଘରୋଇ ବଜାର ବିକ୍ରି ୯୨% ବଢ଼ି ୫୧,୯୮୧ ୟୁନିଟ ରହିଛି। ୨୦୨୦ ଜୁଲାଇରେ ଏହା ୨୭,୦୨୪ ୟୁନିଟ ରହିଥିଲା। ଏହି କମ୍ପାନୀ ୩୦,୧୮୫ ୟୁନିଟ ପାସେଞ୍ଜର ଯାନ ବିକ୍ରି କରିଥିବା ବେଳେ ୨୧,୭୯୬ ୟୁନିଟ ବାଣିଜ୍ୟିକ ଯାନ ବିକ୍ରି କରିଥିବା ସୂଚନା ମିଳିଛି।

### ରେପୋ ରେଟ୍ ଅପରିବର୍ତ୍ତିତ ରହିପାରେ

**ମୁମ୍ବାଇ, ୧।୮:** ବଜାର ଉପରେ କରୋନା ମହାମାରୀର ତୃତୀୟ ଲହର ପ୍ରଭାବ ଦେଖାଦେବାର ଆଶଙ୍କା ଉପୁଜିଛି। ସେହିଭଳି ଦରଦାମ ମଧ୍ୟ ବର୍ତ୍ତମାନ ଉର୍ଦ୍ଧ୍ୱଗାମୀ ରହିଛି। ବଜାରର ସ୍ଥିତିକୁ ବିଚାର କରି ରିଜର୍ଭ ବ୍ୟାଙ୍କ ଏହାର ଆଗାମୀ ମୁଦ୍ରାନୀତି ସମୀକ୍ଷା ବୈଠକରେ ରେପୋକୁ ଅପରିବର୍ତ୍ତିତ ରଖିପାରେ ବୋଲି କୁହାଯାଉଛି। ଅଗଷ୍ଟ ୬ରେ ଆର୍‌ବିଆଇ ଏହାର ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବ। ଅଗଷ୍ଟ ୪ରୁ ୬ତାରିଖ ଯାଏ ଏହି ଆର୍‌ବିଆଇର ମୁଦ୍ରା ନୀତି କମିଟି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ୬ ସଦସ୍ୟ ବିଶିଷ୍ଟ ଏହି କମିଟି ମୁଦ୍ରାନୀତିର ବିଭିନ୍ନ ଦିଗ ଉପରେ ବିଚାର କରିବେ। ବଜାରରେ ମୁଦ୍ରାସ୍ଫୀତି ଅଧିକ ରହିଥିବାରୁ କେନ୍ଦ୍ରୀୟ ବ୍ୟାଙ୍କ ଚଳିତ ଥର ରେପୋ ରେଟକୁ ଅପରିବର୍ତ୍ତିତ ରଖିପାରେ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ବର୍ତ୍ତମାନ ଖୁଚୁରା ମୁଦ୍ରାସ୍ଫୀତି ୬.୨୬% ସ୍ତରରେ ରହିଛି। ରେପୋ ରେଟ୍ ଘୋଷଣା ବେଳେ ଆର୍‌ବିଆଇ ଏହାକୁ ନଜରରେ ରଖିଥାଏ।

# ସ୍ୱାଭାବିକ ହେଉଛି ପେଟ୍ରୋଲ ବିକ୍ରି

## ଜୁଲାଇରେ ତେଲ ଚାହିଦା ବଢ଼ିଲା

ନୂଆଦିଲ୍ଲୀ, ୧।୮



କୋଭିଡ୍ କଟକଣା କୋହଳ ହେଉଥିବାରୁ ବଜାର ବର୍ତ୍ତମାନ ପୁଣିଥରେ ଚଳଚଞ୍ଚଳ ହେଉଛି। ଜୁଲାଇରେ ତେଲ ଚାହିଦା ବଢ଼ିଛି। ଫଳରେ ପେଟ୍ରୋଲ ବ୍ୟବହାର କୋଭିଡ୍ ପୂର୍ବ ସ୍ଥିତିକୁ ଫେରିଥିବା ରବିବାର ପ୍ରକାଶିତ ପ୍ରାଥମିକ ବିକ୍ରି ଡାଟାରୁ ସାମ୍ନାକୁ ଆସିଛି। ଜୁଲାଇ ମାସରେ ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀଗୁଡ଼ିକ ୨.୩୭ ନିୟୁତ ଟନ ତେଲ ବିକ୍ରି କରିବାକୁ ସକ୍ଷମ ହୋଇଛନ୍ତି। ଗତ ବର୍ଷ ସମାନ ସମୟ ତୁଳନାରେ ବିକ୍ରି ୧୭% ଉର୍ଦ୍ଧ୍ୱରେ ରହିଛି। ୨୦୧୯ ଜୁଲାଇ ତୁଳନାରେ ଏହା ୩.୫୬% ଅଧିକ ବୋଲି ଜଣାପଡିଛି। ସେହିଭଳି ଚଳିତବର୍ଷ ଜୁଲାଇରେ ୫.୪୫ ନିୟୁତ ଟନ୍ ଡିଜେଲ ବିକ୍ରି ହୋଇଛି। ୨୦୨୦ ଜୁଲାଇ ତୁଳନାରେ ଏହା ୧୨.୬% ଅଧିକ। ୨୦୧୯ ଜୁଲାଇ ତୁଳନାରେ ଡିଜେଲ ବ୍ୟବହାର ୧୦.୯% ନିମ୍ନରେ ରହିଛି। ଡିଜେଲ ଚାହିଦା ଆର୍ଥିକ କାର୍ଯ୍ୟକଳାପ ହ୍ରାସ କିମ୍ବା ବୃଦ୍ଧିକୁ ସୁଚାଇଥାଏ।

ଉଲ୍ଲେଖଯୋଗ୍ୟ, ଭାରତର ବିଶୋଧିତ ଇନ୍ଧନ ବ୍ୟବହାର କ୍ଷେତ୍ରରେ ଡିଜେଲର ଅଂଶ ୪୦% ରହିଛି। ସେହିଭଳି ରୋଷେଇ କ୍ଷେତ୍ରରେ ବ୍ୟବହାର ହେଉଥିବା ୪.୦୫% ବୃଦ୍ଧି ହୋଇ ୨.୩୬ ନିୟୁତ ଟନ୍‌ରେ ପହଞ୍ଚିଛି। ୨୦୧୯ ଜୁଲାଇ ତୁଳନାରେ ଏହା ୭.୫୫% ଉର୍ଦ୍ଧ୍ୱରେ ରହିଛି। ସେହିଭଳି ବିମାନ ଇନ୍ଧନ ବ୍ୟବହାର ୨.୯୧ ଲକ୍ଷ ଟନ୍ ରହିଛି। ଗତ ବର୍ଷ ଜୁଲାଇ ତୁଳନାରେ ୨୯.୫% ଅଧିକ। ୨୦୧୯ ଜୁଲାଇ ତୁଳନାରେ ଏହା ୫୩.୧% କମ୍। ୨୦୨୦-୨୧ ଡାଟା ମୁତାବକ, ପେଟ୍ରୋଲିୟମ ପ୍ରଡକ୍ଟ ଉପରେ କେନ୍ଦ୍ର ସରକାର ଉତ୍ପାଦ ଟିକସ ବାବଦକୁ ୪.୫୪ ଲକ୍ଷ କୋଟି ଟଙ୍କା ଆଦାୟ କରିଛନ୍ତି। ୨୦୧୪-୧୫ରେ ଏହା ୧.୭୨ ଲକ୍ଷ ଟଙ୍କା ସ୍ତରରେ ରହିଥିଲା। ଗତ ୬ ବର୍ଷରେ ଉତ୍ପାଦ ଟିକସ ସଂଗ୍ରହ ୩ ଗୁଣ ବଢ଼ିଛି। ସେହିଭଳି ରାଜ୍ୟଗୁଡ଼ିକ ପକ୍ଷରୁ ପେଟ୍ରୋଲ ଏବଂ ଡିଜେଲ ଉପରେ ଲାଗୁ ହେଉଥିବା ଭାଟ୍ ପରିମାଣ ପ୍ରାୟ ୪୩% ବଢ଼ିଛି। ୨୦୧୪-୧୫ରେ ରାଜ୍ୟର ୧.୩୭ ଲକ୍ଷ କୋଟି ଟଙ୍କା ରହିଥିବା ବେଳେ ୨୦୨୦-୨୧ରେ ଏହା ୨.୦୩ ଲକ୍ଷ କୋଟି ଟଙ୍କାକୁ ବଢ଼ିଛି। କୋଭିଡ୍ ମହାମାରୀ ସ୍ଥିତି ସତ୍ତ୍ୱେ ମଧ୍ୟ ସରକାର ତେଲ ଉପରେ ବୃହତ୍ ପରିମାଣର ଟିକସ ଲାଗୁ କରିବା ଯୋଗୁ ଏଭଳି ଟିକସ ଆଦାୟ କରିଛନ୍ତି।

# ନିବେଶକଙ୍କୁ ୩୧ ଲକ୍ଷ କୋଟି ଲାଭ

ମୁମ୍ବାଇ, ୧।୮



ଚଳିତ ଆର୍ଥିକବର୍ଷରେ ଭାରତୀୟ ପୁଞ୍ଜି ବଜାରର ପ୍ରଦର୍ଶନ ବେଶ୍ ଭଲ ରହିଛି। ମାତ୍ର ୪ ମାସରେ ନିବେଶକ ୩୧ ଲକ୍ଷ କୋଟି ଟଙ୍କାର ସମ୍ପତ୍ତି ଯୋଡ଼ିବାକୁ ସକ୍ଷମ ହୋଇଛନ୍ତି। ବଜାର ଉର୍ଦ୍ଧ୍ୱଗାମୀ ଧାରା ଜାରି ରଖିଥିବାରୁ ଏଭଳି ସ୍ଥିତି ଦେଖାଯାଇଛି। ଏପ୍ରିଲ-ଜୁଲାଇ ମାସ ଅବଧିରେ ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ୩୦୭୭.୬୯ ପଏଣ୍ଟ(୬.୨୧%) ବଢିଛି। ଚଳିତବର୍ଷ ଜୁଲାଇ ୧୬ରେ ସେନ୍‌ସେକ୍ସ ୫୩,୨୯୦.୮୧ ପଏଣ୍ଟ ସ୍ତରରେ ରହିଥିଲା। ଜୁଲାଇ ୧୫ରେ ଏହା ସର୍ବକାଳୀନ ରେକର୍ଡ ସ୍ତର ୫୩,୧୫୮ ପଏଣ୍ଟରେ ବନ୍ଦ ହୋଇଥିଲା। ନିବେଶକଙ୍କ ନିବେଶ ଧାରା ବଢ଼ିବାରୁ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ୩୧.୧୮ ଲକ୍ଷ କୋଟି ଟଙ୍କା ବଢ଼ିଛି। ଫଳରେ ଜୁଲାଇ ୩୦ ସୁଦ୍ଧା ଏହା ୨୩୫ ଲକ୍ଷ କୋଟି ଛୁଇଁଥିବା ଜଣାପଡ଼ିଛି।

ବଜାରରୁ ଲଗାତର ଅର୍ଥ ପ୍ରବାହ ଏବଂ ନଗଦ ଏଭଳି ସ୍ଥିତିକୁ ଉତ୍ସାହିତ କରୁଥିବା ଇକ୍ୱିଟି ୯୯ର ସହ ପ୍ରତିଷ୍ଠାତା ରାହୁଲ ଶର୍ମା କହିଛନ୍ତି। କରୋନା ଲାଗି ଗତ ବର୍ଷ ମାର୍ଚ୍ଚ ମାସରେ ସେନ୍‌ସେକ୍ସ ରେକର୍ଡ ସ୍ତରକୁ ଖସିଥିଲା। ମାତ୍ର ଏହା ପରଠାରୁ ସୂଚକାଙ୍କ ୨ ଗୁଣରୁ ଉର୍ଦ୍ଧ୍ୱ ବୃଦ୍ଧି ପାଇଛି। ବଜାର ସ୍ଥିତି ସୁଧାର ଆସିବା ପରେ ପୁଞ୍ଜି ବଜାର ଉର୍ଦ୍ଧ୍ୱଗାମୀ ହୋଇ ଚାଲିଛି। ୨୦୨୦-୨୧ରେ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ୯୦.୮୨ ଲକ୍ଷ କୋଟି ଟଙ୍କା ବୃଦ୍ଧି ପାଇ ୨୦୪ ଲକ୍ଷ କୋଟି ଛୁଇଁଥିଲା। ଗତ ବର୍ଷ ସେନସେକ୍ସ ୨୦,୦୪୦ ପଏଣ୍ଟ (୬୮%) ବଢ଼ିଛି। କୋଭିଡ୍-୧୯ ଅନିଶ୍ଚିତତା ସତ୍ତ୍ୱେ ବଜାରରେ ବୃଦ୍ଧି ଧାରା ଅବିରତ ରହିଛି।

ଇଜିପ୍ଟ ଏବଂ ଇରାନ ଭଳି କିଛି ବଜାରକୁ ଛାଡ଼ିଦେଲେ ସାରା ବିଶ୍ୱର ଶେୟାର ବଜାର ଉର୍ଦ୍ଧ୍ୱଗାମୀ ରହୁଥିବା ଜିଓଜିତ ଫାଇନାନ୍ସିଆଲ ସର୍ଭିସେସର ମୁଖ୍ୟ ନିବେଶ ଷ୍ଟ୍ରାଟେଜିଷ୍ଟ ଭି.କେ.ବିଜୟ କୁମାର କହିଛନ୍ତି। ସାରା ବିଶ୍ୱରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ପଦକ୍ଷେପ ଫଳରେ ବଜାରରେ ନଗଦ ଉନ୍ନତ ରହିଛି।

# ଦକ୍ଷିଣପୂର୍ବ ରେଲୱେର ନୂଆ ଜିଏମ୍

କୋଲକାତା, ୧।୮

ଦକ୍ଷିଣ ପୂର୍ବ ରେଲୱେର ନୂଆ ଜେନେରାଲ ମ୍ୟାନେଜର ଭାବେ ଅର୍ଚ୍ଚନା ଜୋଶୀ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ସେ ୧୯୮୫ ବ୍ୟାଚ୍ ରେଳ ଟ୍ରାଫିକ ସେବା ଅଧିକାରୀ। ନୂଆ ଦାୟିତ୍ୱ ପୂର୍ବରୁ ସେ ରେଳ ବୋର୍ଡର ଟୁରିଜମ ଏବଂ କ୍ୟାଟରିଂର ଅତିରିକ୍ତ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଦକ୍ଷିଣ ପୂର୍ବ ରେଲୱେର ଜିଏମ୍ ହେବାରେ ସେ ପ୍ରଥମ ମହିଳା। ଜୋଶୀ ପଞ୍ଜାବ ୟୁନିଭର୍ସିଟିରୁ ସୋସିଓଲୋଜିରେ ସ୍ନାତକ ଏବଂ ପବ୍ଲିକ ପଲିସି ଆଣ୍ଡ ଆଡମିନିଷ୍ଟ୍ରେଶନରେ ଏମ୍.ଫିଲ୍ ଡିଗ୍ରୀ ହାସଲ କରିଛନ୍ତି। କ୍ରୀଡା ସହ ସାମାଜିକ ଏବଂ ସାଂସ୍କୃତିକ ବିଷୟରେ ତାଙ୍କର ରୁଚି ରହିଛି।



ଅର୍ଚ୍ଚନା ଜୋଶୀ

# ଭୁବନେଶ୍ୱରକୁ ଆଲାଏନ୍ସର ବିମାନ ସେବା

ଭୁବନେଶ୍ୱର, ୧।୮

ଆଲାଏନ୍ସ ଏୟାର ପକ୍ଷରୁ କୋଲକାତାରୁ ଭୁବନେଶ୍ୱରକୁ ବିମାନ ସେବା ଯୋଗାଣ ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ବର୍ଷ ଅଗଷ୍ଟ ୧୧ରୁ ଭାୟା ରାଞ୍ଚି ଦେଇ ଏହି ନୂଆ ବିମାନ ସେବା ଉପଲବ୍ଧ ହେବ। ଏହି ସହରଗୁଡିକୁ ସଂଯୋଗ କରିବାକୁ କମ୍ପାନୀ ୭୦ ସିଟ୍ ବିଶିଷ୍ଟ ଏକ ବିଳାସପୂର୍ଣ୍ଣ ବିମାନ ନିୟୋଜିତ କରିଛି। ଏହି ବିମାନ ପ୍ରତି ସପ୍ତାହର ସୋମବାର, ବୁଧବାର, ଶୁକ୍ରବାର ଏବଂ ରବିବାର ଉଡାଣ କରିବ। ଏହା କୋଲକାତାରୁ ସକାଳ ୮ରୁ ବାହାରି ରାଞ୍ଚିରେ ୯.୪୦ରେ ପହଞ୍ଚିବ। ସେଠାରୁ ୧୦.୧୦ରୁ ବାହାରି ଭୁବନେଶ୍ୱରରେ ୧୧.୧୫ରେ ପହଞ୍ଚିବ। ସେହିଭଳି ଭୁବନେଶ୍ୱରରୁ ୧୧.୪୫ରୁ ଛାଡି ରାଞ୍ଚିରେ ୧୨.୫୦ ଏବଂ ରାଞ୍ଚିରୁ ୧.୧୫ରୁ ବାହାରି କୋଲକାତାରେ ୨.୫୦ରେ ପହଞ୍ଚିବ।

# ଭୋଡାଫୋନ ମାମଲା: ଭାରତ ଆବେଦନର ଶୁଣାଣି ସେପ୍ଟେମ୍ବରରେ

ମୁମ୍ବାଇ, ୧।୮

ବ୍ରିଟେନଭିତ୍ତିକ ଟେଲିକମ କମ୍ପାନୀ ଭୋଡାଫୋନ ଉପରେ ଭାରତ ସରକାରଙ୍କ ୨୨,୧୦୦ କୋଟି ଟଙ୍କାର ଟିକସ ଦାବିକୁ ସିଙ୍ଗାପୁର ମଧ୍ୟସ୍ଥତା ଅଦାଲତ ଖାରଜ କରିଦେଇଥିଲେ। ଏହାର ପୁନର୍ବିଚାର କରିବାକୁ ଭାରତ ଆବେଦନ କରିଥିଲା। ମାମଲାର ଶୁଣାଣି ସେପ୍ଟେମ୍ବରରେ କରିବାକୁ କୋର୍ଟ କହିଛନ୍ତି। ମାମଲାର ଶୁଣାଣି ଲାଗି ସିଙ୍ଗାପୁର ଉପରିସ୍ଥ କୋର୍ଟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି। ୨୦୦୭ରେ ଭୋଡାଫୋନ ଭାରତର ଏକ ଅପରେଟର ଅଧିଗ୍ରହଣ କରିବାକୁ ନେଇ ଏହା ଉପରେ ଟିକସ ଦାବି କରାଯାଇଥିଲା। ଏହି ମାମଲାର ଶୁଣାଣି ଗତ ବର୍ଷ ସେପ୍ଟେମ୍ବର ୨୫ରେ ହେବା ସହ ମଧ୍ୟସ୍ଥତା ଅଦାଲତ ଏହାକୁ ଖାରଜ କରିଦେଇଥିଲେ।

୧୬ତମ ଜନ୍ମଦିନ ଶୁଭେଚ୍ଛା



ସ୍ୱୀକୃତି ପଟ୍ଟନାୟକ
ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର
ତୋର ୧୬ତମ ଜନ୍ମଦିନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାଇବାବାଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ ସର୍ବଦା କୁସୁମିତ ହେଉ ତଥା ଯଶସ୍ୱୀ କରନ୍ତୁ। -:ଶୁଭେଚ୍ଛା ସହ:- ବୋଉମା, ମାମି, ପାପା, ମାମା, ମଣ୍ଟୁକାକୁ, ସାନମା, ଟଣ୍ଟୁକାକୁ, କାକୀ, ଚିଣ୍ଟୁକାକୁ, ସାନକାକୀ, ବୁଲୁ ଭାଇନା, ଅପା, ଗୁଡୁ ଭାଇ, ପ୍ରେମ, ରାଜ, ଶ୍ୱେତା, ସିଦ୍ଧେଶ, ଅଜା, ଆଈ, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୨୩୩

ମନେ ପଡ଼ନ୍ତି
ଏକାଦଶାହ କର୍ମ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅନଙ୍ଗ ମଞ୍ଜରୀ ଦାସ
ସ୍ଥାନ: ଲିଙ୍ଗପଡ଼ା, ସୋର
ଆବିର୍ଭାବ: ୧୫।୦୫।୧୯୩୮
ତିରୋଧାନ: ୨୩।୦୭।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଅମର ଆତ୍ମାର ଶାନ୍ତି କାମନାରେ ପ୍ରିୟ ପରିଜନବର୍ଗଙ୍କ ବିନମ୍ର ଶ୍ରଦ୍ଧାଞ୍ଜଳି ।
ଧ-୨୧୨୨୭

ଫୁରସତ୍

# ୩୯ ବର୍ଷରେ ଦ୍ୱାଦଶ ଛାତ୍ରୀ

**ଡେରାଡୁନ:** ଚେଷ୍ଟା ଜାରି ରଖିଥିବା ବ୍ୟକ୍ତି ଦିନେ ନା ଦିନେ ସଫଳତାର ଦ୍ୱାରଦେଶରେ ପହଞ୍ଚିଥାନ୍ତି, ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛନ୍ତି ୩୯ ବର୍ଷୀୟା କମଳା ରାୱତ। ପିଲାଦିନେ ଅଧିକ ପାଠ ପଢ଼ିବାର ସୁଯୋଗ ପାଇ ନ ଥିଲେ ବୋଲି ଏବେ ନିଜ ସ୍ୱପ୍ନ ପୂରଣ କରି ପାରିଛନ୍ତି। ଏଇ ବୟସରେ ସେ ଦ୍ୱାଦଶ ଶିକ୍ଷା ଶେଷ କରି ଆଗକୁ ଆହୁରି ପଢ଼ିବା ପାଇଁ ଇଚ୍ଛା ରଖିଛନ୍ତି।



ଉତ୍ତରାଖଣ୍ଡ ଚମେଲି ଜିଲାସ୍ଥିତ ଠେଲି ଗାଁର ବାସିନ୍ଦା କମଳା ରାୱତ। ୨୦୦୬ରେ ଏହି ଗାଁରେ ତାଙ୍କର ବିବାହ ହୋଇଥିଲା। ୩୯ ବର୍ଷର ଏହି ମହିଳା ଜଣକ ଏବେ କିନ୍ତୁ କଲେଜ ଛାତ୍ରୀ ପାଲଟିଛନ୍ତି। ଦ୍ୱାଦଶ ଶ୍ରେଣୀ ପାସ୍ କରିବା ପରେ ଆଗକୁ ପୁଣି ପଢ଼ିବା ପାଇଁ ନାଁ ଲେଖାଇଛନ୍ତି। ତେବେ ଅଧିକ ପଢ଼ିବାକୁ ରହିଥିବା ଆଗ୍ରହ ପାଇଁ ଏବେ କମଳା ପାଠ ପଢୁଥିବା କହନ୍ତି। ପିଲାଦିନେ ଅର୍ଥ ଅଭାବରୁ କମଳା ମାତ୍ର ଅଷ୍ଟମ ଶ୍ରେଣୀରୁ ପାଠପଢ଼ା ବନ୍ଦ କରିଦେଇଥିଲେ। ଆଉ ତା'ପରେ ବିବାହ କରି ସଂସାର ଜଞ୍ଜାଳରେ ଛନ୍ଦି ହୋଇଯାଇଥିଲେ। କିନ୍ତୁ ଏସବୁ ପରେ ବି ସେ ପାଠ ପଢ଼ିବାର ଆଗ୍ରହକୁ ଛାଡ଼ିପାରି ନ ଥିଲେ। ତେଣୁ କମଳା ନିଜ ପିଲାମାନଙ୍କୁ ପାଠ ପଢ଼ାଇବା ସମୟରେ ନିଜେ ମଧ୍ୟ ପଢ଼ିବା ଆରମ୍ଭ କରିଥିଲେ। ପାଠ ପଢ଼ିବାକୁ ପ୍ରବଳ ଆଗ୍ରହ ଥିବା ଦେଖି ଶାଶୁଘର ଲୋକେ ବି ତାଙ୍କୁ ସାହାଯ୍ୟ କରିଥିଲେ। ତା'ପରେ କମଳା ଆରମ୍ଭ କଲେ ପାଠପଢ଼ା। ଅଧାରୁ ଛାଡ଼ିଥିବା ପାଠକୁ ସେ ପୁଣି ଥରେ ଆରମ୍ଭ କଲେ। ଫଳରେ ଏବେ ସେ ଦ୍ୱାଦଶ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ କମଳାଙ୍କ ବଡ଼ ଝିଅ ଦଶମ ଶ୍ରେଣୀରେ ପଢୁଥିବାବେଳେ ସେ ଥିଲେ ଦ୍ୱାଦଶ ଶ୍ରେଣୀର ଛାତ୍ରୀ। କମଳାଙ୍କ ପୁଅ ଅଷ୍ଟମରେ ଏବଂ ସାନଝିଅ ପଞ୍ଚମ ଶ୍ରେଣୀରେ ପଢୁଛନ୍ତି। ପିଲାମାନଙ୍କ ସହ କମଳା ପାଠ ପଢ଼ି ଏବେ ସଫଳତା ପାଇଥିବାରୁ ବେଶ୍ ଖୁସି ଅଛନ୍ତି ଏବଂ ତାଙ୍କ ପରିବାରର ସମସ୍ତେ ମଧ୍ୟ ତାଙ୍କୁ ଅଧିକ ପଢ଼ିବା ପାଇଁ ପ୍ରେରଣା ଦେଉଛନ୍ତି। ଅଧିକ ପଢ଼ିବା ପାଇଁ ବୟସ ଆଦୌ ବାଧକ ହୁଏନି ବୋଲି କହନ୍ତି କମଳା। ସେଥିପାଇଁ ସେ ଏବେ କଲେଜରେ ନାଁ ଲେଖାଇଛନ୍ତି।

# ସୁନା ଭଳି ଚମକିଲା ପାଣି

**ପ୍ରାଗ:** ଚେକ ରିପବ୍ଲିକ୍ ଗବେଷକମାନେ ପାଣି ଠୋପାରୁ ସୁନା ତିଆରି କରିଛନ୍ତି। ପ୍ରାଗର ଚେକ୍ ଏକାଡେମୀ ଅଫ ସାଇନ୍ସରେ ବାୟୋକେମିକାଲ ବୈଜ୍ଞାନିକମାନଙ୍କ ଦ୍ୱାରା ଏଭଳି ଅସାଧାରଣ କାର୍ଯ୍ୟ କରାଯାଇଛି। ଅତ୍ୟଧିକ ଚାପ ପ୍ରୟୋଗ କରି ଏକ ସ୍ୱତନ୍ତ୍ର ପ୍ରଣାଳୀରେ ଏହା କରାଯାଇଛି। ପାଣିଠୋପା ଉପରେ ୧୫୦ ଲକ୍ଷ ବାୟୁମଣ୍ଡଳୀୟ ଚାପ ପ୍ରୟୋଗ କରି ବୈଜ୍ଞାନିକ ଏଭଳି ଚମତ୍କାର କରିବାକୁ ସକ୍ଷମ ହୋଇପାରିଛନ୍ତି। ବୈଜ୍ଞାନିକ ପାଭେଲ ଜଙ୍ଗୱର୍ଥ ଏଥିପାଇଁ ଅନ୍ୟ ଏକ ସ୍ୱତନ୍ତ୍ର ପଦ୍ଧତି ଗ୍ରହଣ କରିଥିଲେ। ସେ ଇଲେକ୍ଟ୍ରୋନ ଶେୟାରିଂ ପାଇଁ ଆଲକାଲି ମେଟାଲର ଉପଯୋଗ କରିଥିଲେ। ସୋଡିୟମ-ପୋଟାସିୟମ ପରି ଅଧିକ ପ୍ରତିକ୍ରିୟାଶୀଳ ଗ୍ରୁପ୍‌ର ଧାତୁ ଉପଯୋଗ କରି ସେ ଏହି ସଫଳତା ହାସଲ କରିପାରିଛନ୍ତି। ସାଧାରଣତଃ ପାଣି ସହିତ ପ୍ରତିକ୍ରିୟା ହେବା ସମୟରେ ପ୍ରଚଣ୍ଡ ବିସ୍ଫୋରଣ ଘଟିଥାଏ। ତେଣୁ ଏହାକୁ ଏଡ଼ାଇବା ଲାଗି ଏକ ମନ୍ଥର ପ୍ରତିକ୍ରିୟା ମାଧ୍ୟମରେ ପରୀକ୍ଷଣ କରାଯାଇଥିଲା। ଏକ ଟେଷ୍ଟ ଟ୍ୟୁବ୍‌ରେ ପାଣି ଠୋପା ସହିତ ପୋଟାସିୟମ ଏବଂ ସୋଡିୟମ ରଖାଯାଇଥିଲା। ଏକ ଭାକ୍ୟୁମ ଚାମ୍ବରରେ ଏହାକୁ ରଖାଯାଇଥିଲା। ଏହି ମିଶ୍ରଣର କିଛି ବୁନ୍ଦା ଟେଷ୍ଟ ଟ୍ୟୁବ୍‌ରୁ ବାହାର କରାଯାଇ ସେଥିରେ କିଛି ବାଷ୍ପ ଭର୍ତ୍ତି କାରାଯାଇଥିଲା। ଫଳରେ ଏହି ବୁନ୍ଦା ଉପରେ ଥିବା ପାଣି କିଛି ସେକେଣ୍ଡ ପାଇଁ ଫ୍ରିଜ୍ ହୋଇଯାଇଥିଲା। ମିଶ୍ରଣର ବୁନ୍ଦାଗୁଡ଼ିକରୁ ଇଲେକ୍ଟ୍ରନ ପାଣି ଠୋପା ଭିତରକୁ ଚାଲିଗଲା ଏବଂ କିଛି ସେକେଣ୍ଡ ପାଇଁ ପାଣି ଠୋପା ସୁନାରେ ପରିଣତ ହୋଇଯାଇଥିଲା।

# ଦୀପିକା ପାଦୁକୋନ ଗର୍ଭବତୀ ଥିବା ଚର୍ଚ୍ଚା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ କେବେ ମା ହେବାକୁ ଯାଉଛନ୍ତି ବୋଲି ପ୍ରଶ୍ନରୁ ବର୍ତ୍ତି ପାରୁନାହାନ୍ତି। ନିକଟରେ ଏକ ହସ୍ପିଟାଲ ବାହାରେ ଦୀପିକା ନଜର ଆସିବା ପରେ ତାଙ୍କ ଗର୍ଭଧାରଣକୁ ନେଇ ପ୍ରଶଂସକମାନେ ତାଙ୍କୁ ପୁଣି ପ୍ରଶ୍ନ କରିଛନ୍ତି। ପୂର୍ବରୁ ଢିଲା ପୋଷାକ ପିନ୍ଧିବା ଯୋଗୁ ତାଙ୍କୁ ଏପରି ସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ସ୍ୱାମୀ ରଣବୀର ସିଂଙ୍କ ସହ ଦୀପିକା ପାଦୁକୋନଙ୍କୁ ନିକଟରେ ମୁମ୍ବାଇର ହିନ୍ଦୁଜା ହସ୍ପିଟାଲ ବାହାରେ ଦେଖିବାକୁ ମିଳିଥିଲା। ରଣବୀର ଏକ ଧଳା ଟି-ଶର୍ଟ ପିନ୍ଧିଥିବାବେଳେ ଦୀପିକାଙ୍କୁ କଳା ଟପ୍‌ରେ ଦେଖିବାକୁ ମିଳିଥିଲା। ତେବେ ସେମାନେ ଡାକ୍ତରଖାନାକୁ ଯିବାର କାରଣ ସ୍ପଷ୍ଟ ବିଷୟରେ ସ୍ପଷ୍ଟ କରିନାହାନ୍ତି। ଉଭୟଙ୍କ ଏହି ଫଟୋ ସାମ୍ନାକୁ ଆସିବା ମାତ୍ରେ ୟୁଜର୍ସମାନେ ସମାନ କଥା ପୁନରାବୃତ୍ତି କରିଛନ୍ତି। ଦୀପିକା ଗର୍ଭବତୀ ଥାଇପାରନ୍ତି, ସେଥିପାଇଁ ରଣବୀର ତାଙ୍କୁ ହସ୍ପିଟାଲ ନେଇଥିବା ଅନେକେ ସୋସିଆଲ ମିଡିଆରେ କମେଣ୍ଟ ଦେଇଛନ୍ତି। ଅନ୍ୟ ଜଣେ ଲେଖିଛନ୍ତି, 'ଦୀପିକା ଗର୍ଭବତୀ ଏବଂ ନିୟମିତ ରୁଟିନ ଯାଞ୍ଚ ପାଇଁ ଡାକ୍ତରଖାନା ଯାଉଛନ୍ତି'। ଦୀପିକାଙ୍କୁ ପୂର୍ବରୁ ମଧ୍ୟ ଏପରି ପ୍ରଶ୍ନ କରାଯିବାରୁ ସେ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ। ଗର୍ଭବତୀ ହେଲେ ତାହାକୁ ସେ ଲୁଚାଇପାରିବେ ନାହିଁ ବୋଲି କହିଥିଲେ। ଯଦି ପ୍ରକୃତରେ ଏପରି ହୁଏ ତେବେ ସେ ନିଜେ ତାଙ୍କ ପ୍ରଶଂସକମାନଙ୍କୁ ଜଣାଇବେ ବୋଲି ପ୍ରତିକ୍ରିୟା ରଖିଥିଲେ।

# କଏନରେ ୬ ଦିନ ରହେ ଭୂତାଣୁ

**ବର୍ଲିନ:** କରୋନା ଭୂତାଣୁ ଟଙ୍କା ଅଥବା କଏନ ଦ୍ୱାରା ବ୍ୟାପେ କି ନାହିଁ ସେ ନେଇ ଜର୍ମାନୀର ବୈଜ୍ଞାନିକମାନଙ୍କ ଦ୍ୱାରା ହୋଇଥିବା ଏକ ଗବେଷଣାର ରିପୋର୍ଟରେ ଉଲ୍ଲେଖ କରାଯାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ, କରୋନା ଭୂତାଣୁ ଷ୍ଟିଲ କଏନ୍‌ରେ ୬ ଦିନ ରହିପାରିଥାଏ। ସେହିପରି କାଗଜ ନୋଟ୍‌ରେ ୩ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିପାରିଥାଏ। ତେବେ ନଗଦ ଟଙ୍କା କାରବାର ସମୟରେ କରୋନା ମହାମାରୀ ସଂକ୍ରମଣ ହେବାର ଆଶଙ୍କା କମ୍ ରହିଥାଏ। ପ୍ରଫେସର ଆଇ.କେ. ଷ୍ଟେନମ୍ୟାନ ଏବଂ ଡ. ଡାନିଏଲ ଟୋଡଙ୍କ ନେତୃତ୍ୱରେ ଗବେଷକମାନେ ଏକ ମଡେଲ ସୃଷ୍ଟି କରିଥିଲେ। ସାଇନ୍ସ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ଗବେଷକମାନେ କଏନ ଏବଂ କାଗଜ ଟଙ୍କାରେ କରୋନା ଭୂତାଣୁ କେତେ ଦିନ ବଞ୍ଚିରୁହେ ତାହା ଜାଣିବାକୁ ଚେଷ୍ଟା କରିଥିଲେ। ଶୁଖିଲା ପୃଷ୍ଠଭାଗରୁ କୌଣସି ସଂକ୍ରମଣ ହୁଏ ନାହିଁ। ଅଧିକାଂଶ କ୍ଷେତ୍ରରେ ଏରୋସୋଲ କିମ୍ବା ଡ୍ରପଲେଟ୍‌ସ ସଂକ୍ରମଣର କାରଣ ବୋଲି ରିପୋର୍ଟରେ ଦର୍ଶାଯାଇଛି। କଏନ ଅବା କାଗଜ ନୋଟ ଦ୍ୱାରା ଭୂପୃଷ୍ଠରୁ ଲୋକଙ୍କୁ ସଂକ୍ରମଣ ହେବାର ଆଶଙ୍କା ବହୁତ କମ। ଅକ୍ଟୋବର ୨୦୨୦ରେ ଏକ ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା ଯେ କରୋନା ଭୂତାଣୁ କଏନ, କାଗଜ ଟଙ୍କା, ଗ୍ଲାସ, ପ୍ଲାଷ୍ଟିକ ଏବଂ ଷ୍ଟେନଲେସ ଷ୍ଟିଲରେ ୨୮ ଦିନ ପର୍ଯ୍ୟନ୍ତ ସକ୍ରିୟ ରହିଥାଏ। ଏହି ଗବେଷଣା ଅଷ୍ଟ୍ରେଲିଆର ଏଜେନ୍ସି ସିଏସଆଇଆର୍‌ଓ ଦ୍ୱାରା ସମ୍ପନ୍ନ ହୋଇଥିଲା। ଏଥିରେ ଗବେଷକମାନେ ଏକ ମାସ ପାଇଁ ବିଭିନ୍ନ ପୃଷ୍ଠରେ କରୋନା ଭୂତାଣୁ ଛାଡିଥିଲେ।



CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NURSING
ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN
GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୂଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୂଠକରଣୀ
Baba Rejvan Khan
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9650844651

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସନ୍ତରଣରେ ମ୍ୟାକେନଙ୍କୁ ୭ ପଦକ



ମହିଳା ୫୦ ମିଟର ଫ୍ରିଷ୍ଟାଇଲ ଫାଇନାଲ ଜିତିବାପରେ ଅଷ୍ଟ୍ରେଲିଆର ଇମା ମ୍ୟାକେନ।

ଟୋକିଓ,୧।୮(ଏପି)

ଟୋକିଓ ଅଲିମ୍ପିକ୍ସ ସନ୍ତରଣ ପ୍ରତିଯୋଗିତାରେ ଅଷ୍ଟ୍ରେଲିଆର ଏମା ମ୍ୟାକେନ ରବିବାର ଆଉ ଦୁଇଟି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଫଳରେ ଅଲିମ୍ପିକ୍ସର ଗୋଟିଏ ସଂସ୍କରଣରେ ୭ଟି ପଦକ ଜିତିବା ସହ ସୋଭିଏଟ୍ ଜିମ୍ନାଷ୍ଟ ମାରିଆଙ୍କ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ମ୍ୟାକେନ ୧୦୦ମିଟର ଜିତିସାରିବା ପରେ ୨୩.୮୧ ସେକେଣ୍ଡ ଟାଇମିଂରେ ୫୦ ମିଟର ଫ୍ରିଷ୍ଟାଇଲ ଜିତି ଏକ ଅଲିମ୍ପିକ ରେକର୍ଡ ପ୍ରତିଷ୍ଠା କରିଥିଲେ। ଫଳରେ ସେ ଡବଲ ସ୍ପ୍ରିଣ୍ଟ ସଫଳତା ହାସଲ କରିଥିଲେ। ଏହାର ୩୦ ମିନିଟ ପରେ ମ୍ୟାକେନ ସୁଇମିଂ ପୁଲ୍‌କୁ ଓହ୍ଲାଇଥିଲେ। ସେ ପୁଣି ବିଜୟ ଲାଭ କରିଥିଲେ। ଏଥର ସେ ଅଷ୍ଟ୍ରେଲିଆ ୪x୧୦୦ ମିଡ୍‌ଲେ ରିଲେ ଦଳର ସଦସ୍ୟ ଥିଲେ। ତାଙ୍କ ଟିମ୍ ଅଲିମ୍ପିକ ରେକର୍ଡ ସମୟରେ ରେସ୍ ଜିତିଥିଲା। ମ୍ୟାକେନ ଟୋକିଓରୁ ୪ ସ୍ୱର୍ଣ୍ଣ ଓ ୩ ବ୍ରୋଞ୍ଜ ସହ ସ୍ୱଦେଶ ଫେରିବେ। ଏହାଦ୍ୱାରା ସେ ୧୯୫୨ରେ ହେଲସେଙ୍କିରେ ସୋଭିଏଟ୍ ଜିମ୍ନାଷ୍ଟ ମାରିଆ ଗୋରୋଖୋଭସ୍କାୟାଙ୍କ ଦ୍ୱାରା ପ୍ରତିଷ୍ଠା ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ବ୍ରିସ୍‌ବେନ ବାସିନ୍ଦା ୨୭ ବର୍ଷୀୟା ମାକେନ ଏକ ସନ୍ତରଣ ପରିବାରରୁ ଆସିଛନ୍ତି। ସେ ଓ ତାଙ୍କ ଭାଇ ଡେଭିଡ୍ ୧୯୬୦ ପରେ ପ୍ରଥମ ଭାଇ-ଭଉଣୀ ଭାବେ ୫ବର୍ଷ ପୂର୍ବେ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ସେଠାରେ ମ୍ୟାକେନ ଗୋଟିଏ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ଜିତିଥିଲେ। ତାଙ୍କ ପିତା ରୋନ୍ ହେଉଛନ୍ତି ଜଣେ ସନ୍ତରଣକାରୀ, ଯିଏକି ସିଡ୍‌ନୀଠାରେ ଏକ ରନ୍-ଟୁ-ସୁଇମ୍ ସେଣ୍ଟର ପରିଚାଳନା କରୁଛନ୍ତି। ମ୍ୟାକନ କହିଛନ୍ତି, ତାଙ୍କର ପଦକ ସଂଖ୍ୟା ପ୍ରତି ଧ୍ୟାନ ନ ଥିଲା। ତାଙ୍କ କଠିନ ପରିଶ୍ରମ ଫଳ ଯୋଗୁ ସେ ଏହି ସମ୍ମାନର ଅଧିକାରିଣୀ ହୋଇପାରିଛନ୍ତି। ମ୍ୟାକନ କହିଛନ୍ତି ତାଙ୍କର ପିଲାଦିନରୁ ଅଲିମ୍ପିକ୍ସ ଉପରେ ନଜର ରହିଥିଲା। ମ୍ୟାକନଙ୍କର ଜଣେ ଟିମ୍‌ମେଟ୍ କାଇଲ ଚାଲମର୍ସ କହିଛନ୍ତି ଅଲିମ୍ପିକ୍ସରେ ଗୋଟିଏ ସ୍ୱର୍ଣ୍ଣ ଜିତିବା କେତେ କଷ୍ଟକର ବ୍ୟାପାର ମ୍ରାକନ ଏତେ ପଦକ କିପରି ଜିତିପାରୁଛନ୍ତି ସେ ଭାବି ପାରୁ ନାହାନ୍ତି। ତାଙ୍କୁ ଟିମ୍‌ରେ ପାଇ ଆମେ ଭାଗ୍ୟବାନ ମନେ କରୁଛୁ।

## ଇସ୍ରାଏଲ ପାଇଁ ସ୍ୱର୍ଣ୍ଣ ଜିତିଲେ ଡୋଲ୍‌ଗୋପ୍ୟାତ୍

**ଟୋକିଓ, ୧।୮ (ଏପି):** ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଇସ୍ରାଏଲ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଛନ୍ତି ଆର୍ଟେମ ଡୋଲ୍‌ଗୋପ୍ୟାତ୍। ଟାଇବ୍ରେକ୍‌ରେ ସ୍ପେନର ରେଡର୍ଲି ଜାପାଟାଙ୍କୁ ପରାସ୍ତ କରି ପୁରୁଷ ଫ୍ଲୋର ଏକ୍ସରସାଇଜ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି। ଇଭେଣ୍ଟର ଫାଇନାଲରେ ଡୋଲଗୋପ୍ୟାତ ଓ ଜାପାଟା ସମାନ ୧୪.୯୩୩ ପଏଣ୍ଟ ସ୍କୋର କରିଥିଲେ। କିନ୍ତୁ ଡୋଲଗୋପ୍ୟାତଙ୍କ କ୍ରୀଡ଼ା ନୈପୁଣ୍ୟ ଉନ୍ନତ ଥିବାରୁ ସେ ସ୍ୱର୍ଣ୍ଣ ଜିତିଥିଲେ। ଚାଇନାର ଜିଆଓ ରୁଡେଙ୍ଗ୍ ବ୍ରୋଞ୍ଜ ପାଇଥିଲେ। ଟୋକିଓରେ ଏହା ହେଉଛି ତାଙ୍କର ତୃତୀୟ ପଦକ। କୌଣସି ଅଲିମ୍ପିକ ଇଭେଣ୍ଟରେ ଇସ୍ରାଏଲ ପାଇଁ ଏହା ହେଉଛି ଦ୍ୱିତୀୟ ପଦକ। ଗଲ୍ ଫ୍ରିଡ୍‌ମ୍ୟାନ ୨୦୦୪ ଏଥେନ୍ସ ଗେମ୍ସରେ ପୁରୁଷ ସେଲ୍‌ବୋର୍ଡରେ ଏକ ସ୍ୱର୍ଣ୍ଣ ଜିତିଥିଲେ।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୨୪ | ୧୪ | ୧୩ | ୫୧ |
| ଆମେରିକା | ୨୦ | ୨୩ | ୧୬ | ୫୯ |
| ଜାପାନ | ୧୭ | ୫ | ୯ | ୩୧ |
| ଅଷ୍ଟ୍ରେଲିଆ | ୧୪ | ୩ | ୧୪ | ୩୧ |
| ଆରଓସି | ୧୨ | ୧୯ | ୧୩ | ୪୪ |
| ଗ୍ରେଟ ବ୍ରିଟେନ | ୧୦ | ୧୦ | ୧୨ | ୩୨ |
| ଫ୍ରାନ୍ସ | ୫ | ୧୦ | ୬ | ୨୧ |
| ଦକ୍ଷିଣ କୋରିଆ | ୫ | ୪ | ୮ | ୧୭ |
| ଇଟାଲୀ | ୪ | ୮ | ୧୫ | ୨୭ |
| ନେଦରଲାଣ୍ଡ୍ସ | ୪ | ୭ | ୬ | ୧୭ |
| ଜର୍ମାନୀ | ୪ | ୪ | ୧୧ | ୧୯ |
| ନ୍ୟୁଜିଲାଣ୍ଡ | ୪ | ୩ | ୪ | ୧୧ |
| ଚେକ୍ ରିପବ୍ଲିକ୍ | ୪ | ୩ | ୧ | ୮ |
| କାନାଡ଼ା | ୩ | ୪ | ୭ | ୧୪ |
| ସୁଇଜରଲାଣ୍ଡ | ୩ | ୪ | ୫ | ୧୨ |
| କ୍ରୋଏସିଆ | ୩ | ୨ | ୨ | ୭ |
| ଚାଇନିଜ୍ ତାଇପେ | ୨ | ୪ | ୪ | ୧୦ |
| ବ୍ରାଜିଲ | ୨ | ୩ | ୫ | ୧୦ |
| ହଙ୍ଗେରି | ୨ | ୨ | ୨ | ୬ |
| ସ୍ଲୋଭେନିଆ | ୨ | ୧ | ୧ | ୪ |
| ଇକ୍ୱେଡର | ୨ | ୦ | ୦ | ୨ |
| କୋସୋଭୋ | ୨ | ୦ | ୦ | ୨ |
| କାତାର | ୨ | ୦ | ୦ | ୨ |
| ସ୍ପେନ | ୧ | ୩ | ୩ | ୭ |
| ଜର୍ଜିଆ | ୧ | ୩ | ୧ | ୫ |
| ରୋମାନିଆ | ୧ | ୩ | ୦ | ୪ |
| ସୁଇଡେନ | ୧ | ୩ | ୦ | ୪ |
| ଭେନଜୁଏଲା | ୧ | ୩ | ୦ | ୪ |
| ହଂକଂ | ୧ | ୨ | ୦ | ୩ |
| ଦକ୍ଷିଣ ଆଫ୍ରିକା | ୧ | ୨ | ୦ | ୩ |
| ସ୍ଲୋଭାକିଆ | ୧ | ୨ | ୦ | ୩ |
| ଅଷ୍ଟ୍ରିଆ | ୧ | ୧ | ୩ | ୫ |
| ଡେନମାର୍କ | ୧ | ୧ | ୨ | ୪ |
| ସର୍ବିଆ | ୧ | ୧ | ୨ | ୪ |
| ବେଲଜିୟମ | ୧ | ୧ | ୧ | ୩ |
| ଜାମାଇକା | ୧ | ୧ | ୧ | ୩ |
| ନରୱେ | ୧ | ୧ | ୧ | ୩ |
| ପୋଲାଣ୍ଡ | ୧ | ୧ | ୦ | ୨ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ଆୟର୍ଲାଣ୍ଡ | ୧ | ୦ | ୨ | ୩ |
| ଇସ୍ରାଏଲ | ୧ | ୦ | ୨ | ୩ |
| ତୁର୍କୀ | ୧ | ୦ | ୨ | ୩ |
| ବେଲାରୁଷ | ୧ | ୦ | ୧ | ୨ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଫିଜି | ୧ | ୦ | ୧ | ୨ |
| ଉଜ୍‌ବେକିସ୍ତାନ | ୧ | ୦ | ୧ | ୨ |
| ବର୍ମୁଡା | ୧ | ୦ | ୦ | ୧ |
| ଇଥିଓପିଆ | ୧ | ୦ | ୦ | ୧ |
| ଗ୍ରୀସ୍ | ୧ | ୦ | ୦ | ୧ |
| ଇରାନ | ୧ | ୦ | ୦ | ୧ |
| ଲାଟ୍‌ଭିଆ | ୧ | ୦ | ୦ | ୧ |
| ଫିଲିପାଇନ୍ସ | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| କଲମ୍ବିଆ | ୦ | ୨ | ୧ | ୩ |
| ଡୋମିନିକାନ ରିପବ୍ଲିକ | ୦ | ୨ | ୦ | ୨ |
| ୟୁକ୍ରେନ | ୦ | ୧ | ୫ | ୬ |
| ଇଣ୍ଡୋନେସିଆ | ୦ | ୧ | ୨ | ୩ |
| ମଙ୍ଗୋଲିଆ | ୦ | ୧ | ୨ | ୩ |
| କ୍ୟୁବା | ୦ | ୧ | ୧ | ୨ |
| **ଭାରତ** | **୦** | **୧** | **୧** | **୨** |
| ପର୍ତ୍ତୁଗାଲ | ୦ | ୧ | ୧ | ୨ |
| ସାନ୍ ମାରିନୋ | ୦ | ୧ | ୧ | ୨ |
| ଉଗାଣ୍ଡା | ୦ | ୧ | ୧ | ୨ |
| ବୁଲଗେରିଆ | ୦ | ୧ | ୦ | ୧ |
| ଜୋର୍ଡାନ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| କାଜାଖସ୍ତାନ | ୦ | ୦ | ୩ | ୩ |
| ମେକ୍ସିକୋ | ୦ | ୦ | ୩ | ୩ |
| ଆଜରବୈଜାନ | ୦ | ୦ | ୨ | ୨ |
| ଇଜିପ୍ଟ | ୦ | ୦ | ୨ | ୨ |
| ଆର୍ଜେଣ୍ଟିନା | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| ଫିନ୍‌ଲାଣ୍ଡ | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ମାଲେସିଆ | ୦ | ୦ | ୧ | ୧ |

## ପୁରୁଷ ୧୦୦ମିଟର ଜିତିଲେ ଜାକବ୍ସ

ଟୋକିଓ, ୧।୮ (ଏପି)

ମାର୍ସେଲ ଜାକବ୍ସ ଅଲିମ୍ପିକ ପୁରୁଷ ୧୦୦ମିଟର ରେସ୍ ଜିତିଛନ୍ତି। ସେ ୯.୮ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। ଇଟାଲୀ ପାଇଁ ସେ ପ୍ରଥମ ଥର ସ୍ପ୍ରିଣ୍ଟ ସ୍ୱର୍ଣ୍ଣ ଆଣି ଦେଇଛନ୍ତି। ପୁରୁଷ ୧୦୦ ମିଟର ରେସ୍ କିଏ ଜିତିବ ସେ ନେଇ ପୂର୍ବାନୁମାନ କରାଯାଇ ପାରୁ ନ ଥିଲା। ଜାକବ୍ସଙ୍କ ବିଜୟ ଆଶ୍ଚର୍ଯ୍ୟଜନକ ଥିଲା। ସେ ଆମେରିକାର ଫ୍ରେଡ୍ କେର୍ଲି ଓ କାନାଡାର ଆଣ୍ଡ୍ରେ ଡିଗ୍ରାସିଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବର୍ତ୍ତମାନ ଅବସର ନେଇଥିବା ଉସେନ ବୋଲ୍ଟ ୧୩ ବର୍ଷ ହେଲା ପୁରୁଷ ୧୦୦ ମିଟର ରେସ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଆସିଥିଲେ। ଜାକବ୍ସଙ୍କ ବିଜୟର କିଛି ମିନିଟ ପୂର୍ବରୁ ତାଙ୍କ ଦେଶର ଜିଆନମାର୍କୋ ଟାମ୍ବେରି କାତାର ହାଇଜମ୍ପର ମୁତାଜ ଏସାବାର୍ସିମଙ୍କ ସହ ଟାଇ କରି ହାଇଜମ୍ପରେ ସ୍ୱର୍ଣ୍ଣ ଜିତିଥିଲେ। ରବିବାର ଟ୍ରିପଲ ଜମ୍ପରେ ଭେନେଜୁଏଲାର ୟୁଲିମାର ରୋଜାସ ୫୧ ଫୁଟ୍ ୫ ଇଞ୍ଚ ଲମ୍ଫ ପ୍ରଦାନ କରି ୨୬ବର୍ଷ ତଳର ବିଶ୍ୱରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଜାକବ୍ସଙ୍କ ବିଜୟ ପରେ ତାଙ୍କ ବିଷୟରେ ଜାଣିବା ଲାଗି ଆଗ୍ରହ ସୃଷ୍ଟି ହେବା ସ୍ୱାଭାବିକ। ଟେକ୍ସାସର ଏଲ୍ ପାସୋରେ ହେଉଛି ତାଙ୍କର ଜନ୍ମ। ତାଙ୍କ ପିତା ହେଉଛନ୍ତି ଆମେରିକାନ ଏବଂ ମା' ଇଟାଲିଆନ। ସେ ଛୋଟ ଥିବାବେଳେ ୟୁ.ଏସ. ମିଲିଟାରି ତାଙ୍କ ପିତାଙ୍କୁ ଦକ୍ଷିଣ କୋରିଆକୁ ବଦଳି କରିଦେଇଥିଲା। ସେ ସମୟରେ ସେ ମା'ଙ୍କ ସହିତ ଇଟାଲୀ ପଳାଇ ଆସିଥିଲେ। ଜାକବ୍ସ କିଛିବର୍ଷ ଧରି ଜଣେ ଲଙ୍ଗଜମ୍ପ ସ୍ପେଶାଲିଷ୍ଟ ଥିଲେ। ୟୁରୋପିଆନ ଚାମ୍ପିୟନସିପରେ ଇନ୍‌ଡୋର ୬୦ ମିଟର ବିଜୟ ତାଙ୍କର ସବୁଠାରୁ ବଡ଼ ସଫଳତା ଥିଲା। ବର୍ତ୍ତମାନ ସେ ଜଣେ ଅଲିମ୍ପିକ ସ୍ପ୍ରିଣ୍ଟ ଚାମ୍ପିୟନ ଭାବେ ବୋଲ୍ଟଙ୍କ ସହ ସମାନ ତାଲିକାରେ ସ୍ଥାନ ପାଇଛନ୍ତି।



ମାର୍ସେଲ ଜାକବ୍ସ

## ଦୂତୀଙ୍କ ୨୦୦ ମିଟର ରେସ୍ ଆଜି

ଭୁବନେଶ୍ୱର, ୧।୮(କ୍ରୀଡ଼ା ପ୍ରତିନିଧି)

ଟୋକିଓ ଅଲିମ୍ପିକ୍ସର ମହିଳା ୨୦୦ ମିଟର ହିଟ୍ ସୋମବାର ଅନୁଷ୍ଠିତ ହେବ। ଭାରତରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଦୂତୀ ଚାନ୍ଦ ଏଥିରେ ଅଂଶଗ୍ରହଣ କରିବେ। ହିଟ୍ ନମ୍ବର ୪ରେ ଦୂତୀ ଦୌଡ଼ିବେ। ୨୦୦ ମିଟରରେ ଦୂତୀଙ୍କ ଶ୍ରେଷ୍ଠ ଟାଇମିଂ ହେଉଛି ୨୩.୦୦ ସେକେଣ୍ଡ। ଏହି ହିଟ୍‌ରେ ରେସ୍ କରିବାକୁ ଥିବା ଅନ୍ୟ ୭ ପ୍ରତିଯୋଗୀ ହେଲେ ଆମେରିକାର ଗାବ୍ରିଏଲେ ଥୋମାସ (ଶ୍ରେଷ୍ଠ ଟାଇମିଂ ୨୧.୬୧ ସେକେଣ୍ଡ), ନାମ୍ବିଆର ଖ୍ରିଷ୍ଟିନେ ଏମ୍‌ବୋମା (୨୨.୬୭), ବ୍ରାଜିଲର କ୍ରିଷ୍ଟିନା ଭିକ୍ଟୋରିଆ ରୋଜା (୨୨.୬୨), ନାଇଜେରିଆର ଅମିନାତୌ ସେୟିନୀ, ଜର୍ମାନୀର ଜେସିକା-ବିୟାଙ୍କା ୱେସୋଲି (୨୨.୮୯) ଏବଂ ଜାମ୍ବିଆର ରୋଡା ଏନଜୋଭୁ(୨୨.୬୯ ସେକେଣ୍ଡ) । ୨୦୦ ମିଟରରେ ମୋଟ ୬ଟି ହିଟ୍ ଅନୁଷ୍ଠିତ ହେବ। ପ୍ରତି ହିଟ୍‌ର ଶ୍ରେଷ୍ଠ ୩ ଜଣ ଏବଂ ଅବଶିଷ୍ଟ ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ଟାଇମିଂ ରଖିଥିବା ୩ ପ୍ରତିଯୋଗୀ ସେମିଫାଇନାଲକୁ ଉନ୍ନୀତ ହେବେ। ଭାରତୀୟ ସମୟ ସକାଳ ୭ଟା ୨୪ରେ ହିଟ୍-୧ ଆରମ୍ଭ ହେବ। ପ୍ରକାଶଯୋଗ୍ୟ ଯେ, ଦୂତୀ ମହିଳା ୧୦୦ ମିଟର ରେସ୍‌ରେ ମଧ୍ୟ ଭାଗ ନେଇଥିଲେ। ମାତ୍ର ହିଟ୍‌ରେ ୧୧.୫୪ ସେକେଣ୍ଡ ସମୟ ନେଇ ବାଦ୍ ପଡ଼ିଥିଲେ।



ଟୋକିଓ ଅଲିମ୍ପିକ୍ସ ଗେମ୍ସ ଭିଲେଜରେ ଦୂତୀ ଚାନ୍ଦ।

## ବକ୍ସିଂରେ ଭାରତକୁ ଝଟକା

ଟୋକିଓ,୧।୮(ପି.ଟି.)

ଅଲିମ୍ପିକ୍ସ ବକ୍ସିଂରେ ଆଉ ଜଣେ ଭାରତୀୟ ପଦକ ଦାବିଦାର କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଲିମ୍ପିକ୍ସରେ ପଦାର୍ପଣ କରିଥିବା ବକ୍ସର ସତୀଶ କୁମାର +୯୧ କେ.ଜି. ବର୍ଗ ଇଭେଣ୍ଟର କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ଭାରତୀୟ ପ୍ରଶଂସକଙ୍କୁ ନିରାଶ କରିଛନ୍ତି। ରବିବାର ସତୀଶ ଏହି ନିର୍ଣ୍ଣାୟକ ବାଉଟ୍‌ରେ ବିଶ୍ୱ ଚାମ୍ପିୟନ ଉଜ୍‌ବେକିସ୍ତାନର ବାଖୋଦିର ଜାଲୋଲୋଭଙ୍କଠାରୁ ୦-୫ରେ ପରାସ୍ତ ହୋଇଛନ୍ତି। ଏହି ବାଉଟ୍‌ରେ ସତୀଶ ପୂର୍ବ ପ୍ରଦର୍ଶନ ଦୋହରାଇବାରେ ବିଫଳ ହୋଇଥିଲେ। ତେବେ ଏହା ସତ୍ତ୍ୱେ ତାଙ୍କ ପ୍ରଦର୍ଶନକୁ ଅଣଦେଖା କରିହେବନାହିଁ। ଏଥିସହ ଅଲିମ୍ପିକ୍ସ ବକ୍ସିଂରେ ଭାରତୀୟ ଅଭିଯାନ ଶେଷ ହୋଇଛି।

ସେ ଭାରତର ପ୍ରଥମ ସୁପର ହେଭିୱେଟ ବକ୍ସର ଭାବେ ଅଲିମ୍ପିକ୍ସକୁ କ୍ୱାଲିଫାଏ କରି ଇତିହାସ ସୃଷ୍ଟି କରିଥିଲେ। ଏହାପରେ ସେ କ୍ୱାର୍ଟର ଫାଇନାଲକୁ ଉଠିବା ମଧ୍ୟ ଏକ ବଡ଼ ସଫଳତା ଥିଲା। ପୂର୍ବରୁ ସତୀଶ ଏକାଧିକବାର ଜାତୀୟ ଚାମ୍ପିୟନଶିପ ହାସଲ କରିଥିଲେ। ସେ ମଧ୍ୟ ଦୁଇଥର ଏସିଆନ ଗେମ୍ସ ବ୍ରୋଞ୍ଜ ପଦକ ଜିତିଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ସତୀଶଙ୍କ ପ୍ରଦର୍ଶନକୁ ଭାରତୀୟ ବକ୍ସିଂ ହାଇ ପରଫର୍ମାନ୍ସ ଡାଇରେକ୍ଟର ସାଣ୍ଟିଆଗୋ ନିଏଭା ପ୍ରଶଂସା କରିଛନ୍ତି। ଉଜବେକିସ୍ତାନର ଜାଲୋଲୋଭ ଏକ ସ୍ୱତନ୍ତ୍ର ପ୍ରତିଭା। ତାଙ୍କ ବିପକ୍ଷରେ ବିଜୟ ହାସଲ କରିବା ନିଶ୍ଚିତ ଭାବେ କଷ୍ଟକର ଥିଲା ବୋଲି ସେ କହିଛନ୍ତି।

ସୈନ୍ୟବାହିନୀରେ ଚାକିରି କରୁଥିବା ୩୨ ବର୍ଷୀୟ ସତୀଶ କ୍ୟାରିୟରର ସବୁଠାରୁ ବୃହତ୍ ବାଉଟ୍‌ରେ ଅବତୀର୍ଣ୍ଣ ହୋଇଥିଲେ। କ୍ୱାର୍ଟର ଫାଇନାଲରେ ତାଙ୍କ ପ୍ରଦର୍ଶନ ସେତେଟା ଉତ୍ସାହଜନକ ନ ଥିଲା। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଥିବା ସତୀଶଙ୍କୁ ଜାଲୋଲୋଭ କୌଣସି ସୁଯୋଗ ଦେଇ ନ ଥିଲେ। ପୂର୍ବତନ କବାଡି ଖେଳାଳି ତଥା ଉତ୍ତରପ୍ରଦେଶ ବୁଲନ୍ଦ ସହରର ସତୀଶ ଆକ୍ରମଣାତ୍ମକ ଖେଳି ପ୍ରଦର୍ଶନ କରିଥିଲେ। ସତୀଶଙ୍କ ଆଖିର ଉପରେ ୧୩ଟି ଷ୍ଟିଚ୍ ପଡିଥିଲା। ଇଞ୍ଜୁରି ସତ୍ତ୍ୱେ ସେ ବିଶ୍ୱର ଏହି ୧ ନମ୍ବର ଖେଳାଳିଙ୍କ ବିପକ୍ଷରେ ଲଢେଇ କରିବାକୁ ପଛାଇ ନ ଥିଲେ। ଏହା ତାଙ୍କ ସାହସ ଓ ଦେଶଭକ୍ତିର ପରିଚୟ ଦେଇଛି। ସତୀଶ ଦେଶକୁ ଗର୍ବିତ କରିଛନ୍ତି ବୋଲି ବକ୍ସିଂ ଫେଡେରେଶନ ଅଫ ଇଣ୍ଡିଆ (ବିଏଫ୍‌ଆଇ) ଅଧ୍ୟକ୍ଷ ଅଜୟ ସିଂ କହିଛନ୍ତି।

### କ୍ୱାର୍ଟରରେ ହାରିଲେ ସତୀଶ କୁମାର

ଫୁଟ୍‌ବଲରୁ ବକ୍ସର ବନିଥିବା ୨୭ ବର୍ଷୀୟ ଜାଲୋଲୋଭ ମଧ୍ୟ ସତୀଶଙ୍କୁ ପ୍ରଶଂସା କରିଛନ୍ତି। ଜାଲୋଲୋଭ ୨୦୧୭ ପରଠାରୁ ୩ଥର ଏସିଆନ ଚାମ୍ପିୟନଶିପ୍ ହାସଲ କରିଛନ୍ତି। ଏଥିସହ ଅଲିମ୍ପିକ୍ସ ବକ୍ସିଂରେ ଭାରତୀୟ ଅଭିଯାନ ଶେଷ ହୋଇଛି। କେବଳ ମହିଳା ବକ୍ସର ଲଭଲିନା ବୋରଗୋହେନ ୬୯ କେ.ଜି. ବର୍ଗରେ ସେମିଫାଇନାଲରେ ପ୍ରବେଶ କରି ପଦକ ନିଶ୍ଚିତ କରିଛନ୍ତି। ସେ ଏଥିସହ ପ୍ରଥମ ଭାରତୀୟ ବକ୍ସର ଭାବେ ଚଳିତ ସଂସ୍କରଣରେ ପଦକ ହାସଲ କରିବେ। ଶନିବାର ବିଶ୍ୱର ୧ ନମ୍ବର ଭାରତୀୟ ବକ୍ସର ଅମିତ ପଙ୍ଘାଲ ୫୨ କେ.ଜି. ବର୍ଗରେ ରିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା କଲମ୍ବିଆର ୟୁବେରଜେନ ମାର୍ଟିନେଜଙ୍କଠାରୁ ୧-୪ରେ ପରାସ୍ତ ହୋଇଥିଲେ। ସେହିପରି ବିକାଶ କ୍ରିଷ୍ଣାନ (୬୯ କେ.ଜି.), ମନୀଷ କୌଶିକ (୬୩ କେ.ଜି.) ଓ ଆଶିଷ ଚୌଧୁରୀ (୭୫ କେ.ଜି.) ପୂର୍ବରୁ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅନ୍ୟପଟେ ମହିଳା ବକ୍ସିଂରେ ୬ଥର ବିଶ୍ୱ ଚାମ୍ପିୟନଶିପ ହାସଲ କରିଥିବା ମେରୀକମ୍ (୫୧ କେ.ଜି.), ଦୁଇଥର ଏସିଆନ ଚାମ୍ପିୟଶନଶିପ ହାସଲ କରିଥିବା ପୂଜା ରାନୀ (୭୫ କେ.ଜି) ଓ ସିମରନଜିତ କୌର (୬୦ କେ.ଜି.) ପ୍ରିଲିମିନାରି ପର୍ଯ୍ୟାୟରେ ପରାସ୍ତ ହୋଇ ବିଦାୟ ନେଇ ସାରିଛନ୍ତି।



ସତୀଶ କୁମାର ଓ ବାଖୋଦିର ଜାଲୋଲୋଭଙ୍କ ମଧ୍ୟରେ ଲଢ଼େଇ।

## ସୋମବାର ଭାରତର କାର୍ଯ୍ୟସୂଚୀ (ଭାରତୀୟ ସମୟ ଅନୁସାରେ)

**ଆଥଲେଟିକ୍ସ:**
- ମହିଳା ୨୦୦ମିଟର ହିଟ୍ ୪-ଦୂତୀ ଚାନ୍ଦ, ସମୟ: ସକାଳ ୭ଟା ୨୫ ମିନିଟ।
- ମହିଳା ଡିସ୍‌କସ୍ ଥ୍ରୋ ଫାଇନାଲ-କମଲପ୍ରୀତ୍ କୌର, ସମୟ: ଅପରାହ୍ନ ୪ଟା ୩୦।

**ଅଶ୍ୱାରୋହଣ:**
- ଇଭେଣ୍ଟିଂ ସେକଣ୍ଡ ହୋସ୍ ଇନ୍ସପେକ୍‌ଶନ, ସମୟ: ସକାଳ ୬ଟା।
- ଇଭେଣ୍ଟିଂ ଜମ୍ପିଂ ବ୍ୟକ୍ତିଗତ କ୍ୱାଲିଫାୟର-ଫୌଆଦ ମିର୍ଜା, ସମୟ: ଅପରାହ୍ନ ୧ଟା ୩୦।
- ଇଭେଣ୍ଟିଂ ବ୍ୟକ୍ତିଗତ ଜମ୍ପିଂ ଫାଇନାଲ, ସମୟ: ଅପରାହ୍ନ ୫ଟା ୧୫।

**ହକି:**
- ମହିଳା କ୍ୱାର୍ଟରଫାଇନାଲ-ଭାରତ ବନାମ ଅଷ୍ଟ୍ରେଲିଆ, ସମୟ: ସକାଳ ୮ଟା ୩୦।

**ଶୁଟିଂ:**
- ପୁରୁଷ ୫୦ ମିଟର ରାଇଫଲ ଥ୍ରି ପୋଜିଶନ୍ସ କ୍ୱାଲିଫିକେଶନ-ସଞ୍ଜୀବ ରାଜପୁତ ଓ ଐଶ୍ୱରୀ ପ୍ରତାପ ସିଂ ତୋମାର, ସମୟ: ସକାଳ ୮ଟା।
- ପୁରୁଷ ୫୦ ମିଟର ରାଇଫଲ ଥ୍ରି ପୋଜିଶନ୍ସ ଫାଇନାଲ, ସମୟ: ଅପରାହ୍ନ ୧ଟା ୨୦ ମିନିଟ୍।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ସୋମବାର, ଅଗଷ୍ଟ ୨/୨୦୨୧ Balasore, Monday, August 2/ 2021

# ହକି ଗୌରବ ଫେରିବା ଆଭାସ

**ଟୋକିଓ, ୧।୮ (ପି.ଟି.)**

ଦୀର୍ଘ ବ୍ୟବଧାନରେ ଭାରତୀୟ ପୁରୁଷ ହକି ଦଳ ଅଲିମ୍ପିକ୍ସର ସେମିଫାଇନାଲରେ ପ୍ରବେଶ କରିଛି। ଫଳରେ ଲକ୍ଷଲକ୍ଷ ଭାରତୀୟ ଏବେ ପୁଣି ହକି ପ୍ରେମରେ ପଡ଼ି ଯାଇଛନ୍ତି। ସୋସିଆଲ ମିଡିଆରେ ଏହା ଏବେ ଚର୍ଚ୍ଚିତ ଖବର ହୋଇଛି। ରବିବାର କ୍ୱାର୍ଟର ଫାଇନାଲରେ ଭାରତ ୩-୧ ଗୋଲରେ ଗ୍ରେଟ୍ ବ୍ରିଟେନକୁ ହରାଇଥିବାରୁ ୧୯୮୦ ପରେ ଅଲିମ୍ପିକ୍ସରେ ପଦକ ଜିତିବା ସମ୍ଭାବନା ଉଜ୍ଜୀବିତ ହୋଇଛି। ଭାରତ ପକ୍ଷରୁ ଦିଲପ୍ରୀତ ସିଂ, ଗୁରଜନ୍ତ ସିଂ ଓ ହାର୍ଦ୍ଦିକ ସିଂ ଗୋଲ ଦେଇଥିଲେ। ପୂର୍ବତନ ହକି ଖେଳାଳି, କ୍ରିକେଟର ଏବଂ ରାଜନେତାଙ୍କ ସହ ସାଧାରଣ ଜନତା ସେମାନଙ୍କ ଭାବାବେଗ ଜଣାଇଛନ୍ତି।

"୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତ ଶେଷଥରପାଇଁ ପଦକ ଜିତିଥିଲା। ତେଣୁ ଭାରତୀୟ ହକି ପାଇଁ ଏବେ ସ୍ମରଣୀୟ ମୁହୂର୍ତ୍ତ ଆସିଛି। ମୁଁ ସେମାନଙ୍କ ପାଇଁ ଗର୍ବିତ, ପିଲାମାନଙ୍କୁ ଅଭିନନ୍ଦନ। ଭାରତର ବିଜୟରେ ମୋ ଆଖିରେ ଲୁହ ଆସି ଯାଇଥିଲା। ଟୋକିଓରେ ଜାତୀୟ ତ୍ରିରଙ୍ଗା ଉଡ଼ାଇଥିବାରୁ ଧନ୍ୟବାଦ" ବୋଲି ପୂର୍ବତନ ଅଧିନାୟକ ବୀରେନ ରସ୍କିନା ଟୁଇଟ୍ କରିଛନ୍ତି। ଅଲିମ୍ପିକ୍ସର କ୍ୱାର୍ଟର ଫାଇନାଲ ବିଜୟ ଦ୍ୱାରା ତୁମେ ଅଧିକ ଭୋକିଲା ହେବାସହ ଦଳଗତ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ହୁଅ। ଏବେ ପ୍ରତିଦ୍ୱନ୍ଦ୍ୱୀ ବେଲଜିୟମ। ଶୀଘ୍ର ଶାରୀରିକ ସୁସ୍ଥତା ହାସଲ କରି ସେମିଫାଇନାଲ ପାଇଁ ପ୍ରସ୍ତୁତ ରୁହ। ସାରା ଦେଶ ତୁମକୁ ଦେଖୁଛି ଏବଂ ଉତ୍ସାହିତ କରୁଛି ବୋଲି ରସ୍କିନା ଲେଖିଛନ୍ତି। ଭାରତର ଏକମାତ୍ର ବ୍ୟକ୍ତିଗତ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକଧାରୀ ଶୁଟର ଅଭିନବ ବିନ୍ଦ୍ରା ଏବଂ ୨୦୧୨ ବ୍ରୋଞ୍ଜ ମେଡାଲିଷ୍ଟ ଗଗନ ନାରଙ୍ଗ ମଧ୍ୟ ମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଆଜିର ସନ୍ଧ୍ୟା ଶୁଭ ଥିଲା। ସୁପର ଶୋ' ହକି ଇଣ୍ଡିଆ। ଆଉ ୨ଟି ମ୍ୟାଚର ବ୍ୟବଧାନ ବୋଲି ବିନ୍ଦ୍ରା ଟୁଇଟ୍ କରିଛନ୍ତି। ଏଥିରେ ସେ ବ୍ରୋଞ୍ଜ ପଦକ ବିଜୟିନୀ ପି.ଭି. ସିନ୍ଧୁଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି। 'ଚକ୍ ଦେ ଇଣ୍ଡିଆ'। ଭାରତୀୟ ହକି ପାଇଁ ଏହା ଏକ ସ୍ମରଣୀୟ ମୁହୂର୍ତ୍ତ। ୧୯୭୨ ଅଲିମ୍ପିକ୍ସ ପରେ ଭାରତ ଗ୍ରେଟ୍ ବ୍ରିଟେନକୁ ପରାସ୍ତ କରି ପ୍ରଥମଥରପାଇଁ ସେମିଫାଇନାଲରେ ପ୍ରବେଶ କଲା। ମଜା ଆସିଗଲା। ସେମିଫାଇନାଲ ପାଇଁ ଶୁଭେଚ୍ଛା ବୋଲି ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ଟୁଇଟ୍ କରିଛନ୍ତି। ଭାରତରେ ଥିବା ଅଷ୍ଟ୍ରେଲିଆ ହାଇ କମିଶନରାରୀ' ଫାରେଲ ମଧ୍ୟ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତ-ଅଷ୍ଟ୍ରେଲିଆ ଫାଇନାଲ ହେବ ବୋଲି ସେ ଆଶା କରିଛନ୍ତି। ଗ୍ରେଟ୍ ଗେମ୍ ହକି ଇଣ୍ଡିଆ, ତୁମେ ବିଜୟ ପାଇଁ ହକ୍‌ଦାର ଥିଲ। ଭାରତ ଓ ଅଷ୍ଟ୍ରେଲିଆ ସେମିଫାଇନାଲ ଜିତିବା ଆଶା ବୋଲି ସେ ଲେଖିଛନ୍ତି। କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଲେଖିଛନ୍ତି ଯେ, ଭାରତ ଚମତ୍କାର ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କଲା, ଅତି ଚମତ୍କାର।



ଗୋଲ ଦେବାପରେ ଦିଲପ୍ରୀତ ସିଂଙ୍କୁ ସୁମିତ ବଧେଇ ଜଣାଉଛନ୍ତି।


ଗୁରଜନ୍ତ ସିଂ

## ଜର୍ମାନୀ-ଅଷ୍ଟ୍ରେଲିଆ ସେମିଫାଇନାଲ

**ଟୋକିଓ,୧।୮:** ଅଲିମ୍ପିକ୍ସ ପୁରୁଷ ହକି ଇଭେଣ୍ଟରେ ଜର୍ମାନୀ ଓ ଅଷ୍ଟ୍ରେଲିଆ ସେମିଫାଇନାଲରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ରବିବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ଗୁଡ଼ିକରେ ଏହି ଦୁଇ ଦେଶ ବିଜୟୀ ହୋଇ ସେମିକୁ ଉଠିଛନ୍ତି। ପୁଲ୍-ବି ରନର୍ସଅପ୍ ଜର୍ମାନୀ କ୍ୱାର୍ଟରରେ ୩-୧ ଗୋଲରେ ୨୦୧୬ ରିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ଆର୍ଜେଣ୍ଟିନାକୁ ହରାଇ ସେମି ଟିକେଟ ହାସଲ କରିଛି। ଏଥିସହ ଜର୍ମାନୀ କ୍ରମାଗତ ପଞ୍ଚମଥର ପାଇଁ ଅଲିମ୍ପିକ୍ସ ସେମିରେ ପ୍ରବେଶ କରିଛି। ସେହିପରି ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ପୁଲ୍- ଏ' ଚାମ୍ପିୟନ ଅଷ୍ଟ୍ରେଲିଆ ଓ ପୁଲ୍- ବି'ର ଚତୁର୍ଥ ସ୍ଥାନରେ ଥିବା ନେଦରଲାଣ୍ଡ୍ସ ପରସ୍ପରକୁ ଭେଟିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଏହାପରେ ଅଷ୍ଟ୍ରେଲିଆ ଶୁଟ୍ ଆଉଟ୍‌ରେ ୩-୦ରେ ବିଜୟୀ ହୋଇ ସେମିକୁ ଉଠିଛି। ଅଷ୍ଟ୍ରେଲିଆ ଚାମ୍ପିୟନ ଭଳି ଖେଳ ପ୍ରଦର୍ଶନ କରିଥିଲା। ଶୁଟ୍ ଆଉଟ୍‌ରେ ଅଷ୍ଟ୍ରେଲିଆ ଗୋଲକିପର ଆଣ୍ଡ୍ର୍ୟୁ ଚାର୍ଟର ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ କରି ଅଷ୍ଟ୍ରେଲିଆକୁ ଜିତାଇବା ସହ ନେଦରଲାଣ୍ଡ୍ସକୁ ପରାସ୍ତ କରିଥିଲେ।

## ଭାରତ-ଅଷ୍ଟ୍ରେଲିଆ କ୍ୱାର୍ଟର ଫାଇନାଲ ଆଜି

**ମହିଳା ହକି**

**ଟୋକିଓ,୧।୮:** ଅଲିମ୍ପିକ୍ସ ମହିଳା ହକି ଇଭେଣ୍ଟରେ ଭାରତୀୟ ଦଳ ଏବେ ଇତିହାସ ଦୋହରାଇବା ଲକ୍ଷ୍ୟରେ ରହିଛି। ସୋମବାର ରାନୀ ରାମପଲଙ୍କ ନେତୃତ୍ୱାଧୀନ ଭାରତ କ୍ୱାର୍ଟର ଫାଇନାଲରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଭେଟିବ। ଭାରତ ଏଥିରେ ବିଜୟୀ ହେଲେ ସେମିରେ ପ୍ରବେଶ କରିବ।

ପୁଲ୍- ଏ'ରେ ଭାରତ ୫ଟି ମ୍ୟାଚ୍ ଖେଳି ୨ ବିଜୟ ଓ ୩ ପରାଜୟ ସହ ୬ ପଏଣ୍ଟ ହାସଲ କରି ଚତୁର୍ଥ ସ୍ଥାନରେ ରହିଥିଲା। ଅନ୍ୟପଟେ ଅଷ୍ଟ୍ରେଲିଆ ପୁଲ୍- ବି'ରେ ୫ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟ ହାସଲ କରି ୧୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିଥିଲା। ଭାରତ ପୁଲ୍ ପର୍ଯ୍ୟାୟରେ ପ୍ରଥମ ୩ଟି ମ୍ୟାଚ୍‌ରେ କ୍ରମାଗତ ପରାଜୟ ବରଣ କରିଥିଲା। ତେବେ ଏହାପରେ ପ୍ରତ୍ୟାବର୍ତ୍ତନ କରି ଭାରତ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ବିଜୟ ହାସଲ କରିଥିଲା। ଭାରତ ଅନ୍ତିମ ଦୁଇଟି ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ୧-୦ ଓ ଦକ୍ଷିଣ ଆଫ୍ରିକାକୁ ୪-୩ ଗୋଲରେ ହରାଇଥିଲା। କିନ୍ତୁ ଏହାପୂର୍ବରୁ ନେଦରଲାଣ୍ଡ୍ସ, ଜର୍ମାନୀ ଓ ଗତଥରର ଚାମ୍ପିୟନ ଗ୍ରେଟ୍ ବ୍ରିଟେନଠାରୁ ପରାସ୍ତ ହୋଇଥିଲା। ପୁଲ୍ ପର୍ଯ୍ୟାୟର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥାନ୍ତି। ପୁଲ୍- ଏ'ର ଅନ୍ତିମ ମ୍ୟାଚ୍‌ରେ ବ୍ରିଟେନ ୨-୦ ଗୋଲରେ ଆୟର୍ଲାଣ୍ଡକୁ ହରାଇବା ଫଳରେ ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାର ପଥ ପରିଷ୍କାର ହୋଇଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ବନ୍ଦନା କାଟାରିୟା ପ୍ରଥମ ଭାରତୀୟ ମହିଳା ଖେଳାଳି ଭାବେ ହ୍ୟାଟ୍ରିକ ଗୋଲ ସ୍କୋର କରିବାର ଗୌରବ ଅର୍ଜନ କରିଥିଲେ। କ୍ୱାର୍ଟର ଫାଇନାଲରେ ବନ୍ଦନା ଏହି ଫର୍ମାଟ ବଜାୟ ରଖିବେ ବୋଲି ଆଶା କରାଯାଉଛି। ସାରା ଟୁର୍ନାମେଣ୍ଟରେ ଭାରତୀୟ ଖେଳାଳିମାନେ ଓପନ ପ୍ଲେ କିମ୍ବା ପେନାଲ୍ଟି କର୍ନର ମାଧ୍ୟମରେ ଗୋଲ କରିବାର ବହୁ ସୁଯୋଗ ସୃଷ୍ଟି କରିଥିଲେ। ତେବେ ସବୁବେଳେ ଭାରତ ଏଥିରେ ଫିନିଶ କରିବାରେ ଫେଲ୍ ମାରିଛି। ରାନୀଙ୍କ ନେତୃତ୍ୱରେ ଫରୱାର୍ଡ ଲାଇନ୍ ଭଲ ପ୍ରଦର୍ଶନ କରିଛି। କିନ୍ତୁ ଶର୍ମିଳା ଦେବୀ, ଲାଲରେମସିଆମି ଓ ରାନୀ ବହୁ ସୁଯୋଗ ହାତଛଡ଼ା କରିଛନ୍ତି। ପେନାଲ୍ଟି କର୍ନର କନଭରସନରେ ମଧ୍ୟ ଭାରତ ସାଂଘାତିକ ଭାବେ ଫେଲ୍ ମାରିଛି। ତାରକା ଡ୍ରାଗ ଫ୍ଲିକର ଗୁର୍‌ଜିତ କୌର କ୍ୱାର୍ଟରରେ ଚମକ ଦେଖାଇବେ ବୋଲି ଆଶା କରାଯାଉଛି। ପୁଲ୍ ପର୍ଯ୍ୟାୟର ୫ଟି ମ୍ୟାଚ୍‌ରେ ଭାରତ ୩୩ଟି ପେନାଲ୍ଟି କର୍ନର ପାଇଥିଲା। ତେବେ ସେଥିରୁ ମାତ୍ର ୪ଟିକୁ ଗୋଲରେ ପରିଣତ କରିଥିଲା। ବିଶ୍ୱ ର୍‍ୟାଙ୍କିଙ୍ଗରେ ଭାରତ ୧୦ ନମ୍ବର ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ ଚତୁର୍ଥ ସ୍ଥାନରେ ରହିଛି। ୨୦୧୯ ଅଗଷ୍ଟରେ ଟୋକିଓ ଅଲିମ୍ପିକ୍ସ ଟେଷ୍ଟ ଇଭେଣ୍ଟରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌କୁ ଭାରତ ୨-୨ ଗୋଲରେ ଅମୀମାଂସିତ ରଖିଥିଲା।

ଅପରପକ୍ଷରେ ଅଷ୍ଟ୍ରେଲିଆ ଏ ପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ୧୩ଟି ଗୋଲ ଦେଇଥିବା ବେଳେ ଅଷ୍ଟ୍ରେଲିଆ ମାତ୍ର ଗୋଟିଏ ଗୋଲ ବରଣ କରିଛି। ଅନ୍ୟପଟେ ଭାରତ ୧୪ଟିଗୋଲ ବରଣ କରିଥିବା ବେଳେ ମାତ୍ର ୭ଟି ଗୋଲ ସ୍କୋର କରିଛି।

# ଟେନିସ୍: ସ୍ୱର୍ଣ୍ଣ ଜିତିଲେ ଜେଭେରେଭ



**ଟୋକିଓ,୧।୮:** ଜର୍ମାନୀର ଆଲେକଜାଣ୍ଡର ଜେଭେରେଭ ଟୋକିଓ ଅଲିମ୍ପିକ୍ସ ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ବିଶ୍ୱର ୫ ନମ୍ବର ଖେଳାଳି ଜେଭେରେଭ ରୁଷିଆର କରନ ଖାଚାନୋଭଙ୍କୁ ୬-୩, ୬-୧ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଏଥିସହ ସେ କ୍ୟାରିୟରର ସର୍ବବୃହତ୍ ଟାଇଟଲ ହାସଲ କରିଛନ୍ତି। ୬ ଫୁଟ୍ ୬ ଇଞ୍ଚ ଉଚ୍ଚତାବିଶିଷ୍ଟ ଜେଭେରେଭ ବିଗ୍ ସର୍ଭ ଓ ଟୁ ହ୍ୟାଣ୍ଡେଡ ବ୍ୟାକହ୍ୟାଣ୍ଡ ପାଇଁ ସହଜରେ ବିଜୟ ହାସଲ କରିଥିଲେ ଓ ୨୫ତମ ର୍‍ୟାଙ୍କର ଖାଚାନୋଭଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ପୂର୍ବରୁ ଜେଭେରେଭ ଗତବର୍ଷ ୟୁଏସ୍ ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ଫାଇନାଲରେ ସେ ଡୋମିନିକ ଥିମ୍‌ଙ୍କଠାରୁ ହାରିଥିଲେ। ପୂର୍ବରୁ ନୋଭାକ ଜୋକୋଭିଚ୍ ଓ ରୋଜର ଫେଡରରଙ୍କ ଭଳି ଖେଳାଳି ପରାସ୍ତ ହୋଇ ବିଦା ହୋଇସାରିଛନ୍ତି।

# ଆଥଲେଟ୍ସ ଭିଲେଜରେ ଆଉଟଡୋର୍ ଡ୍ରିଙ୍କିଙ୍ଗ ପାର୍ଟି


ଆଥଲେଟ୍ସ ଭିଲେଜରେ ଜାପାନ ପୋଲିସଙ୍କ ପାଟ୍ରୋଲିଂ।

**ଟୋକିଓ, ୧।୮ (ଏପି)**

କୋଭିଡ୍ କଟକଣା ସତ୍ତ୍ୱେ ଅଲିମ୍ପିକ ଆଥଲେଟ୍ସ ଭିଲେଜରେ ଏକ ଆଉଟଡୋର୍ ଡ୍ରିଙ୍କିଙ୍ଗ ପାର୍ଟି ହୋଇଥିବା ଖବର ଏବେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଟୋକିଓ ଅଲିମ୍ପିକ ଅଫିସିଆଲମାନେ କହିଛନ୍ତି। ଆୟୋଜକ କମିଟି ସିଇଓ ତୋଶିରୋ ମୁଟୋ କହିଛନ୍ତି, ଶୁକ୍ରବାର ଭିଲେଜସ୍ଥିତ ଏକ ପାର୍କରେ ବିଳମ୍ବିତ ରାତିରେ କେତେଜଣ ଆଥଲେଟ ଏବଂ ଟିମ୍ ଅଫିସିଆଲ ମଦ୍ୟପାନ କରିଥିଲେ। ଘଟଣା ପରେ ପୋଲିସ ପହଞ୍ଚିଥିଲା। ମୁଟୋ କିନ୍ତୁ ଏଥିରେ ଅଂଶଗ୍ରହଣ କରିଥିବା ଆଥଲେଟ ଅବା କୌଣସି ଟିମ୍‌ର ସମ୍ପୃକ୍ତି କିମ୍ବା କ'ଣ ଘଟିଥିଲା, ସେ ସମ୍ପର୍କରେ କୌଣସି ବିବରଣୀ ଦେଇ ନ ଥିଲେ। କୋଭିଡ୍ ନିୟମ ଅନୁସାରେ ଏକତ୍ର ହୋଇ ମଦ୍ୟପାନକୁ ବାରଣ କରାଯାଇଥିବା ଟୋକିଓ ଅଲିମ୍ପିକ୍ସରେ ଭାଗ ନେଉଥିବା ୧୧,୦୦୦ ଆଥଲେଟଙ୍କୁ ଗେମ୍ସ ଆରମ୍ଭ ପୂର୍ବରୁ ଚେତାଇ ଦିଆଯାଇଥିଲା। ଆଥଲେଟମାନେ କିନ୍ତୁ ଚାହିଁଲେ ସେମାନଙ୍କ ରୁମ୍‌ରେ ଏକାକୀ ମଦ୍ୟପାନ କରିପାରିବେ ବୋଲି ସେମାନଙ୍କୁ କୁହାଯାଇଥିଲା। କୌଣସି ଆଥଲେଟ ନିୟମ ଉଲ୍ଲଂଘନ କଲେ ତାଙ୍କୁ ଭିଲେଜରୁ ହଟାଇ ଦିଆଯିବ। ସେମାନଙ୍କ ନିକଟରୁ ଅଲିମ୍ପିକ ପ୍ରମାଣପତ୍ର ପ୍ରତ୍ୟାହାର କରିନିଆଯିବ। ମୁଟୋ କହିଛନ୍ତି, ଘଟଣାର ତଦନ୍ତ ଚାଲିଛି। ରିପୋର୍ଟ ମିଳିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନିକଟରେ ଦୁଇଜଣ ପଦକ ବିଜୟୀ ଆଥଲେଟ ବିନା ଅନୁମତିରେ ଭିଲେଜ ବାହାରକୁ ପର୍ଯ୍ୟଟନରେ ଚାଲିଯାଇଥିବା ଜଣାପଡ଼ିବା ପରେ ସେମାନଙ୍କଠାରୁ ଅଲିମ୍ପିକ ସ୍ୱୀକୃତିପତ୍ର ପ୍ରତ୍ୟାହାର କରି ନିଆଯାଇଥିଲା। ଏହି ଆଥଲେଟ୍ ଦ୍ୱୟ ହେଲେ ଭାଖା ମାର୍ଗଭେଲାସଭିଲି ଓ ଲାଶା ଶବଦଭାସଭିଲି। ଦୁହେଁ ଜୁଡୋରେ ଜର୍ଜିଆ ପାଇଁ ରୌପ୍ୟ ଜିତିଥିଲେ। ସେମାନଙ୍କ ଇଭେଣ୍ଟ ଶେଷ ହେବାପରେ ଉଭୟଙ୍କୁ ମଙ୍ଗଳବାର ଟୋକିଓ ଟାୱାର ନିକଟରେ ଦେଖିବାକୁ ମିଳିଥିଲା। ଏହି ଘଟଣା ପାଇଁ ଜର୍ଜିଆ ଦୂତାବାସ ତରଫରୁ କ୍ଷମାପ୍ରାର୍ଥନା କରାଯାଇଥିଲା। କରୋନା ସଂକ୍ରମଣ ଆଶଙ୍କା ଥିବାରୁ ଆଥଲେଟମାନଙ୍କୁ ଅଲିମ୍ପିକ ବବଲ ଛାଡ଼ି ବାହାରକୁ ନ ଯିବା ଏବଂ ଜାପାନ ବାସିନ୍ଦାଙ୍କ ସହ ମିଳାମିଶା ନ କରିବା ଲାଗି କଡ଼ା ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଅଲିମ୍ପିକ୍ସ ବେଳେ ଟୋକିଓ ଏବଂ ଜାପାନର ଅବଶିଷ୍ଟ ଅଞ୍ଚଳରେ କରୋନା ପଜିଟିଭଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ସ୍ଥାନୀୟ ସରକାରଙ୍କ ପାଇଁ ଏହା ଚିନ୍ତାର କାରଣ ହୋଇଛି।

# ସାରା ଦେଶରେ ଖୁସିର ଲହରି

**ନୂଆଦିଲ୍ଲୀ, ୧।୮**

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ତାରକା ପି.ଭି. ସିନ୍ଧୁ ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ହାସଲ କରିବା ପରେ ସାରା ଦେଶରେ ଖୁସିର ଲହରି ଖେଳିଯାଇଛି। କ୍ରମାଗତ ଦ୍ୱିତୀୟ ଅଲିମ୍ପିକ ପଦକ ହାସଲ କରିବା ପରେ ସିନ୍ଧୁଙ୍କ ନିକଟକୁ ପ୍ରଶଂସା ଓ ଅଭିନନ୍ଦନର ସୁଅ ଛୁଟିଛି। ସମ୍ପୂର୍ଣ୍ଣ କ୍ରୀଡ଼ାଜଗତ ସିନ୍ଧୁଙ୍କ ପ୍ରଶଂସାରେ ଶତମୁଖ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ବିଶେଷ ସିନ୍ଧୁଙ୍କ ଏହି ଅସାଧାରଣ ସଫଳତାରେ ଖୁସି ଜାହିର କରି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଦେଶର ପ୍ରଥମ ମହିଳା ଖେଳାଳିଭାବେ ସିନ୍ଧୁ ଦୁଇଟି ଅଲିମ୍ପିକ ପଦକ ହାସଲ କରି ଅସାଧାରଣ ସଫଳତା ହାସଲ କରିଛନ୍ତି ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି। ସ୍ଥିର ପ୍ରଦର୍ଶନ ସହ ସମର୍ପଣ ଓ ଉତ୍କୃଷ୍ଟତାର ନୂଆ ମାପକାଠି ସିନ୍ଧୁ ଧାର୍ଯ୍ୟ କରିଛନ୍ତି। ତାଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି ବୋଲି ସେ ଉଲ୍ଲେଖ କରିଛନ୍ତି। ପଦକ ହାସଲ କରିବା ପରେ ପ୍ରଧାନମନ୍ତ୍ରୀ ସିନ୍ଧୁଙ୍କ ସହ ଫୋନରେ କଥା ହୋଇଥିଲେ ଓ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁର ମଧ୍ୟ ତାଙ୍କୁ ଏହି ଐତିହାସିକ ସଫଳତା ପାଇଁ ଅଭିନନ୍ଦନ ଜଣାଇଛନ୍ତି। ସିନ୍ଧୁ କ୍ରୀଡ଼ାରେ ପ୍ରଭାବ ବିସ୍ତାର କରି ଖେଳିବା ସହ ଇତିହାସ ସୃଷ୍ଟି କରିଛନ୍ତି ବୋଲି ଠାକୁର ଟୁଇଟ୍ କରିଛନ୍ତି। ଭାରତ ତାଙ୍କ ପାଇଁ ଗର୍ବିତ ବୋଲି ସେ ଉଲ୍ଲେଖ କରିଛନ୍ତି। ଭାରତ ପାଇଁ ଟୋକିଓ ଅଲିମ୍ପିକ୍ସରେ ପ୍ରଥମ ପଦକ ହାସଲ କରିଥିବା ଭାରୋତ୍ତୋଳିକା ମୀରାବାଈ ଚାନୁ ମଧ୍ୟ ଟୁଇଟ୍ କରି ସିନ୍ଧୁଙ୍କୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ସେହିପରି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଟୁଇଟ୍ କରି ସିନ୍ଧୁ ଦେଶ ପାଇଁ ଗୌରବ ଆଣିଦେଇଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଭାରତ ପାଇଁ ଏକମାତ୍ର ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତିଥିବା ଶୁଟର ଅଭିନବ ବିନ୍ଦ୍ରା ମଧ୍ୟ ଟୁଇଟ୍ କରି ସିନ୍ଧୁଙ୍କ ପାଇଁ ଆମେ ଗର୍ବିତ ବୋଲି ଉଲ୍ଲେଖ କରିଛନ୍ତି।

**ସିନ୍ଧୁଙ୍କୁ ଦ୍ୱିତୀୟ ଅଲିମ୍ପିକ ପଦକ**

ଅଲିମ୍ପିକ ପଦକ ହାସଲ କରିଥିବା ମହିଳା ରେସ୍‌ଲର ସାକ୍ଷୀ ମଲିକ ସିନ୍ଧୁଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଷ୍ଟ୍ରେଙ୍ଗ୍ଥ, ଷ୍ଟାମିନା ଓ ସ୍କିଲ୍ ସହ ସିନ୍ଧୁ ଦ୍ୱିତୀୟ ଅଲିମ୍ପିକ ପଦକ ହାସଲ କରିଛନ୍ତି ବୋଲି ସେ ଟୁଇଟ କରିଛନ୍ତି। ଭଲ ଖେଳିଲ ଓ ଭାରତ ତୁମ ପାଇଁ ଗର୍ବିତ ବୋଲି ସେ ଉଲ୍ଲେଖ କରିଛନ୍ତି। ଭାରତୀୟ ମୁଖ୍ୟ ବ୍ୟାଡ୍‌ମିଣ୍ଟନ କୋଚ୍ ପୁଲେଲା ଗୋପୀଚାନ୍ଦ ସିନ୍ଧୁଙ୍କ ଏହି ସଫଳତାକୁ ପ୍ରଶଂସା କରିଛନ୍ତି। କଠିନ ପରିଶ୍ରମ କରି ସେ ଦୁଇଟି ଅଲିମ୍ପିକ ପଦକ ହାସଲ କରିଛନ୍ତି ବୋଲି ସେ ଟୁଇଟ କରିଛନ୍ତି। ଏଥିପାଇଁ ସେ କ୍ରୀଡ଼ା ମନ୍ତ୍ରଣାଳୟ, ତେଲଙ୍ଗାନା ସରକାର, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ (ବିଏଆଇ)କୁ କୃତଜ୍ଞତା ଜଣାଇଛନ୍ତି। ବିଏଆଇ ଅଧ୍ୟକ୍ଷ ହିମନ୍ତ ବିଶ୍ୱ ଶର୍ମା ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉତ୍ସବ ମନାଇବାକୁ ସିନ୍ଧୁ ଆମକୁ ସୁଯୋଗ ଦେଇଛନ୍ତି। ସିନ୍ଧୁଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛୁ ବୋଲି ସେ ଟୁଇଟ୍ କରିଛନ୍ତି। ଭାରତର ପ୍ରଥମ ମହିଳା ଅଲିମ୍ପିକ୍ସ ପଦକ ବିଜୟିନୀ ତଥା ପୂର୍ବତନ ଭାରୋତ୍ତୋଳିକା କର୍ଣ୍ଣମ ମାଲେଶ୍ୱରୀ ମଧ୍ୟ ସିନ୍ଧୁଙ୍କ ଏହି ସଫଳତା ପାଇଁ ଖୁସି ଜାହିର କରିଛନ୍ତି। ସିନ୍ଧୁ କ୍ରୀଡ଼ାରେ ଏକ ବଳିଷ୍ଠ, ଐତିହାସିକ ପରମ୍ପରା ସୃଷ୍ଟି କରିଛନ୍ତି ବୋଲି ସେ କହିଛନ୍ତି। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ମଧ୍ୟ ସିନ୍ଧୁଙ୍କୁ ଅଭିନନ୍ଦନ ଜଣାଇଛି। ରେସ୍‌ଲର ବଜରଙ୍ଗ ପୁନିଆଙ୍କ ସମେତ ପୂର୍ବତନ ଓ ଏବେକାର କ୍ରିକେଟରମାନେ ସିନ୍ଧୁଙ୍କ ପାଇଁ ଖୁସି ଜାହିର କରିଛନ୍ତି। ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ), ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ, ଦ୍ରୁତ ବୋଲର ଈଶାନ୍ତ ଶର୍ମା, ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ ଟୁଇଟ୍ କରି ଏହି ଐତିହାସିକ ସଫଳତା ପାଇଁ ସିନ୍ଧୁ ଅଭିନନ୍ଦନ ଜଣାଇଛନ୍ତି।


ରବିବାର ବ୍ରୋଞ୍ଜ ପଦକ ମ୍ୟାଚ୍ ଜିତିବା ପରେ ପି.ଭି. ସିନ୍ଧୁ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ